ମାର୍ଗାରେଟ୍

ହରିହର ପଟେଲ

Digitized by srujan ka@gmail.com

ଧାମିଭେଡ଼

(ଶ୍ରୀ ହରହର ପଟେଲ)

Digitized by srujanika@gmail.com

ପ୍ରକାଶକ :

ଶ୍ରୀ କୃଷ୍ଣଚନ୍ଦ୍ର ପଟେଲ

ସିନେମା ରୋଡ୍,

ପୋ/ଜି : ସୁନ୍ଦରଗଡ଼ ।

ପ୍ରାପ୍ତିସ୍ଥାନ

ବରମିତ୍ର ଷ୍ଟୋର୍ସ

ପୋ/ଜି-ସୁନ୍ଦରଗଡ଼

ଏବଂ

ଶ୍ରୀ ଗୋକୁଳାନନ୍ଦ ପଟେଲ

ଇଉନିଟ୍-୩, ପ୍ଲଟ୍-୩୧୨, ଭୁବନେଶ୍ୱର ।

ପ୍ରଥମ ପ୍ରକାଶ

ମେ, ୧୯୭୨

ମୁଦ୍ରାକର :

ଶ୍ରୀ ରାମଚନ୍ଦ୍ର ମିଶ୍ର

ଡଗର ପ୍ରେସ୍, ପୀଠାପୁର, କଟକ-୧ ।

ମୂଲ୍ୟ ଅବନ୍ଧା—**ତିନିଟଙ୍କା**

ବନ୍ଧାଇ—**ଚାରିଟଙ୍କା**

Digitized by srujanika@gmail.com

ଦୁଇପଦ

କ୍ଷୁଦ୍ରଗଳ୍ପ ବହୁବିଧ ହୋଇପାରେ । ତେବେ କ୍ରମେ କ୍ରମେ କ୍ଷୁଦ୍ରଗଳ୍ପ ଲେଖିବା ସକାଶେ କେତୋଟି ମାତ୍ର ନିର୍ଦ୍ଧାରିତ ହୋଇ ଯାଇଛି । ବିଶେଷତଃ ଫରାସୀ ବିପ୍ଳବ ପରେ ଏହାର ଅଭ୍ୟୁଦୟ ହୋଇଥିବାରୁ ଦୈନନ୍ଦିନ ଜୀବନର ଭିତ୍ତିଭୂମି ଉପରେ ଏହାକୁ ପ୍ରତିଷ୍ଠାକରି ଏକ ବାସ୍ତବ ଭୂମିକା ପ୍ରଦାନ କରିବା ପାଇଁ ପାଶ୍ଚାତ୍ୟ ସମାଲୋଚକବୃନ୍ଦ ଆପ୍ରାଣ ଚେଷ୍ଟା କରିଛନ୍ତି । ଫିଜିଚରିଷ୍ଟ ସଂପ୍ରଦାୟଙ୍କ ଆଭିମୁଖ୍ୟ ନେଇ ଯାନ୍ତ୍ରିକ ପ୍ରସାର ସମ୍ବଳିତ ମାନବିକ ଜୀବନର କମ୍ପୂତକମାକାର ସଂଘର୍ଷକୁ ରୂପ ଦେବାପାଇଁ ଏବଂ ନାତିଦୀର୍ଘ ନିବନ୍ଧ ମଧ୍ୟରେ ଏହାର ସଂଳାପକୁ ଅବରୁଦ୍ଧ କରିବା ପାଇଁ ଚେଷ୍ଟା ମଧ୍ୟ ଚାଲିଛି ।

କ୍ଷୁଦ୍ରଗଳ୍ପ ଲେଖିବାରେ ମୁଁ ପୂର୍ବାପର ଫିଜିଚରିଷ୍ଟ ମତବାଦ ଦ୍ୱାରା ପ୍ରଭାବାନ୍ୱିତ ନ ହେଲେ ମଧ୍ୟ ଏକ ଶିଳ୍ପାଞ୍ଚଳର ଅଧିବାସୀ ରୂପେ ସଂସ୍କୃତି ସମ୍ବଳିତ ଯାନ୍ତ୍ରିକ ପ୍ରସାରର ଦ୍ୱନ୍ଦ୍ୱ ତଥା ସଂଘର୍ଷ ଏକ ପ୍ରକାର ପ୍ରତ୍ୟକ୍ଷ ଅନୁଭବ କରିପାରିଛି । ନୂତନ ଯାନ୍ତ୍ରିକ ପ୍ରଣାଳୀ ଏବଂ ଏକ ନୂତନ ସଭ୍ୟତା ଓ ସଂସ୍କୃତିର ସଂକ୍ରମଣରେ ବହୁ ପ୍ରାଚୀନ ଆଦିମ ସଂସ୍କୃତି କିପରି ଧ୍ୱସ୍ତବିଧ୍ୱସ୍ତ ହେଉଛି ତାହା ବରାବର ଲକ୍ଷ୍ୟକରି ପାରିଛି ।

ଏ ପରାଜୟର ପରିଣାମ ବୋଧହୁଏ ଅତି ଦୁଃଖାନ୍ତକ ହେବ । ଅନିବାର୍ଯ୍ୟ ଧ୍ୱଂସ ମୁଖରୁ ଏହାକୁ ବଞ୍ଚାଇ ରଖିବାର କୌଣସି ପ୍ରଚେଷ୍ଟା ନାହିଁ । ଧର୍ମରେ ଆବିଳତା, ସାମାଜିକ ଜଟିଳତା, ସଂସ୍କାର, ରାଜନୀତି, ଶିଳ୍ପ ଓ ପ୍ରସ୍ତର ମଧ୍ୟରେ ଆଦିମ-ଜୀବନ ଯେପରି ବ୍ୟାଧ ଚକ୍ରାନ୍ତରେ ଆଚ୍ଛନ୍ନ ଏକ ମୃଗୁଣୀ ପରି । ଏହି ପରିପ୍ରେକ୍ଷୀ ଭିତରେ ଯାହା ଅନୁଭବ କରି ପାରିଛି ସାଧାରଣତଃ ତାହାର ଏକ ବାସ୍ତବ ରୂପ ନ୍ହିଁ ଦେବାପାଇଁ କ୍ଷୁଦ୍ରଗଳ୍ପ-ମାନଙ୍କରେ ଚେଷ୍ଟା କରିଛି ମାତ୍ର ।

ମୃଗୁଣୀର ସ୍ତୁତି ତ ଭଗବାନ ଶୁଣିଥିଲେ—ଏ ବିପନ୍ନ ଆଦି-ମତାର ସ୍ତୁତି ନାହିଁ—ମୁକ୍ତି ଆସିବ ବା କିପରି ! ତାହାର କେତୋଟି ସ୍ମାରକୀ ରୂପେ କେତୋଟି କାହାଣୀ ମାତ୍ର ରଖିଗଲି ।

—ଲେଖକ

Digitized by srujan ka@gmail.com
Digitized by srujanika@gmail.com

ସୂଚୀ

ବିଷୟ	ପୃଷ୍ଠା
୧ । ମାର୍ଗାରେଟ୍	୧
୨ । ଉପରକୁ ଲେଖାଯାଇଛି	୧୬
୩ । ଆଜ୍ଞା ହୋଇଥିବ......	୩୬
୪ । ସେମାନେ ଏବେ କେଉଁଠି ?	୪୪
୫ । ଆ ଆ ଫେରିଆ, ଆଉ ପିଟିବି ନାହିଁ	୬୬
୬ । ଏକ୍-ଦୋ-ତିନ୍	୭୨

Digitized by srujanika@gmail.com

ମାର୍ଗାରେଟ୍

ଦୂରରୁ ଶୁଭିଲା—
ଲା—ଲା—ଲା—ଟିଲେ ରେ ଗ୍ଲାଡ୍
ଲା—ଲା—ଲା ଲେ ରେ,
ତକେ ଗ୍ରେଏଞ୍ଜ୍ କର ମ ଏଁ···ଯା ବଁ
ଟଏଲ୍ ରେ·

ମାର୍ଗାରେଟ୍ ଗୀତ ଶୁଣି ଖଟରୁ ଉଠି ବସିଲା । ହଠାତ୍ ତା ମନ ଭିତରେ ଏକ ଆଶଙ୍କା ଖେଳିଗଲା । ଅଜ୍ଞାତରେ ସେ ଯେତେଥର ଏପରି ଗୀତ ଗାଇବାର ଶୁଣିଛି, ଠିକ୍ ତା ପରଦିନ ବା ଦିନେ ଦୁଇଦିନ ମଧ୍ୟରେ ଯୋସେଫ୍ ତାକୁ ଛାଡ଼ି ବିଦେଶ ଚାଲିଯାଇଛି । ଅବଶ୍ୟ ଥରେ ଅଧେ ସେ ମଧ୍ୟ ସାଙ୍ଗରେ ଯାଇଛି, କିନ୍ତୁ ତାକୁ ସେ ଜୀବନ ଭଲ ଲାଗିନାହିଁ । ନିଜ ଗାଁ ମାଟିର ମମତା ଛାଡ଼ି ବେଶୀଦିନ ଦୂରରେ ରହିବାକୁ ସେ ପସନ୍ଦ କରେ ନାହିଁ । ବିଦେଶରେ ଟିକିଏ ବେଶି ରୋଜଗାର ହୁଏ ସତ, କିନ୍ତୁ ଜୀବନର କିଛି ସରସତା ନ ଥାଏ । କାହା ସଙ୍ଗରେ ମନଖୋଲି କଥା ହେବାକୁ ଚାହିଁଲେ ସାଙ୍ଗଟିଏ ବି ମିଳନ୍ତି ନାହିଁ । କିନ୍ତୁ ଯୋସେଫ୍‌ର ସେ ସବୁ କିଛି ପରୱା

Digitized by srujanika@gmail.com

ନାହିଁ । ରୋଜଗାରର ହିସାବ ନାହିଁ କି ମଦ ପିଇବାର ମଧ୍ୟ ସୀମା ନାହିଁ । ମାର୍ଗାରେଟ୍ ଯେଉଁଥର ଯାଇଥିଲା ଜବରଦସ୍ତି ଲୁଚାଇ ଲୁଚାଇ ଅନେକ ପଇସା ବଞ୍ଚାଇ ରଖିଥିଲା । ଗାଁକୁ ଫେରି ସେମାନେ ଅନେକ ଦିନ ପର୍ଯ୍ୟନ୍ତ ସେଥିରେ ଚଳିଗଲେ । ଯୋସେଫ୍ ମାର୍ଗାରେଟ୍‌କୁ ଅବଶ୍ୟ ଏଥିପାଇଁ ମନେ ମନେ ଧନ୍ୟବାଦ ଦେଇଥିଲା, କିନ୍ତୁ ମଦ ପିଇବା ଉପରେ ଏତେ କଟକଣା ମଧ୍ୟ ବରଦାସ୍ତ କରିବାର 'ସହଜ ନୁହେଁ । ତେଣୁ ସେ ଚେଷ୍ଟାକରେ ମାର୍ଗାରେଟ୍‌କୁ ଗାଁରେ ଛାଡ଼ି ଏକା ଯିବା ପାଇଁ ।

ଆଶଙ୍କାରେ ମାର୍ଗାରେଟ୍ କାନଡେରି ଠିଆ ହୋଇଥାଏ । ପୁଣି ଶୁଭିଲା—

ଲା—ଲା—ଲା ଲେ ରେ
ଦିନେ ନାଇଁ ଦୁ ଦିନ ନାଇଁ
ସାଥେ ସାଥ୍ ଯାଏକ୍ ହୋବ
ବଡ଼ା ଦୁଃଖକେର୍ ବାତ୍ ହେ ।

ଯୋସେଫ୍ ପାଖେଇ ଆସିଥିଲା । ମାର୍ଗାରେଟ୍ ପଚାରିଲା "କାହିଁ ଯାଏକ୍ ହୋବ ନା ? କା ଜୁନ୍ ଇତ୍‌ନା ଖିଏଭ୍ କରଲୁକ୍ ?"

ଯୋସେଫ୍ ବହୁତଗୁଡ଼ାଏ ମଦ ପିଇ ଦେଇଥିଲା । ନିଶା ଧୀରେ ଧୀରେ ଛାଡ଼ି ଆସୁଥାଏ । ରାତି ପ୍ରାୟ ୧୧ଟା ହେଲାଣି । ମାର୍ଗାରେଟ୍‌ର କଥା ଶୁଣି ଯୋସେଫ୍ କହିଲା, "ମାର୍ଗାରେଟ୍, ମଏଁ ବଡ଼େ ଫଜର୍ ବାହେର୍ ଯାବଁ । ଧୂତରା ଷ୍ଟେସନ୍ ମେଁ ଗାଡ଼ି ଚଢ଼େକ୍ ହୋବ । ମଏଁ, ଶୁକ୍‌ରାମ୍, ଛଟୋ ଆଉର୍ ଆଲଫ୍ରେଡ୍ ଗୁଏର୍ ଝିନ୍ ଯାଓ୍ୱାଥି ।"

ମାର୍ଗାରେଟ କହିଲା, "କା ଜୁନ୍—କାହାଁ ଯାଓ୍ୱାଥିସ୍ ନା ?" ଯୋସେଫ୍ ଉତ୍ତର ଦେଲା, "କମାଏକ୍ ଜୁନ୍—ଆସାମ ଯାଓ୍ୱାଥି । ଉହାଁ ଲଡ଼େଇ କେର୍ ଲଗି ସଡ଼କ ତିଆରି ହୋବ ଥେ । ଦିନ ପାଞ୍ଚ ରୁପିଆ ସେ ଆଠ, ନଅ ରୁପିଆତକ୍ କମାଇ ହୋ ସକବ କାହାଲୁକ୍" ।

'କୋନ୍ କହଲୁକ୍ ?"

Digitized by srujanika@gmail.com

"ପାଦ୍ରୀ ଜୁନ୍ କହଲକ୍—ହାମ୍‌ରେ ମନ ଗୀର୍ଜ୍ଜା ଯାଏ ରହଲକ୍ ନା—ଗୀର୍ଜ୍ଜାକେର ବାଦ ପାଦ୍ରୀ ହାମରେ ମନକେ ବୋଲାଏକର କହଲକ୍ ଲଡ଼ାଇ କେର ଲଗି ବହୁତ୍ ବହୁତ୍ ରୁପିଆ ମଜୁରୀ ମିଲତ୍ ହେ—ଔର ଭି ଇ ଲଡାଇ ମେଁ ସରକାର କେ ମଦଦ୍ କରେକ୍ ଚାହୀ।"

ଯୋସେଫ୍‌ର ଓହଳ ପଡ଼ିଥିବା କାମିଜ କାନିଟି ଟାଣି ମାର୍ଗାରେଟ୍ କହଲା, "ନ—ହମ୍‌ରେ ମନ ନ ଯାବଁ।" ମୁହଁଟି ଫୁଲାଇ ଦେଇଥାଏ।

ପକେଟରୁ ପ୍ରାପ୍ତ ଦେଢଶହ ଟଙ୍କାର ନୋଟ୍ ବାହାର କରି ଯୋସେଫ୍ କହଲା, "ନହିଁ ମାର୍ଗାରେଟ୍, ହମ୍‌ରେ ମନ୍ ଜରୁର୍ ଯାବ ହେ, ଔର ଦାଦନ ଭି ଲେ ଆଇ ହେ। ନ ଯାବଁତ ମୋକେ ସଜା ହୋ ଯାଇ—ପାଦ୍ରୀ କହଲକ—ଲଡ଼ାଇ କେର୍ ବାତ ହେ।"

ମାର୍ଗାରେଟ୍ ଦୁଃଖ ଏବଂ ଅଭିମାନଭରା ସ୍ୱରରେ କହଲା, "ଜାନୁନ୍ ଦାଦନ୍ ଆନ୍‌ଲକ୍—ମୋକେ ଛୋଡ଼୍‌କର ଚଲେ ଯାବେ।"

"ମଏଁ ତ—ନ ଯାବଁ କହତ ରହଲିକ୍। ଲେକିନ୍ କା କରବଁ। ଇସେ ଶୁନା, ତିତୋ ତ—ହାଁ କହେଦେଲେକ୍ ଆଉର୍ ମୋର ନାଁ—ଭି ଲିଖାଏ ଦେଲେଁ। ପାଦ୍ରୀ ଭି ବହୁତ କହଲକ୍।"

ଯୋସେଫ୍‌ର କଥା ଶୁଣି ମାର୍ଗାରେଟ୍ କହଲା, "ତ, ମଏଁ ଭି ସାଥ୍‌ମେଁ ଯାବଁ।"

ଯୋସେଫ୍ କହଲା, "ନହିଁ ମାର୍ଗାରେଟ୍, ମଏଁତ ତୋକେ ସାଥ୍‌ମେଁ ଲେ ଯାତେ—ଲେକିନ୍ ପାଦ୍ରୀ ମନା କରିସେ ଜୁନ୍—ଲଡ଼ାଇକେର୍ ମୁଲକ୍ ହେ କହଲକ୍। ମାର୍ଗାରେଟ୍ ସକ ସକ କାନ୍ଦୁଥାଏ। ଯୋସେଫ୍ ତାକୁ ଆଶ୍ୱାସନା ଦେଲା, "ମଏଁ ଜଲ୍‌ଦି ଲଉଟ୍ ଆବଁ।ତକେ ଛୋଡ଼୍‌କର୍ ଯାସ୍ତି ଦିନ୍ ରହେକ୍ ନ ଶକ୍‌ବଁ।"

ମା ବୁଢ଼ୀ ଘର ଭିତରୁ ବାହାରି ଆସି କହଲା "କା ହୋଲକ୍‌ରେ ଯୋସେଫ୍—କାହାଁ ଯାଉଥିସ୍।" ଯୋସେଫ୍ ସବୁକଥା ପୁଣି ମା

Digitized by srujanika@gmail.com

ବୁଢ଼ୀକୁ ଶୁଣାଇଲା । ବୁଢ଼ୀ ମଧ୍ୟ ଯିବାପାଇଁ ମନାକଲା । କିନ୍ତୁ ଯୋସେଫ୍ ଠାରୁ ବିସ୍ତୃତ ଭାବରେ ସବୁକଥା ବୁଝିବା ପରେ ଅଗତ୍ୟା ଦୀର୍ଘଶ୍ୱାସ ଛାଡ଼ି ଚୁପ୍ ରହିଲା ।

ମାର୍ଗାରେଟ୍ ଦୁଃଖରେ ଅଭିଭୂତ ହୋଇ ଠିଆ ହୋଇଥାଏ । ଯୋସେଫ୍ ପାଖକୁ ଆସି କହିଲା, "ଦେ ମତେ ଖାଏକ୍ ମୁଠେ ହୋ ଅଳପ୍ ଝିଁକିଆଏକର ଚଲେଯାବଁ ।" ଟଙ୍କାଗୁଡ଼ାକ ତା ହାତରେ ଦେଲା ।

ମାର୍ଗାରେଟ୍ ପଣତ କାନରେ ଆଖି ପୋଛୁ ପୋଛୁ ଘର ଭିତରକୁ ଗଲା । ଯୋସେଫ୍ ମଧ୍ୟ ତା ପଛେ ପଛେ ଗଲା ।

× × × × ×

ଛୋଟିଆ ଘରଟି । ଦୁଇଟି ମାତ୍ର ବଖରା । ଗୋଟିଏ ବଡ଼, ଗୋଟିଏ ଛୋଟ । ଛୋଟ ବଖରାରେ କବାଟ ନାହିଁ । ଯୋସେଫର ମା ବୁଢ଼ୀ ସେ ବଖରାରେ ଶୁଏ । ବଡ଼ ବଖରାଟିର ଗୋଟିଏ କଣରେ ଚୂଲି । ତା ପାଖରେ ଦୁଇଟି ମାଠିଆରେ ପାଣି । ଖିଆପିଆ ସବୁ ସେଇ କଣରେ ହୁଏ । ଶୁଖିଲା ପାଗ ଥିଲେ କେବେ କେବେ ଜହ୍ନ ଆଲୁଅରେ ଦୁଆରରେ ମଧ୍ୟ ଖିଆପିଆ କରି ପକାନ୍ତି । ଘରେ ଗୋଟିଏ ମାତ୍ର ଚଙ୍ଗିନ (ଡ଼ିବରି) । ସେଇଟା ପ୍ରାୟ ସବୁବେଳେ ଚୂଲି ପାଖରେ ଥାଏ । ଡ଼ିବରିଟା କେତେ-ବେଳୁ ନିଭାଇ ମାର୍ଗାରେଟ୍ ଚୂଲି ପାଖରେ ରଖି ସାରିଥିଲାଣି । ଘର ଛାତରୁ ମୁଠାଏ ଖଡ଼ (ଘର ଛପର ପାଇଁ ଏକ ପ୍ରକାର ଘାସ) ଟାଣି ଅନ୍ଧାରରେ ଚୂଲି ପାଖକୁ ଗଲା । ଖଡ଼କୁ ମଝିରେ ଭାଙ୍ଗି ତା ମଝିରେ ଚୂଲିରୁ ଅଙ୍ଗାର ଖଣ୍ଡେ କାଢ଼ିଆଣି ଥୋଇଲା ଏବଂ ଫୁଙ୍କିଲା । ନିଆଁ ଜଳି ଉଠିଲା । ଚୂଲି ମୁଣ୍ଡରୁ ଡ଼ିବରିଟା ଆଣି ନିଆଁ ସଂଯୋଗ କରି ଜାଳିଲା । ମାର୍ଗାରେଟ୍ ଏତେ ଅଭ୍ୟସ୍ତ ଯେ ଅନ୍ଧାରରେ ଚୂଲି ପାଖକୁ ଯିବାପାଇଁ ତାକୁ କିଛି ଅସୁବିଧା ହୁଏ ନାହିଁ ।

ଡ଼ିବରିଟା ଜାଳିବା ପରେ ମାର୍ଗାରେଟ୍ ଗୋଟିଏ ଛୋଟ ଝାମ୍ପିଲି (ପେଡ଼ି) ଭିତରେ ନୋଟଗୁଡ଼ିକ ନେଇ ରଖିଦେଲା । ତାପରେ

Digitized by srujanika@gmail.com

ଆସି ଯୋସେଫ୍‌ର ଖାଇବା ପାଇଁ ପିଢ଼ା ଥୋଇ ବଢ଼ାବଢ଼ି କଲା । ମାର୍ଗାରେଟ ଯୋସେଫ୍‌କୁ ଅପେକ୍ଷା କରି ଏ ପର୍ଯ୍ୟନ୍ତ ଖାଇ ନ ଥିଲା । ତାର ଆଉ ଖାଇବା ପାଇଁ ଇଚ୍ଛା ହେଲାନାହିଁ । ସବୁ ଯୋସେଫ୍ ପାଇଁ ବାଢ଼ିଦେଲା । ପାଖରେ ବସି ବଳେଇ ବଳେଇ ସବୁ ଖାଇବା ପାଇଁ ବାଧ୍ୟ କଲା । ଖାଇ ସାରିବା ପରେ ମାର୍ଗାରେଟ୍ ସାଙ୍ଗେ ସାଙ୍ଗେ ଅଇଣ୍ଠା ବାସନ ନେଇ ଦୁଆରେ ଥିବା ବାସନମଜା ହାଣ୍ଡି ପାଖରେ ଖରୁଆଇ (ପାଉଁଶ ଲଗାଇ) ଥୋଇଦିଏ । କାରଣ ଖରୁଆଇ ଦେଲେ ଆଉ କୁକୁର ଛୁଇଁବାର ଭୟ ନ ଥାଏ । ଆଜି କିନ୍ତୁ ମାର୍ଗାରେଟ୍ ତା କଲାନାହିଁ । ବାସନ ଦୁଇଟି ସେଇ ଘର କଣରେ ଥୋଇଦେଲା । ଯୋସେଫ୍ ଅଳ୍ପ ସମୟ ପରେ ଉଠି ଚାଲିଯିବ । ତା ସାଙ୍ଗରେ ଦୁଇପଦ କଥା ହେବା ତାହାର ଇଚ୍ଛା । ତେଣୁ ସମୟ ନଷ୍ଟ କରିବା ଉଚିତ୍ ନୁହେଁ ।

ଘରେ ଗୋଟିଏ ଦଉଡ଼ିଆ ଖଟ । ଯୋସେଫ୍ ସେଥିରେ ଶୁଏ । ମାର୍ଗାରେଟ୍ ତଳେ ପଟିଆ (ଖଜୁରୀ ପତ୍ରରୁ ତିଆରି) ପକାଇ ସେଥିରେ ଶୁଏ । ପଟିଆଟି ସେ ଆଗରୁ ପକାଇ ସାରିଥିଲା । ଯୋସେଫ୍ ପାଇଁ ଖଟ ପାରିବାକୁ ଯାଉଥାଏ । ଯୋସେଫ୍ ମନାକଲା । କହିଲା ଘଡ଼ିଏ କି ଦି’ ଘଡ଼ିର କଥା—ସେ ମଧ୍ୟ ପଟିଆରେ ଶୋଇଯିବ । ଯଥା କହି ସେ ପଟିଆରେ ଗଡ଼ି ପଡ଼ିଲା । ମାର୍ଗାରେଟ୍ ଚୂଲିର ଅଙ୍ଗାର ଯେପରି ନିଭି ନ ଯିବ ତାର ବ୍ୟବସ୍ଥା କରି ଉବରିଟା ଲିଭାଇ ଚୂଲି ମୁଣ୍ଡରେ ଥୋଇ-ଦେଲା । ତାପରେ ଆସି ଯୋସେଫ୍‌ର ଗୋଡ଼ ଉପରେ ମୁଣ୍ଡ ରଖି ଶୋଇ ପଡ଼ିଲା । ଘର ଭିତରଟା କଟିମିଟି ଅନ୍ଧାର । ସେ ଅନ୍ଧାରରେ ଘୋର ନୀରବତା ଭେଦକରି ମାର୍ଗାରେଟ୍ ପଚାରିଲା, “କେତେକ୍ ଦିନ ମେଁ ଲଉଟ୍ କରି ଆବେ ।”

ଯୋସେଫ୍ ମାର୍ଗାରେଟ୍‌ର ମୁଣ୍ଡରୁ ଦେହ ପର୍ଯ୍ୟନ୍ତ ହାତ ବୁଲାଇ ବୁଲାଇ କହିଲା, “ମଏଁ ଜଲ୍‌ଦି ଲଉଟ୍ ଆବିଁ ମାର୍ଗାରେଟ୍—ତକେ ଛୁଏଡ଼୍‌କରି ମଏଁ ଜାସ୍ତିଦିନ ରହିକେ ନି ସକ୍‌ବିଁ ।”

ମାର୍ଗାରେଟ୍ କାନ୍ଦ କାନ୍ଦ ହୋଇ କହିଲା, “ହଁ, ଯୋସେଫ୍ ! ଜଲ୍‌ଦି ଚଏଲ୍ ଆବେ । ଲଢ଼େଇକରେ ମୁଲକ୍ ହେ—ତଏଁ ଜଲ୍‌ଦି

Digitized by srujanika@gmail.com

ନ ଆବେ ତ ହମରେ ମନ୍ ଘବଗ୍ଏ ଯାବ୍ । ଚଠି ବ ଜରୁର୍ ଭେଜ୍‌ବେ ।''

ମାର୍ଗାରେଟ୍‌ର ଆଖିରୁ ତତଲା ଲୁହ ଝର ଯୋସେଫ୍‌ର ଛାତରେ ପଡ଼ଲା । ଯୋସେଫ୍ ତାକୁ ପାଖକୁ ଟାଣିଆଣି ନାନାପ୍ରକାର ଆଶ୍ୱାସନା ଦେବାକୁ ଲଗିଲା । ପୁଣି ଶୀଘ୍ର ଫେରି ଆସିବ ଏବଂ ଜରୁର୍ ଚଠି ଲେଖିବ ବୋଲ ତାକୁ ଆଶ୍ୱାସନା ମଧ୍ୟ ଦେଉଥାଏ । ଟଙ୍କା ପଇସା ମଧ୍ୟ ଅସୁବଧା ହେବ ନାହିଁ—ମାସ ପଚଶ ଟଙ୍କାନେଇ ବାକୀ ସବୁ ଛାଡ଼ଯିବ ଏବଂ ଆସାମରୁ ବରବର ମନଅର୍ଡ଼ର କର ଟଙ୍କା ପଠାଇ ଦେବ ବୋଲି ମଧ୍ୟ କହିଲା ।

ମାର୍ଗାରେଟ୍‌ର ମନ କାହିଁରେ ମାନୁ ନ ଥାଏ । ହେଲେ ତାର କାନ୍ଦିବା ମଧ୍ୟ ଅନୁଚତ ମନେକର ସେ ଶାନ୍ତ ହେବାକୁ ଚେଷ୍ଟାକଲା । ଯୋସେଫ୍‌କୁ ଜୋର୍‌ରେ ନଜ ଦେହ ପାଖକୁ ଚୁପି ନାନା କଥା ବୁଝାଉ ଥାଏ । ବଦେଶରେ ମଦ ପିଇବ ନାହିଁ, ବଦ୍‌ମାସ ଲୋକେ ସବୁ ଠକ ଭଣ୍ଡି ନେଇଯିବେ, ସହରରେ କୁଆଡେ ବହୁତ ରଣ୍ଡି ଥାଆନ୍ତି । କାହାର ପିଛାରେ ପଡ଼ବ ନାହିଁ ଆଉ କେତେ କଥା କହୁ ଥାଏ । ପୁଣି ଥଟ୍ଟାକର କହିଲା, କେଜାଣି; ପୁରୁଷଙ୍କୁ କ ବଶ୍ୱାସ । ସାଙ୍ଗରେ କାହାକୁ ପାଇଲେ ଘରଦ୍ୱାର ପାସୋର ଦେବେ—ବୋଲ ମନ୍ତବ୍ୟ କରୁଥାଏ । ସେ ଶୁଣିଛ—ଆସାମ ଚା' ବଗାନ୍ ବହୁତ ଲୋକ ଯାଇ ସେଇଠ ଆଉ ଫେରନ୍ତି ନାହିଁ—ଘର ଦ୍ୱାର କର ରହିଯାଆନ୍ତି ।

ମାର୍ଗାରେଟ୍‌ର କଥାସବୁ ଶୁଣି ଯୋସେଫ୍‌ର ବୁକୁ ଫାଟିଗଲା ପର ହେଉଥାଏ । ହେଲେ ସେ ପୁରୁଷ—ଦୁର୍ବଳତା ଦେଖାଇବା ଉଚତ୍ ନୁହେଁ । ମାର୍ଗାରେଟ୍‌ର କଥାଗୁଡ଼କର ଉତ୍ତରରେ ନାନାପ୍ରକାର ଆଶ୍ୱାସନା ଦେଇ କହୁ ଥାଏ । ମାର୍ଗାରେଟ୍‌କୁ ଆଶ୍ୱସ୍ତ କରବା ପାଇଁ ତାକୁ ବୁକୁରେ ଚୁପିଦଏ । ମାର୍ଗାରେଟ୍ ମଧ୍ୟ ତା ହୃଦୟ ଭତରକୁ ପଶିଗଲା ପର ନଜେ ଜୋର୍‌ରେ ଯୋସେଫ୍‌କୁ ଚୁପିଧରେ । ବୋଧହୁଏ ସେଇ ଅଳ୍ପ ମୁହୂର୍ତ୍ତ ସମୟ ମଧ୍ୟରେ ଉଭୟେ ପରସ୍ପରକୁ ଆଲିଙ୍ଗନ କର ଆଗାମୀ ଅନର୍ଦ୍ଦିଷ୍ଟ କେତେକାଳର ମନର ସାଧ ମେଣ୍ଟାଉଥାନ୍ତି । ମାର୍ଗାରେଟ୍‌ର ଦାବୀର ସୀମା ନ ଥାଏ ଏବଂ

Digitized by srujanika@gmail.com

ଯୋସେଫ୍ ମଧ୍ୟ ଦୋଷୀ ବନା ଆପତ୍ତିରେ ଅପରମିତ କୋଶମାନ ଅସୁଲ ଦେଲ ଭଲ ମାର୍ଗାରେଟ୍‌ର ସମସ୍ତ ଦାବୀ ପୂରଣ କରିବାର ମାତ୍ର ଚେଷ୍ଟାରେ ଲାଗି ପଡ଼ିଥାଏ । ଆଉ କେତେଥର ଯୋସେଫ ଘରଛାଡ଼ି ବିଦେଶକୁ ଯାଇଛି — ଅବଶ୍ୟ ଏତେ ଦୂରକୁ ନୁହେଁ । କେବେ ମାର୍ଗାରେଟ୍ ଏପରି ଅଧୀର, ବିବ୍ରତ ହୋଇନାହିଁ—କିନ୍ତୁ ଆଜ..

ପ୍ରାୟ ଦୁଇ ଘଡ଼ି ବିତିଗଲାଣି । ଆକାଶର ଜହ୍ନ ମଣ୍ଡଳ ଆସୁଛି । ସୁରଆଉ ଶୁନଶାନ୍ — ସୋର ଶବଦ ନାହିଁ । ଦୂରରୁ ଦୁଇ, ତିନି ଜଣ ଲୋକ ଫୁସୁରୁ ଫୁସୁରୁ କଥା ହୋଇ ଆସୁଥିବାର ଶୁଣାଗଲା ।

ମାର୍ଗାରେଟ ମନେ ମନେ ଭାବିଲା—ଶତ୍ରୁ ଗୁଡ଼ାକ ଆସିଗଲେ— ତାଠାରୁ ଯୋସେଫ୍‌କୁ ଛଡ଼ାଇ ନେବା ପାଇଁ ।

ରାସ୍ତା ଉପରେ ଥାଇ ତିତ୍ରୋ ପାଟିଗଲା, "ଯୋସେଫ୍, ଆଓ୍ୱାନା । ଝୁଲ୍‌ଫୁଲ୍ (ପାହାନ୍ତା ସକାଳ) ହଏଗେଲୁକ୍ ।"

ଯୋସେଫ୍ ଶୋଇଲା ଅବସ୍ଥାରେ ପଦର ତଳୁ ଗୁପହୋଇ କହିଲା ଭଲ କହିଲା, "ହାଁ, ହାଁ, ଆଓ୍ୱାଥି । ଦୁଆର୍ ମେଁ ବୈଠ ଯାଓ୍ୱା ।"

ମାର୍ଗାରେଟ୍ ଉଠି ଡିବିରିଟା ଜାଳିଲା । ତାପରେ ଯୋସେଫ୍‌ର ଲୁଗାପଟା ଦି ଖଣ୍ଡ ଯାହାଥିଲା ଗୋଟିଏ ଗଣ୍ଠିରେ ବାନ୍ଧିବାପାଇଁ ଆରମ୍ଭ କଲା । ଯୋସେଫ୍ ଘର ପଛପାଖ ବାରଣ୍ଡାକୁ ଗଲା । ମାର୍ଗାରେଟ୍ ଏକ ମାଠିଆ ପାଣି ଏବଂ ଧୋତି ଖଣ୍ଡେ ସେଠିକି ନେଇ ଥୋଇଦେଇ ଗୁଲ ଆସିଲା । ଯୋସେଫ୍ ତରବରରେ ଦାନ୍ତ ଘସି ମାଠିଆର ପାଣି ଢାଳ-ହୋଇ ଗାଧୋଇ ପକାଇଲା ମଧ୍ୟ । ତା ପରେ ଧୋତିଟି ପିନ୍ଧି ଘର ଭିତରକୁ ଆସିଲା । ଦୁଆରେ ତିତ୍ରୋ, ଶୁକ୍ରା ଆଦି ତିନିଜଣ ଯାକ ଯୋସେଫ୍‌ର ମା ସାଙ୍ଗରେ କଥା ହେଉଥାନ୍ତି ।

ମାର୍ଗାରେଟ୍ ଗାମୁଛାର ଗୋଟିଏ କାନରେ ଲିଆମୁଢ଼ି ଗଣ୍ଠିଲାଟିଏ ବାନ୍ଧି ଯୋସେଫ୍‌କୁ ଦେଲା, ବାଟରେ ଖାଇବ । ତାପରେ ଲୁଗାପଟା

Digitized by srujanika@gmail.com

ଗଣ୍ଠିଲିଟା ଟେକି ଯୋସେଫ୍‌କୁ ଧରାଇ ଦେଲା । କାନ୍ଥରୁ ହଳ ବାଡ଼ିଟା ଆଣି ଗଣ୍ଠିଲିଟା ତା ବାଡ଼ରେ ଝୁଲାଇ ଦେଲା ।

ଯୋସେଫ୍ ମାର୍ଗାରେଟ୍‌ର ମୁହଁକୁ ଅନାଇ ଥାଏ । ମାର୍ଗାରେଟ୍ ଭାବର ଆବେଗରେ ଯୋସେଫ୍ ମୁହଁକୁ ବେଶି ସମୟ ଅନାଇ ମଧ୍ୟ ପାରିଲା ନାହିଁ ।

ଯୋସେଫ ଚେଷ୍ଟାକରି କହିଲା, "ମାର୍ଗାରେଟ୍, ଆଚ୍ଛା, ଆଚ୍ଛା ରହିବେ—ମା ବୁଢ଼ୀକର ଦେଖାଜଗର୍ ନେବେ ।" ଯୀଶୁ ସହାୟ" ମାର୍ଗାରେଟ୍‌ଠାରୁ ବିଦାୟ ନେଇ ପଦାକୁ ଆସିଲା ।

ମା ବୁଢ଼ୀକୁ କହିଲା । "ମାଁ, ମୁଁ ଯାଉଥିଲି । ଯୀଶୁ ସହାୟ ।" କହି ବିଦାୟ ନେଇ ବାହାର ଆସିଲା ରାସ୍ତା ଉପରକୁ । ଅନ୍ୟମାନେ ମଧ୍ୟ ମା' ବୁଢ଼ୀଠାରୁ ବିଦାୟ ନେଇ ଆସିଲେ । ମା' ବୁଢ଼ୀ ପଛରୁ କହୁଥାନ୍ତି—ଭଲ ଭାବରେ ରହିବ—ଶୀଘ୍ର ଫେରିଆସିବ ଇତ୍ୟାଦି । ଚାରିଜଣଯାକ ଚାଲିଲେ ଧୂଡ଼ବା ଷ୍ଟେସନ୍ ଅଭିମୁଖେ ।

ବାଟ ପ୍ରାୟ ପାଞ୍ଚମାଇଲ । ସକାଳ ୭ଟାରେ ଗାଡ଼ି ପହଞ୍ଚିଯାଏ ।
ମା' ବୁଢ଼ୀ ଏବଂ ମାର୍ଗାରେଟ୍ ଦୁଆରଟାରେ ଠିଆରହି ସେମାନଙ୍କୁ ପଛରୁ ଅନାଇଥାନ୍ତି ।

ଜହ୍ନ ବୁଡ଼ିଗଲା । ପୁଣି ଅନ୍ଧାର ଝିଲକାଏ କୁଆଡ଼ୁ ଆସି ମାଡ଼ି ବସିଲା । ସେମାନେ ଆଉ ଦେଖିଲେ ନାହିଁ । ଯୋସେଫ୍ ଦେଖିଲା ନାହିଁ । ପିଣ୍ଡରୁ ପ୍ରାଣ ବାହାରି ଗଲା ପରି ମନେହେଲା ।

ମାର୍ଗାରେଟ୍ ଆସି ପଟିଆ ଉପରେ କଚାଡ଼ ହୋଇ ପଡ଼ିଲା । ଉପରକୁ ମୁହଁ କରି ଚୁପ୍ ହୋଇ ପଡ଼ିଥାଏ । ଘର ଚାଳ ଉପରେ, ଭିତରେ ମୂଷା, ଅସରପା ଆଦି ଚେଁ, ଚାଁ କରି ଇତସ୍ତତଃ ହେଉଥାନ୍ତି । ବୋଧହୁଏ ପଚାରୁଥାନ୍ତି, ଯୋସେଫ୍ କାହିଁକି ଚାଲିଗଲା ।

X X X

Digitized by srujanika@gmail.com

ଯୋସେଫ୍ ଯିବାର ପରେ ପ୍ରାୟ ଦୁଇମାସ ବିତିଗଲାଣି । ପ୍ରତି ମାସରେ ଶହେ ଟଙ୍କା କରି ଦୁଇଥର ପାଦ୍ରୀ ଜରିଆରେ ମନିଅର୍ଡର ଆସିଛି । ମନିଅର୍ଡର କୁପନରେ ଦୁଇଧାଡ଼ି ଲେଖା ହୋଇଥାଏ-- "ଆମେ ସମସ୍ତେ ଭଲଅଛୁ । ଘରେ ସମସ୍ତେ ଭଲଥିବ ବୋଲି ଆଶା ।" ପ୍ରଥମଥର କୁପନରେ ଅଧିକ ଲେଖାଥିଲା—"ଏଣେତେଣେ ଚେଷ୍ଟା କରି ରଙ୍ଗ କାମ କରିବାକୁ ପଡ଼ୁଛି—ଡାକଘରର କିଛି ଠିକଣା ନାହିଁ ।" କେବେ ଫେରିବେ ତାର କୌଣସି ସୂଚନା ନାହିଁ । ପାଦ୍ରୀ ସମାଚାର ପଢ଼ି ଶୁଣାଇ ଦିଏ । ମାର୍ଗାରେଟ୍ ପାଦ୍ରୀଠାରୁ ମନିଅର୍ଡ଼ର ଟଙ୍କାଟା ଆଣେ ନାହିଁ । ପାଦ୍ରୀ ପାଖରେ ଜମା ରହି ଆସେ । ଆମର ତ ଚଳିଯାଉଛି । ଦରକାର ହେଲେ ନେବ ବୋଲି କହେ । ପାଦ୍ରୀ ଜବରଦସ୍ତି ଅନ୍ତତଃ ପନ୍ଦର ଟଙ୍କା ହେଲେ ପାଖରେ ରଖିଥାଅ ବୋଲି ଦେଇଦିଏ । ପନ୍ଦର ଟଙ୍କା ବାହାରେ ଆଉ ଅଧିକ ପାଦ୍ରୀଠାରୁ ଆଣିବା ପାଇଁ ଆବଶ୍ୟକ ହୋଇନାହିଁ । ସେ ଟଙ୍କା ମଧ୍ୟ ପ୍ରାୟ ଖର୍ଚ୍ଚ ହୋଇ ନାହିଁ । ଘରେ ରହିଛି ।

ମାର୍ଗାରେଟ୍ ଏବଂ ଯୋସେଫ୍‌ର ମା ପ୍ରତିଦିନ ଅକ୍ଳାନ୍ତ ପରିଶ୍ରମ କରି ପ୍ରାୟ ଗୋଟିଏ ମାସ ମହୁଲ ସଂଗ୍ରହ କଲେ । ଏବେ ତାହା ବଜାରରେ ବିକି ଘରଖର୍ଚ୍ଚ ଚଳାଉଛନ୍ତି । ବର୍ତ୍ତମାନ ଟୋଲ (ମହୁଲ ଗଛର ଫଳ) ପଡ଼ିବା ଆରମ୍ଭ ହୋଇଯାଇଛି । ମାର୍ଗାରେଟ୍ ଜଙ୍ଗଲକୁ ଯାଇ ଟୋଲି ସଂଗ୍ରହ କରି ଆଣେ । ଫୁରୁସତ ସମୟରେ ଯୋସେଫ୍‌ର ମା ଏବଂ ନିଜେ ଦୁହେଁ ବସି ଟୋଲିର ମଞ୍ଜି ବାହାର କରନ୍ତି । ମଞ୍ଜିରୁ ପୁଣି ଦାଲି ବାହାର କରନ୍ତି । ବୁଢ଼ୀ ଘରେ ଥାଇ ଦାଲିସବୁ ଖରାରେ ଶୁଖାଏ ଏବଂ ରଖେ । କେବେ କେବେ ଇଚ୍ଛାହେଲେ ଭଲ ଭଲ ଟୋଲି ବାଛି ତା ଗୁଡ଼ିକୁ ତରକାରି ରାନ୍ଧି ଖାଆନ୍ତି । କୌଣସି ସପ୍ତାହରେ ଯଦି ବଜାରକୁ ଯାଇ ନ ପାରେ ତେବେ ମାର୍ଗାରେଟ୍ ଗାଁ ସିଆନଙ୍କ ଘରକୁ ଯାଇ ମହୁଲ ନ ହେଲେ ଟୋଲଦାଲି ବଦଳରେ ଚାଉଳ, ଲୁଣ, ତେଲ ଆଦି ନେଇ ଆସେ ।

ନାନାପ୍ରକାର କର୍ମବ୍ୟସ୍ତତା ମଧ୍ୟରେ ମାର୍ଗାରେଟ୍‌ର ଦିନଗୁଡ଼ିକ କଟି ଯାଉଛି । କେହି କେହି ତାକୁ କେବେ କହନ୍ତି, "ତୋର ତ ଗେରସ୍ତ ପାଖରୁ ପ୍ରତି ମାସ ଟଙ୍କା ଆସୁଛି, ଏତେ ପରିଶ୍ରମ କରି ଖଟୁଛୁ କାହିଁକି ?" ସେ ସେମାନଙ୍କୁ କହେ, "ଟଙ୍କା ଆସୁଛି—ହେଲେ ସମୟ ତ ଅପେକ୍ଷା

Digitized by srujanika@gmail.com

କରିବ ନାହିଁ । ବଳ ବୟସ ଗଲେ କ'ଣ ଆଉ ପରିଶ୍ରମ କରିହେବ ।"
ସେ ଏଇଆ କହେ, କିନ୍ତୁ ଅସଲ ଉଦ୍ଦେଶ୍ୟଟା ଲୁଚାଇ ରଖେ । ସେ ମନେ ମନେ ଠିକ୍ କରିଛି, ଯାହା କିଛି ଟଙ୍କା ଅଣିବ ସାଇତି ରଖିବ ଏବଂ ଯୋସେଫ୍ ଆସିଲେ ଜମିବାଡ଼ି ଦ' ଚାରି ଏକର କିଣି ଚାଷବାସର ବ୍ୟବସ୍ଥା କରିବ । ତାଁ ପୁଅ ଏପରି ଅରକ୍ଷିତର ଦୂର ଦେଶକୁ ରୋଜଗାର ପାଇଁ ଯିବାଟା ତାକୁ ଆଉ ଭଲ ଲଗୁ ନାହିଁ ।

ସେଦିନ ଅତି ସକାଳରୁ ଉଠି ମାର୍ଗାରେଟ୍ ଟୋଲ ଜଗ୍ଗାଇବା (ଗୋଠାଇବା) ପାଇଁ ଜଙ୍ଗଲକୁ ଚାଲିଗଲା । ରାସ୍ତାପାଖ ଗୋଟିଏ ଗଛ ତଳେ ଟୋଲ ଗୋଠାଉ ଥାଏ । ଏପରି ସମୟରେ ସେଆଡ଼ୁ ବସ୍ତିପୁରର ମିଆଁ ପୁଅ ରହମନ୍ ସାଇକଲରେ ଆସି ପାଖରେ ଠିଆ ହେଲା । ମାର୍ଗାରେଟ୍ ତାକୁ ଦେଖି ପାରିନାହିଁ—ସେମିତି ଗୋଠାଇ ଚାଲିଥାଏ ।

ବସ୍ତିପୁର ମିଆଁ ପୁଅ ସହରରେ ପାଠ ପଢୁଥିଲା । ଗୋଟିଏ ଶ୍ରେଣୀରେ ଦୁଇବର୍ଷ ଫେଲ୍ ହେବାରୁ ତା ବାପ ଆଉ ପାଠ ପଢ଼ାଇଲା ନାହିଁ । ସେଇ ନଅ କ୍ଲାସରେ ପଢ଼ା ସରିଲା । ସେଦିନଠୁ ଘରେ ବସି ରହିଛି । ଷ୍ଟେସନ ଦୋକାନଟିଏ—ବେଳେବେଳେ ସେଠି ବସେ । ସାଇକଲଟି ପ୍ରାୟ ନୂଆ । ଅଧିକାଂଶ ସମୟ ସାଇକଲ ସହିତ କଟେ ।

ରହମନ ସାଇକଲରୁ ଓହ୍ଲାଇ ଠିଆ ରହି ମାର୍ଗାରେଟ୍ ପ୍ରତି ଅନାଇଲା । ଆଖିରେ ଟଙ୍କାଏ କି ଦୁଇ ଟଙ୍କାର ଗଗଲ୍ସ ଚଷମା ପିନ୍ଧିଛି । ପକେଟରୁ ରୁମାଲ ବାହାର କରି ଆଖିରୁ ଚଷମା କାଢ଼ି ରୁମାଲରେ ପୋଛି ପକାଇଲା । ପୁଣି ଚଷମା ଲଗାଇ ମାର୍ଗାରେଟ୍ ପ୍ରତି ଅନାଇ ରହିଲା······ବୋଧହୁଏ ତାର ସମସ୍ତ ଶରୀର ତନଖି ତନଖି ଦେଖୁଥାଏ । ରୁମାଲରେ କପାଳରୁ ଝାଳ ପୋଛିସାରି ପକେଟରୁ ପାନଅଣ୍ଟା ବାହାର କଲା । ମୁଣ୍ଡଟି କୁଣ୍ଡାଇ ସାରି ପୁଣି ପକେଟରେ ରଖିଦେଲା । ତାପରେ ସାଇକଲ ଘଣ୍ଟି ଟିଣ୍ ଟିଣ୍ କରି ବଜାଇଲା ।

ମାର୍ଗାରେଟ୍ ଚମକିପଡ଼ି ଲେଉଟି ଦେଖିଲା ଏବଂ ଅଳ୍ପ ହସି ଦେଇ କହିଲା, "ହାଏ, ତୁମେ ଆଉ ବାବୁ ! ମୁଇଁତ ଚମ୍କି ପଡ଼ିଲି ।"

Digitized by srujanika@gmail.com

ଉଦ୍ଧମନ୍ ମାର୍ଗାରେଟ୍ ପାଖକୁ ଆସିଲା । ତାକୁ ନାନା କଥା ପଚାରିଲା । ଯୋସେଫ୍ କେବେ ଫେରିବ—ଟଙ୍କା ପଇସା ପଠାଉଛି କି ନା ଇତ୍ୟାଦି । କିନ୍ତୁ ପ୍ରଶ୍ନ ପଚାରୁ ଥିଲେ ମଧ୍ୟ ନିର୍ନିମେଷ ନୟନରେ ତା ପ୍ରତି ଅନାଇ ରହୁଥାଏ । ମାର୍ଗାରେଟ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଜବାବ ଦେଇ ଶୀଘ୍ର ଚାଲି ଯିବାର ଉଦ୍ୟମ କରୁଥାଏ । ଉଦ୍ଧମନ୍ ପଚାରିଲା, "ଆଣ୍ଠିରେ କାଣ ଧରିଛୁ ।" ମାର୍ଗାରେଟ ଅଣ୍ଟି ମେଲାକରି କିଛି କହିବା ପୂର୍ବରୁ ଉଦ୍ଧମନ୍ ହାତମାରି ଦେଖିଲା—ତା ହାତ ଏଣେ ତେଣେ କରି କହିଲା, "ଓଃ ଟୋଲ୍ ଗୁଡ଼ାକ ।" ମାର୍ଗାରେଟ୍ ଅଣ୍ଟି ବନ୍ଦକରି ଟିକିଏ ପଛକୁ ଘୁଞ୍ଚିଗଲା ଏବଂ ଛିଣ୍ଡିର କପଡ଼ାଟି ଉପରକୁ ଟାଣି ଭଲ ଭାବରେ ଢ଼ାଙ୍କି ହେବାର ଚେଷ୍ଟା କଲା ।

ତାର ଶରୀରଟି ଶୀତରେ ଥରୁ ଥାଏ । ସେ ଟିକିଏ ରାଗିଗଲେ ମଧ୍ୟ କିଛି କହି ପାରିଲା ନାହିଁ । ଉଦ୍ଧମନ୍ କହିଲା, "ମାର୍ଗାରେଟ୍, ମୁଁ ଆଜି ସହରକୁ ଯାଉଛି, ତୋ ଲାଗି ଖଣ୍ଡେ ଭଲ ଶାଢ଼ୀ ଆଣିଦେବି ।"

ମାର୍ଗାରେଟ୍ "ନାଇଁ ବାବୁ, ମୋର ଶାଢ଼ୀ ଅଛି ଘରେ, ଆଉ ଦରକାର ନାହିଁ" କହି ତରତରରେ ପଳାଇଲା । ଉଦ୍ଧମନ୍ ଟିକିଏ ହସି ଦେଇ ସାଇକଲ୍ ଚଢ଼ି ଚାଲିଗଲା ।

ମାର୍ଗାରେଟ୍‌ର ମନ ଟିକିଏ କମିତ ଖରାପ ହୋଇଗଲା । ସେ ଆଉ ଟୋଲ ଗୋଟାଇ ପାରିଲା ନାହିଁ । ଘରକୁ ଫେରିଗଲା ।

ସୂର୍ଯ୍ୟାସ୍ତ ହେବା ସମୟ ହେଲାଣି । ମାର୍ଗାରେଟ୍ ପେଡ଼ି ଭିତରୁ ମନିଅର୍ଡ଼ର କୁପନ୍ ଟିଏ ବାହାର କଲା । ପାଦ୍ରୀ କହୁଥିଲା, ସେଇ କୁପନରେ ଯୋସେଫ୍‌ର ଠିକଣା ଲେଖା ଅଛି । ଚିଠି ଲେଖିବାର ହେଲେ କୁପନଟି ସାଙ୍ଗରେ ନେଇ ଆସିଲେ ସେ ଚିଠି ଲେଖିଦେବ । କୁପନଟି ଧରି ମାର୍ଗାରେଟ୍ ସିଆନ ଘରକୁ ଗଲା ।

ସିଆନ୍‌ଙ୍କ ପୁଅ ଏବେ ନିକଟରେ ମେଟ୍ରିକ ପରୀକ୍ଷା ଦେଇ ଘରକୁ ଫେରିଛନ୍ତି । ମାର୍ଗାରେଟ୍ ସିଆନଙ୍କୁ କହିଲା, ପୁଅକୁ କହିଦେଲେ ଚିଠି

Digitized by srujanika@gmail.com

ଖଣ୍ଡିଏ ଯୋସେଫ ପାଖକୁ ଲେଖି ଦିଅନ୍ତୁ । ସିଆନ୍ ତାଙ୍କ ପୁଅକୁ ଡାକି କହିଦେଲେ ।

ମାର୍ଗାରେଟ୍‌ର କହିବା ଅନୁସାରେ ସିଆନଙ୍କ ପୁଅ ହେମନ୍ତ ଚିଠିଟା ଲେଖିଦେଲା । ଚିଠିରେ ମୋଟାମୋଟି ଲେଖା ହେଲା ଘରେ ମା’ ବୁଢ଼ୀ, ମାର୍ଗାରେଟ୍ ବଡ଼ ବ୍ୟାକୁଳ ହେଉଛନ୍ତି—ମା’ ବୁଢ଼ୀଙ୍କ ଦେହ ମଧ୍ୟ ଠିକ୍ ଖରାପ ହେଉଛି—ଯୋସେଫ୍ ଶୀଘ୍ର ଫେରି ଆସିବା ଦରକାର । ଆସିବା ଖବର ତାର କରି ଜଣାଇବ । ଚିଠିଟି ବନ୍ଦକରି ହେମନ୍ତ ପଚାରିଲା, ଚିଠିଟି ପୋଷ୍ଟ ଅଫିସରେ ପକାଇବାକୁ ପଡ଼ିବ—କିଏ ଯିବ ।

ମାର୍ଗାରେଟ୍ କହିଲା “ମୁଁ ଯିବି—କାଲି ପକାଇ ଆସିବି ।” ହେମନ୍ତ କହିଲା, “ମୁଁ କାଲି ସହରକୁ ଯିବି—ପୋଷ୍ଟ ଅଫିସରେ ପକାଇ ଦେବି ।” ମାର୍ଗାରେଟ୍ ତାକୁ ସେଥିପାଇଁ କୃତଜ୍ଞତା ଜଣାଇ ଘରକୁ ଫେରି ଆସିଲା ।

× × ×

ହେମନ୍ତ କହୁଥିଲା ଯୋସେଫ ଯେଉଁ ଜାଗାରେ ଅଛି ସେଠିକି ଚିଠି ପହୁଞ୍ଚିବାକୁ ପ୍ରାୟ ପାଞ୍ଚଦିନ ଲାଗିବ । ଆଉ କହୁଥିଲା ରେଳଗାଡ଼ିରେ ଗାଁକୁ ଆସିବାକୁ ପ୍ରାୟ ତିନି ଦିନ ଲାଗିବ ।

ମାର୍ଗାରେଟ୍ ଟୋଲ୍ ଉଣ୍ଡାଉ ଥାଏ । ଏଣେ ମନେ ମନେ ହିସାବ କରୁଥାଏ ଚିଠି ପଠାଇବାର କେତେ ଦିନ ହେଲାଣି । ହିସାବ କରି ଦେଖିଲା ଆଜି କି ସାତଦିନ ହେଲା । ଚିଠି ପାଇବା ସଙ୍ଗେ ସଙ୍ଗେ ଯଦି ଯୋସେଫ୍ ଗାଡ଼ି ଧରିଥାଏ ତେବେ ସମ୍ଭବତଃ କାଲି ମଧ୍ୟ ଘରକୁ ପହଞ୍ଚି ପାରେ । ଆଶା ଏବଂ ଆଶଙ୍କାର ଦ୍ୱନ୍ଦ୍ୱରେ ତା ମନ ଭିତରଟା କିମିତି କିମିତି ହୋଇ ଗଲା । ସେ ଟୋଲ୍ ଉଣ୍ଡାଇବା (ଗୋଟାଇବା) ବନ୍ଦ କରି ଅଣ୍ଟା ସଳଖ କରି ଠିଆ ହେଲା । ଗୋଟିଏ ହାତରେ ଟୋଲ୍ ନୂପଲଟି (ବାଉଁଶରେ ତିଆରି ଗ୍ରେଟ ଟୋକେଇ) ଝୁଲୁଛି । ଦେଖିଲା ପ୍ରାୟ ସବୁ ଗଛରୁ ସଂଗ୍ରହ କରି ସାରିଲାଣି । କେବଳ ସେଇ ରାସ୍ତା ପାଖ ଗଛଟି ବାକି ଅଛି । କିନ୍ତୁ ସେଦିନ

Digitized by srujanika@gmail.com

ଘଣ୍ଟାଠାରୁ ମାର୍ଗାରେଟ୍ ସେ ଗଛ ତଳକୁ ଆଉ ଯାଉ ନାହିଁ । ତେଣୁ ଆଉ ବିଳମ୍ବ ନ କରି ସେ ଘରକୁ ଫେରି ଆସିଲା ।

କିଛି ସମୟ ପରେ ଯୋସେଫର ମା' ବୁଢ଼ୀ ଶାଢ଼ୀଟିଏ ଘର ଭିତରୁ ଆଣି ମାର୍ଗାରେଟ୍‌କୁ ଦେଲା । କହିଲା, ଉଡମନ୍ ଆସିଥିଲା, ସହରରୁ କିଣି ଆଣି ଦେବାପାଇଁ କହିଥିଲି ବୋଲି ଆଣି ଦେଇଛି । କେତେ ଦାମ ନେଲା ବୋଲି ପଚାରିବାରୁ କହିଲା ଯେ ପରେ ଆସି ଦାମ ନେଇଯିବ ।

ମାର୍ଗାରେଟ୍ ଟିକିଏ ବିରକ୍ତ ହେଲା । ମନାକରିବା ସତ୍ତ୍ୱେ ଉଡମନ୍ କାହିଁକି ଏପରି କଲା ବୋଲି ମନରେ ରାଗ ମଧ୍ୟ ହେଲା । ହେଲେ କିଛି ପ୍ରକାଶ କଲା ନାହିଁ । କାରଣ ଭଲ ଭାବରେ ଚିନ୍ତାକରି ଦେଖିଲା ପ୍ରକୃତରେ ଖଣ୍ଡିଏ ଶାଢ଼ୀର ଆବଶ୍ୟକତା ଥିଲା । କାଲି ଯଦି ଯୋସେଫ୍ ଆସିଯାଏ ତା'ର ଫଟାଫଟି ଶାଢ଼ୀଟି ଦେଖି କ'ଣ କହିବ । ତାପରେ ଉଡମନ୍ ତ କହିଛି, ଆସି ଦାମ ନେଇଯିବ । କିଣି ଆଣି ଦେବାରେ କ୍ଷତି କଣ । ମନେ ମନେ ଠିକ୍ କଲା କାଲି ସକାଳରୁ ସେଇ ଶାଢ଼ୀଟି ପିନ୍ଧିବ । ଗାଡ଼ି କୁଆଡ଼େ ସକାଳ ପାହି ନ ଥିବ—ଚାରିଟାରେ ପହଞ୍ଚେ । ସେଇଠୁ ଆସିବାକୁ ପ୍ରାୟ ଦୁଇଘଣ୍ଟା ଲାଗିବ । ତାର ଇଚ୍ଛା ହେଲା—ଷ୍ଟେସନକୁ ଯାଆନ୍ତା । ହେଲେ ଆସିବାର ନିର୍ଦ୍ଦିଷ୍ଟ କିଛି ଖବର ନାହିଁ, କିମିତି ଯିବ ।

ଯୋସେଫ୍‌ର ମା ପଚାରିଲା, ଯୋସେଫ୍‌ଠାରୁ ଘରକୁ ଫେରିବାର କିଛି ଖବର ଆସିଲା କି । ମାର୍ଗାରେଟ କହିଲା, ନାଇଁ ତ ଆସି ନାହିଁ । ତେବେ ଛୁଟି ପାଇ ସାଙ୍ଗେ ସାଙ୍ଗେ ଯଦି ବାହାରି ଥିବେ, କାଲି ବା ପଅରି ଦିନ ଘରକୁ ପହଞ୍ଚି ଯିବା କଥା ।

ରାତି ପ୍ରାୟ ବାରଟା ହେଲାଣି । ମାର୍ଗାରେଟ୍ ଭିତର ବଖରାଟାରେ ଶୋଇଛି । ଆଉ ଯୋସେଫ୍‌ର ମା ବାହାର ବଖରାଟାରେ । ଯୋସେଫ୍‌ର ମା ବେଶ୍ ନିଦରେ ଶୋଇ ଘୁଙ୍ଗୁଡ଼ି ମାରୁଛି । କିନ୍ତୁ ମାର୍ଗାରେଟକୁ ନିଦ ହେଉ ନାହିଁ । ସେ ନାନା କଥା ମନରେ ଭାବୁଛି । ଛୁଟି ପାଇ ଯୋସେଫ୍ କଣ ପ୍ରକୃତରେ ଗାଡ଼ି ଧରିଥିବ । ଏଥର କାହିଁକି ତାର ଦୃଢ଼ ଭାବନା ହେଉଛି—ଯୋସେଫ୍ ନିଶ୍ଚୟ ଗାଡ଼ି ଧରିଥିବ । ଅଧବାଟରେ ଥିବ ନିଶ୍ଚୟ । କେଉଁଠି ଗାଡ଼ି ଫେଲ୍ ହୋଇ ଯାଇ ନ ଥିବତ । ତାର ମନେଅଛି ସେଥର ଟାଟା-

Digitized by srujanika@gmail.com

ନଗରରୁ ଫେରିଲାବେଳେ ବାଟରେ ଯୋସେଫ୍ ଗୋଟିଏ ଷ୍ଟେସନରେ ଗାଡ଼ି ଠିଆ ହୋଇଥିବା ବେଳେ ପାଣି ପିଇବା ପାଇଁ ଓହ୍ଲାଇଲା । ତା ପରେ ଡବା ଭିତରକୁ ଆସି ନ ଥାଏ ଗାଡ଼ି ଗଡ଼ିଦେଲା । ମାର୍ଗାରେଟ ତେଣୁ ବାଧ୍ୟ ହୋଇ ବୁଜି କଣ୍ଟି ଧରି ଚଳନ୍ତା ଗାଡ଼ିରୁ ପ୍ଲାଟଫର୍ମକୁ ଡେଇଁ ପଡ଼ିଲା । ତାକୁ ଲୋକେ ଗାଳିଦେଲେ । ଯୋସେଫଟା ବଡ଼ ଦାୟିତ୍ୱହୀନ । ତାର ଭୁଲପାଇଁ ଗାଳି ସହିବାକୁ ପଡ଼ିଲା । ଭାଗ୍ୟ ଭଲ କିଏ ଜାଣେ ଗୋଡ଼ ଟିକିଏ ଖସି ଯାଇଥିଲେ ସେ ମରିଯାଇ ନଥାନ୍ତା । ଯୋସେଫ୍ ଆସିଲେ ତା ସହିତ କେତେ ସବୁ କଥାହେବ ମାର୍ଗାରେଟ୍ ମନେ ମନେ ଭାବି ଯାଉଛି ।

ଏହିପରି ନାନା କଥା ଭାବୁ ଭାବୁ ମାର୍ଗାରେଟ୍ର ଆଖିରେ ଟିକିଏ ନିଦ ଆସିଗଲା । ପାଦ୍ରୀ କହିଛି—ତାଙ୍କ ମିଶନ୍ଟା ଷ୍ଟେସନଠୁ ବେଶୀ ଦୂର ନୁହେଁ । ଯୋସେଫ୍ ଆସିଲେ ଓହ୍ଲାଇବା ପରେ ଅବଶ୍ୟ ମିଶନକୁ ଆସିବ । ପାଦ୍ରୀ କହିଛି—ଯୋସେଫ୍ ଏକା ଆସିଲେ ସେ ତାକୁ ମୋଟର ସାଇକେଲ ପଛ ପାଖରେ ବସାଇ ଆଣି ଘରେ ଛାଡ଼ି ଦେବ । ହେଲେ ତାକୁ ଶୀଘ୍ର ଫେରି ଆସିବା ପାଇଁ ମାର୍ଗାରେଟ୍ ଯାହା ଚିଠି ପଠାଇଲା—ପାଦ୍ରୀ ସେଇଟା ପସନ୍ଦ କରି ନାହିଁ । ସେ କହୁଥିଲା ଯୋସେଫ୍ ଯେଉଁ କାମରେ ଯାଇଛି ତା ଖାଲି ରୋଜଗାର ପାଇଁ ନୁହେଁ—ଦେଶକାମ ମଧ୍ୟ । ଯୁଦ୍ଧରେ ପ୍ରସ୍ତୁତି ପାଇଁ ରାସ୍ତା ସବୁ ତିଆରି ହେଉଛି । ଏହିପରି ନାନା କଥା ଭାବୁ ଭାବୁ ମାର୍ଗାରେଟ୍ ଶୋଇ ପଡ଼ିଲା ।

ନିଦ୍ରାବସ୍ଥାରେ ମାର୍ଗାରେଟ୍ ସ୍ୱପ୍ନ ଦେଖୁଛି । ଯୋସେଫ୍ର ପୁଣି ସେହି ଦାୟିତ୍ୱହୀନତା । ଗାଡ଼ି ଛାଡ଼ି ଦେଲାଣି—ଅଥଚ ସେ ଡବା ଭିତରକୁ ଆସି ପାରିନାହିଁ । ଏ କଣ—ଚଳନ୍ତା ଗାଡ଼ିର ଡବା ଭିତରକୁ ଡେଇଁ ପଡ଼ୁଛି—ପଶି ପାରିଲା ନାହିଁ—ତଳେ ପଡ଼ିଗଲା । ହାୟ ! କଣ ହେବ । ତାକୁ ଏଣେ ଗାଡ଼ି ବୋହି ନେଇଯାଉଛି । ଭୟରେ ସେ ଚିତ୍କାର କରି ଉଠିଲା । ଖଟରୁ ଉଠି ପଡ଼ିଲା ।

ମା ବୁଢ଼ୀ ଆଉ କୋଠରୀରୁ ପଚାରିଲା, କ'ଣ ହୋଇଲା ?

ମାର୍ଗାରେଟ୍ କିଛି ନ କହି ସେ କୋଠରୀକୁ ଯିବାକୁ ପାଦ ପକାଇଲା । କଣ ଗୋଟାଏ ପାଦତଳେ ମାଡ଼ି ହୋଇଗଲା । ଉଠାଇ

Digitized by srujanika@gmail.com

ଦେଖିଲ—ମୂର୍ତ୍ତୀଟିଏ କ୍ଷତବିକ୍ଷତ ଏବଂ ଖଣ୍ଡ ଖଣ୍ଡ ହୋଇ ପଡ଼ିଛି । ବୋଧହୁଏ ବିଗ୍ରଡ଼ କେତେବେଳେ ତାର ଏ ଅବସ୍ଥା କରି ଦେଇଛି ।

ମାର୍ଗାରେଟ୍ ଅସି ମା ବୁଢ଼ୀକୁ ସବୁ କଥା କହିଲ । ବୁଢ଼ୀ ନିଜେ ମନ ମଧ୍ୟରେ ନାନା ପ୍ରକାର ଶଙ୍କା କରିବାକୁ ଲଗିଲ କିନ୍ତୁ ସବୁ ଲୁଚିରଖି ମାର୍ଗାରେଟ୍‌କୁ ନାନାପ୍ରକାରେ ଆଶ୍ୱସ୍ତ କରୁଥାଏ । ଝଁଲ୍ ଫଁଲ୍ (ପାହାନ୍ତା ସକାଳ) ହୋଇଗଲଣି । ଆଉ କେହି ଶୋଇବାକୁ ଗଲେ ନାହିଁ । ମାର୍ଗାରେଟ୍ ଦୁଆରରେ ଛରାଦେବା (ଗୋବର ପାଣି ପକାଇବା), ବନ୍ଧାଇବା (ଝାଡ଼ୁ କରିବା) ଆଦି କାମରେ ଲଗି ପଡ଼ିଲ । କାମ କରୁ କରୁ ମନରେ ଭାବୁଥାଏ, ଅଳ୍ପକ୍ଷଣ ପରେ ଅବଶ୍ୟ ସବୁ ଜଣା ପଡ଼ିଯିବ । ଯୋସେଫ୍ ଯଦି ଆସିଥାଏ, ପାଦ୍ରୀ ଅବଶ୍ୟ ତାକୁ ମୋଟର ସାଇକଲ ପଛ ପାଖରେ ବସାଇ ଅଣି ପହଞ୍ଚାଇ ଦେବ । ଯଦି ଅସି ନଥାଏ, ତାହେଲେ ବି ଏକବେ ଆସିବ, ସେ ବିଷୟରେ ଚିଠି ପାଦ୍ରୀ ପାଖକୁ ନିଶ୍ଚୟ ପହଞ୍ଚିବ ଏବଂ ପାଦ୍ରୀଠାରୁ ଖବର ମିଳିବ । ସେ ପାଦ୍ରୀକୁ ଅନୁନୟ ବିନୟ କରି କହିବ, ଶୀଘ୍ର ଫେରିବା ପାଇଁ ନିଜେ ଖଣ୍ଡିଏ ଚିଠି ଲେଖିଦେବ ।

ମା ବୁଢ଼ୀ କୋଠରୀ ଭିତରେ ପଟିଆ ଉପରେ ବସି 'ଯିଶୁ ସହାୟ' 'ଯିଶୁସହାୟ' ବୋଲି ବାରବାର କହୁଥାଏ ।

ଖରା ପଡ଼ିବାର ପ୍ରାୟ ଘଣ୍ଟାଏ ହୋଇଗଲଣି । ମାର୍ଗାରେଟ୍ ଥରକୁଥର ବାଟ ଅନାଉଛି । ମୋଟର ସାଇକଲର ଶବ୍ଦ ଶୁଭିଲ । ସେ ଦୂରକୁ ଅନାଇ ଦେଖିଲ—ବୋଧହୁଏ ପାଦ୍ରୀ ଆସୁଛି—ହଁ ପାଦ୍ରୀ ତ । ତା ମନରୁ ଖଟକା ଅଧାଅଧି ଦୂର ହୋଇଗଲ । ଯୋସେଫ୍ ନିଶ୍ଚୟ ଆସୁଛି । ଘର ଭିତରକୁ ଗଲ । ଶାଢ଼ୀଟି ହାତରେ ଧରି ପୁଣି ପଦାକୁ ଆସିଲ । ଦେଖିବାକୁ ଚେଷ୍ଟାକଲ ପଛରେ କିଏ ବସିଛି କି ନା । ମୋଟର ସାଇକଲଟି ପାଖକୁ ଅସିଗଲଣି । ଏବେ ସ୍ପଷ୍ଟ ଦିଶୁଛି । ପଛରେ କେହି ବସି ନାହାନ୍ତି । ଯୋସେଫ୍ ତାହେଲେ ଆସିନି ନାହିଁ··· ।

ପାଦ୍ରୀ ଆସି ଦୁଆରେ ପହଞ୍ଚିଲ । ମାର୍ଗାରେଟ୍‌ର ହାତରୁ ଶାଢ଼ୀଟି ଖସି ପଡ଼ିଲ । ସେ ଟିକିଏ ଆଗକୁ ଆସି ପାଦ୍ରୀ ସାଙ୍ଗରେ ୬ ୧ କହିଲ 'ଯୀଶୁ ସହାୟ' ।

Digitized by srujanika@gmail.com

ଯୋସେଫ୍‌ର ମା ମଧ୍ୟ ପଦାକୁ ବାହାରି ଆସିଥିଲେ । ପାଦ୍ରୀ ସହିତ ହାତ ମିଳାଇଲେ । ପାଦ୍ରୀ କହିଲେ "ଯୀଶୁ ସହାୟ ।"

ମାର୍ଗାରେଟ୍ ପଚାରିଲେ, "ଯୋସେଫ୍ କେର୍ କୋନୋ ଖବର ନାହିଁ ବାବା ?"

ପାଦ୍ରୀ ବଡ଼ ଦୁଃଖିତ ସ୍ୱରରେ କହିଲେ, "ବଡ଼ା ଦୁଃଖକେର ବାତ୍ ହେ ମାର୍ଗାରେଟ୍..."

ମାର୍ଗାରେଟ୍ ଏବଂ ଯୋସେଫ୍‌ର ମା ଏକା ସାଙ୍ଗରେ କହି ଉଠିଲେ । "କା ହେ (କଣ) ବାବା ?"

ପାଦ୍ରୀ ମୁଣ୍ଡଟି ହଲାଇ ବିଷଣ୍ଣ ଭାବରେ କହିଲେ, "ଯୋସେଫ୍ ଆଉର ଆଏକ୍ ନ ସକିହି (ଆସିପାରିବ ନାହିଁ) । ଗାଡ଼ି ଧରେକ୍ ସମୟ ଉକର୍ ପୈର୍ ବିଛଡ଼୍ ଗେଲକ୍ (ପାଦ ଖସିଗଲା) ଔର ଦେହାନ୍ତ..."

ମାର୍ଗାରେଟ୍ ଚିତ୍କାର କରି ଉଠିଲେ "ନହିଁ ବାବା, ଉକେ ଚଏଁ ଲିଖ୍ ଦେ, ଜରୁର୍ ଚଏଲ୍ ଆହି । ସେ ତଳେ କଚାଡ଼ିହୋଇ ପଡ଼ିଲେ— ବାଇଆଣୀ ପରି କଣ ସବୁ କହି ଚାଲିଲେ—କାନ୍ଦିଲେ ।

ଯୋସେଫ୍‌ର ମା ତଳେ କଚାଡ଼ି ହୋଇ ପଡ଼ିଲେ—ଜୀବନ୍ ଅଛି ନା ନାହିଁ ଜଣା ପଡ଼ୁ ନାହିଁ ।

ପାଦ୍ରୀ ମୋଟର ସାଇକଲ ଗୁଡ଼ି ଭୂତପରି ଠିଆ ରହିଲେ—କ'ଣ କହି ସାନ୍ତ୍ୱନା ଦେବେ କିଛି ବୁଝିପାରୁ ନାହିଁ ।

ମାର୍ଗାରେଟ୍ ଥରେ ଥରେ ମୁହଁ ଟେକି ସେଇ ଗୋଟିଏ କଥା କହୁଛି, "ଉକେ ଚଏଁ ଲିଖ୍ ଦେ ବାବା, ଜରୁର୍ ଚଏଲ୍ ଆହି ।"

Digitized by srujanika@gmail.com

ଉପରକୁ ଲେଖାଯାଇଛି

ଚଉଁରି ମରିଯାଇଛି । ଫୁଲମନର ଦୁଃଖର ସୀମାନାହିଁ । କ'ଣ କରିବ ! ଚାଷ କରିବ କିପରି ! କିଛି ଭାବି ପାରୁନାହିଁ । ତାକୁ ଚାରିପାଖ ଅନ୍ଧାର ଦିଶୁଛି ।

*

ପାଞ୍ଚବର୍ଷ ତଳେ ଫୁଲମନର ସ୍ୱାମୀ ବିରସା ଯେତେବେଳେ ଏ ସଂସାର ଛାଡ଼ି ଚାଲିଗଲା ସେତେବେଳେ ଫୁଲମନ ହୃଦୟରେ ଗଭୀର ଦୁଃଖ ଅନୁଭବ କରିଥିଲା । ବିରସା ବହୁତ ମଦ ପିଉଥିଲା । ମଦ ପିଇ ପିଇ ଘରର ସମ୍ପତ୍ତି ନଷ୍ଟକରି ଦେଉଥିଲା । କେତେ ଲୋକଙ୍କ ସାଙ୍ଗରେ ଗାଳି, ଫଜତ୍ ଓ ନାନା ପ୍ରକାର ଅନର୍ଥ ମଧ୍ୟ ସୃଷ୍ଟି କରୁଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା, ଆଉ ଲୋକଙ୍କ ସାଙ୍ଗରେ ଯେତେ ଯାହା ଗାଳିଗୁଲଜ୍ ହେଉପଛେ, ମାତାଲ ଅବସ୍ଥାରେ ମଧ୍ୟ ସେ ଫୁଲମନକୁ କେବେ ଦୁର୍ବ୍ୟବହାର କରିନାହିଁ କି ଅମାନ୍ୟ କରିନାହିଁ । ମାତାଲ ବିରସାକୁ ନାନା ପ୍ରକାରରେ ସମ୍ଭାଳିବା ଫୁଲମନର ଏକ ନିତ୍ୟ ନୈମିତ୍ତିକ କାମ ଥିଲା ।

Digitized by srujanika@gmail.com

ଏବେ ସେ କ'ଣ କରିବ ! କମିତି ତାର ଦିନଗୁଡ଼ିକ କଟିବ ! ପୁଅ କି ଝିଅ ଥିଲେ ବା ତାଙ୍କ ସାଙ୍ଗରେ କିଛି ସମୟ ହସଖୁସିରେ କଟନ୍ତା । କିନ୍ତୁ ଭଗବାନ ସେତିକି ବି ଦୟାକଲେ ନାହିଁ । ଫୁଲମନି ବଡ଼ ଦୁଃଖ ଅନୁଭବ କରିଥିଲି ସେଦିନ ।

ତା ପରେ ଦିନଗୁଡ଼ିକ ଯେତେବେଳେ ବଡ଼ ଦାରୁଣ ମନେ ହେଲି ସେ ବନ୍ଧୁବାନ୍ଧବଙ୍କ ପରାମର୍ଶରେ ଦୂରସମ୍ପର୍କୀୟ ପୁତୁରା ପୁଅ ଲଛମନ୍‌କୁ ଆଣି ପୁଅପରି ଘରେ ରଖିଛି । ନଚେତ୍ କାହାପାଇଁ ସେ ପରିଶ୍ରମ କରିବ ! କିଏ ତା ସମ୍ପତ୍ତିର ଉତ୍ତରାଧିକାରୀ ହେବ !

ବରଷା ବଞ୍ଚିଥିଲା ବେଳେ 'ଚନ୍ଦା' ଆଉ 'କୁପି'—ହାତୀପରି ପୋଡ଼ ହଳଟିଏ ଥିଲା । ସେ ହଳଟାକୁ ଆୟତ୍ତ କରିବା ଏକ କଠିନ ସମସ୍ୟା । ଫୁଲମନି ପ୍ରାୟ ସବୁ କାମରେ ହାତ ଦେଉଥିଲି—କିନ୍ତୁ ଏ ପୋଡ଼ ହଳ ପାଖକୁ ଅତି ସନ୍ତର୍ପଣରେ ଯା ଆସ କରେ । ତା ମନରେ ଭୟ ହୁଏ । ବରଷା ପାଖରେ ନ ଥିଲେ ସାଧାରଣତଃ ସେ ଯାଏ ନାହିଁ । ବରଷାର ମୃତ୍ୟୁର କିଛିଦିନ ପୂର୍ବରୁ 'କୁପି' ପୋଡ଼ଟି କୁଆଡ଼େ ହଜିଗଲା ଯେ ଆଉ ଏ ପର୍ଯ୍ୟନ୍ତ ମିଳି ନାହିଁ । 'ଚନ୍ଦା'କୁ ଦାନାଦେବା, ବନ୍ଧାବନ୍ଧି କରିବା, ହେପାଜତ୍ ନେବା ବଡ଼ ମୁସ୍କିଲ ହୋଇ ପଡ଼ିଲା । ଫୁଲମନି ତେଣୁ ଗାଁଆର ଗୋଟିଏ ପିଲା—ବୟସ ପ୍ରାୟ ୧୫।୧୬ ବର୍ଷ ହେବ—ଶୁକ୍ରାକୁ ଘରେ ରଖିଛି । ସେ ରାତିରେ ମଧ୍ୟ ନିଜ ଘରକୁ ଯାଏ ନାହିଁ । ଫୁଲମନି ଆଉ ଲଛମନ୍ ଏକୁଟିଆ କମିତି ଘରେ ରହିବେ । ତେଣୁ ଶୁକ୍ରା ବରାବର ଘରେ ରହିବାର କଥା ପଡି ଯାଇଛି । ସେ ପରିବାରର ଜଣେ ପରି ରହିଛି । ଫୁଲମନି ତାର ଖାହାଘର ବ୍ୟବସ୍ଥା, ଖର୍ଚ୍ଚ ବର୍ଚ୍ଚ ସବୁ କରିବ ।

ଶୁକ୍ରା ବଡ଼ ସଚ୍ଚୋଟ୍ ପିଲା । ସେ ଲାଗିପଡ଼ି ମନଧ୍ୟାନ ଦେଇ କୃଷିକାମ ସବୁ ଉଠାଇ ନେଇଛି । ହେଲେ ପ୍ରାୟ ମାସେ ହୋଇ ଯାଇଥିଲେ ସୁଦ୍ଧା 'ଚନ୍ଦା'କୁ ଆୟତ୍ତ କରି ପାରୁନାହିଁ । ବେଳେବେଳେ ତା ମନରେ ବି ଭୟ ଆସି ଯାଉଛି । ଏତେ ବଡ଼ ବଡ଼ ସିଂଘ—କେତେବେଳେ ଭୁସି ଦେବ କି କ'ଣ କରିବ । ବୋଧହୁଏ ତା ଯୋଡ଼ି 'କୁପି'କୁ ହରାଇ ସେ ଅଧିକ ଉଗ୍ର ହୋଇ ପଡ଼ିଛି ।

Digitized by srujanika@gmail.com

ଯାହାହେଉ ଗୋଟିଏ ଯୋଡ଼ରେ ତା ସୁଖ ଚଳବ ନାହିଁ, ଏଣେ ଆଉ ଗୋଟିଏ ଯୋଡ଼—'ଚନ୍ଦା'ର ଯୋଡ଼ କିଣିବାପାଇଁ ବହୁତ ଖର୍ଚ୍ଚ ପଡ଼ିବ । ତେଣୁ ବହୁତ ଭାବିଚିନ୍ତି ସ୍ଥିରକରି ଫୁଲମନ 'ଚନ୍ଦା'କୁ ବିକିଦେଲା । ସେଇ ଟଙ୍କାରେ ଆଉ ପ୍ରାୟ ତିରିଶ ଟଙ୍କା ମିଶାଇ 'ଚଉଁରି', 'ଭଉଁରି' ବଛା ବାହନ ହଳଟିଏ ଘରଶ ଟଙ୍କାରେ କିଣି ଆଣିଲା । ନିଜେ ଶୁକ୍ରା ହଳଟାକୁ ପଦମ୍‌ପୁର ବଜାରରୁ ବାଛି କିଣି ଆଣିଥିଲା ।

'ଚଉଁରି', 'ଭଉଁରି' ଆସିବା ଦିନଠୁ ଶୁକ୍ରା, ଲଛମନ ଆଉ, ଫୁଲମନ ସମସ୍ତଙ୍କର ପ୍ରିୟ ହୋଇ ପଡ଼ିଥିଲେ । ଦେଖିବାକୁ ମଧ୍ୟ ଯୋଡ଼ିଟି ବେଶ୍ ସୁନ୍ଦର । ଲଛମନକୁ ସେତେବେଳେ ବୟସ ପ୍ରାୟ ୮।୯ ବର୍ଷ ହେବ । ଉଭୟେ ଲଛମନ୍ ଏବଂ ଶୁକ୍ରା 'ଚଉଁରି', 'ଭଉଁରି'ର ଖୁବ୍ ହେପାଜତ୍ ନିଅନ୍ତି । ଶୁକ୍ରା ଆଉ ଲଛମନର ଯେପରି ବୟସ ବହୁତ ବଢ଼ି ଚାଲିଥାଏ 'ଚଉଁରି', 'ଭଉଁରି'ର ମଧ୍ୟ ସେହିପରି । ସେମାନଙ୍କ ମଧ୍ୟରେ ସ୍ନେହ, ସଦ୍‌ଭାବ ମଧ୍ୟ ବଢ଼ି ଚାଲିଥାଏ । ଫୁଲମନ ତାହା ଦେଖି ମନରେ ବେଶ୍ ସନ୍ତୋଷ ଲାଭ କରୁଥାଏ ।

ସେ କେବେ କେବେ ରାତିରେ ଶୀଘ୍ର ନିଦ ନ ଆସିଲେ ମନେ ମନେ ଭାବେ, ବିରସା ଚାଲି ଗଲାପରେ ଲଛମନ୍, ଶୁକ୍ରା, 'ଚଉଁରି', 'ଭଉଁରି' ଏମାନେ ନ ଥିଲେ ତାକୁ କେତେ ଖରାପ ଲାଗନ୍ତା । ସବୁଦିନ ତାକୁ କିପରି ଶୂନ୍ୟ ଶୂନ୍ୟ ମନେ ହୁଅନ୍ତା । ଏମାନେ ସମସ୍ତେ ତାକୁ ସମୟ ଅତିବାହିତ କରିବାରେ ସାହାଯ୍ୟ କରୁଛନ୍ତି ।

ଫୁଲମନର ବେଶୀକିଛି ଜମି ନାହିଁ, ପାଞ୍ଚ ଏକର ମାତ୍ର । ଜମିର ଅବସ୍ଥା ଯାହା ସେଥିରୁ ବିଶେଷ କିଛି ଆଦାୟ ହେବାର ସମ୍ଭାବନା ମଧ୍ୟ ନାହିଁ । କିନ୍ତୁ ବିରସା କଠୋର ପରିଶ୍ରମୀ ଥିବାରୁ ଜମିର କିସମ ବଦଳାଇ ଦେଇଛି । ବହୁତ ମଦ ପିଉଥିଲା ସତ, ହେଲେ କାମରେ ବି ଊଣା ନ ଥିଲା ।

ଏବେ ଚଉଁରି, ଭଉଁରି ହଳଟି କିଣିବା ପରେ ଶୁକ୍ରା ମଧ୍ୟ କ୍ରମେ କ୍ରମେ ଉତ୍ତମ ରୂପେ କୃଷିର ଅବଲମ୍ବନ କରିବା ଶିଖି ଆସୁଛି । ଗାଁ ପାଖରେ ଗୋଟିଏ ନିମ୍ନ ପ୍ରାଥମିକ ସ୍କୁଲ ଖୋଲାଛି । ଲଛମନର ବୟସ

Digitized by srujanika@gmail.com

ଟିକିଏ ବେଶି ହୋଇ ଯାଇଥିଲେ ମଧ୍ୟ ସେଠିକି ଯାଇ ପାଠ ଶିଖୁଛି । ଫୁଲମନି ଚାଷର ଆୟଛଡ଼ା ଅନ୍ୟାନ୍ୟ ପ୍ରକାରରେ ମଧ୍ୟ କିଛି ରୋଜଗାର କରିବାରେ ପଛାଉ ନାହିଁ । ମହୁଲ ଉଣ୍ଡାଇବା, ଝୋଲ ଉଣ୍ଡାଇବା, ଖଜୁରି ପତ୍ରରେ ପଟିଆ ତିଆରି କରି ବିକିବା ଆଦି ମଧ୍ୟ ଚାଲିଛି । କିଛି କିଛି ବଳେଇ ହାତରେ ନ ରଖିଲେ ସେ ଶୁଝାର ବାହାଘର ଖର୍ଚ୍ଚ ତୁଲାଇବ କିପରି ? ଲଛମନ ପାଇଁ ଗୁଡ଼ପିବ କ'ଣ ? ତେଣୁ ତାକୁ ମଧ୍ୟ କାମରେ ଫୁରୁସତ ନାହିଁ ।

କେତେ ସୁନ୍ଦର ସୁରୁଖୁରୁରେ ଦିନଗୁଡ଼ିକ କଟି ଯାଉଥିଲା । ଆଜି ହଠାତ୍ ଏ କ'ଣ ହୋଇଗଲା ? ଏତେ ଟାଣୁଆ ବଳଦ ଚଉଁରା— ଏକା ଭୁଷିକେ ଟଳି ପଡ଼ିଲା । ଫୁଲମନି ବିଶ୍ୱାସ କରି ପାରୁନାହିଁ । ରହମନର ନିଶ୍ଚୟ କିଛି ଭିତିରି ବଦମାସି ଅଛି । ଲୋକଟା ବଡ଼ ଭୟାନକ ଏ କଥା ସେଦିନ ଘଟଣାରୁ ଫୁଲମନି ସ୍ପଷ୍ଟ ବୁଝି ପାରିଛି । ଟିକିଏ କ୍ଷମତା ପାଇଲେ ଲୋକେ ଏପରି କଦାକାର ହୋଇ ଯାଆନ୍ତି । ସେ ଦିନର ଘଟଣାଟି ତା ମନଭିତରେ ପୁଣି ଥରେ ଖେଳିଗଲା ।

ଫୁଲମନିର ଗାଁ ପୂର୍ବପଟେ ପ୍ରାୟ ଏକ ମାଇଲ ଦୂରରେ ଦାଉଦର ଗାଁ । ଦାଉଦ୍ ଏବଂ ବିରସା ବଡ଼ ସାଙ୍ଗ ଥିଲେ । ଫୁଲମନି ଯେତେବେଳେ 'ଚନ୍ଦା' ପୋଢ଼ଟାକୁ ବିକିଲା, କୁକୁଡ଼ା ପାଳିର ରହମନ ଖାଁ ତାକୁ କିଣିଲା । କିନ୍ତୁ ଟଙ୍କା ଅଭାବ ଅଛି ବୋଲି ପଚାଶ ଟଙ୍କା ଦେଲନାହିଁ—ପରେ ଦେବବୋଲି କହିଲା । କୁକୁଡ଼ା ପାଳି ଫୁଲମନିର ଗାଁର ଦକ୍ଷିଣପଟେ ପ୍ରାୟ ଅଧ ମାଇଲ ଦୂର । ତିନି ଗାଁର ଗାଈଗୋରୁ ପ୍ରାୟ ଏକାଠି ଚରନ୍ତି ।

ରହମନ୍ ପୂରାଟଙ୍କା ନ ଦେବାରୁ ଫୁଲମନି ଦାଉଦଠାରୁ ଟଙ୍କା ଧାରଆଣି ବଳଦ କିଣିଥିଲା । ପ୍ରାୟ ବର୍ଷଟିଏ ପାରି ହୋଇଗଲା । ଫୁଲମନି ତାକୁ ଟଙ୍କା ପରିଶୋଧ କରି ପାରିଲା ନାହିଁ । ତେଣୁ ସେ ଦିନ ଦାଉଦ୍ ଫୁଲମନି ଘରକୁ ଆସିଥିଲା ଟଙ୍କା ମାଗିବା ପାଇଁ ।

Digitized by srujanika@gmail.com

ଦାଉଦ୍ ସେତେବେଳକୁ ଗାଁର ଓ୍ୱାର୍ଡ ମେମ୍ବର ହୋଇ ସାରିଲାଣି । ସରପଞ୍ଚ ହେବାପାଇଁ ତାର ଆଶା ଥିଲା । କିନ୍ତୁ ରହମନ୍ଟି ବଡ଼ ବଦମାସ୍ ଲୋକ । ସେ ତାର ପ୍ରତିଦ୍ୱନ୍ଦ୍ୱୀତା କଲା । ଓ୍ୱାର୍ଡ ମେମ୍ବର ନିର୍ବାଚନ ସରିବା ପରଠାରୁ ଭୋଜିଭାତ ଖୁଆଇ ପିଆଇ ତେର ଜଣ ମେମ୍ବରଙ୍କ ମଧ୍ୟରେ ଆଠ ଜଣଙ୍କୁ ହାତକରିନେଲା । ମେମ୍ବରଗୁଡ଼ାକ ମଧ୍ୟ କ'ଣ ହୋଇଛନ୍ତି—ପଲଉ ମାଂସ କେବେ ଖାଇ ନ ଥିଲେ ବୋଧହୁଏ—ଭୋଜିଖାଇ ମାନ ମହତ ସବୁ ଭୁଲିଗଲେ । ନିଜ ଲୋକ ହୋଇଥିଲେ ସୁଦ୍ଧା ତାକୁ ଭୋଟ ନ ଦେଇ ରହମନକୁ ଜିତାଇଦେଲେ । ଦାଉଦର ମଧ୍ୟ ଟିକିଏ ଭୁଲ ହୋଇଗଲା । ଜିଣିପିବ ବୋଲି ବିଶ୍ୱାସକରି ପାର୍ଟିକୁ ଆଉ ଏ ବିଷୟରେ ଆଗରୁ କିଛି କହିଲା ନାହିଁ । ହଉ ଯାହାହେଲା, କିନ୍ତୁ ଏ କି କଥା ! ରହମନଠୁ ଫୁଲମନି ଟଙ୍କା ଅଦାୟ କରୁ ନ ଥିବ, ଆଉ ଏଣେ ଦାଉଦ୍କୁ ପରିଶୋଧ କରୁ ନ ଥିବ ଏତ ଠିକ୍ କଥା ନୁହେଁ । ସେଦିନ ଦାଉଦ ଆସିଥିଲା ଟଙ୍କା ମାଗିବା ପାଇଁ । ଫୁଲମନି ତାକୁ ପଚାଶ ଟଙ୍କା ହାତରୁ ଦେଇ ବାକି ଟଙ୍କା ଦଶ ବାର ଦିନ ମଧ୍ୟରେ ରହମନଠାରୁ ଆଣି ଦେଇ ଦେବ ବୋଲି ଜବାବ ଦେଲା । ଦାଉଦ ତାକୁ କହି ଆସିଲା ଯେ ଦଶ ବାର ଦିନ ଅପେକ୍ଷା କରିବାରେ କିଛି ଆପତ୍ତି ନାହିଁ । କିନ୍ତୁ ରହମନ୍ ବଡ଼ ବଦମାସ ଲୋକ । ତାକୁ ତାଗିଦା ନ କଲେ ଟଙ୍କା ଦେବାର ଲୋକ ସେ ନୁହେଁ ।

ଦାଉଦ ଆସିବାର ପରଦିନ ଫୁଲମନି ରହମନ ଘରକୁ ଯାଇଥିଲା ବାକି ଟଙ୍କା ମାଗିବାପାଇଁ । ରହମନ ଏ ମଧ୍ୟରେ ସରପଞ୍ଚ ହୋଇଯାଇଛି । ସରପଞ୍ଚ ହେବାପରେ ଘରକୁ ପଶିବାପାଇଁ ବାଟ କୋଠରୀକୁ ଲାଗି ଗୋଟିଏ ଅଫିସ କୋଠରୀ କରିଛି । ଆଗ କିଏ ଆସିଲେ ବାଟ କୋଠରୀ କିମ୍ବା ବାରଣ୍ଡାରେ ବସି କଥା ହୁଏ । କିନ୍ତୁ ସରପଞ୍ଚ ହେବାପରେ ତ ଅନେକ ପ୍ରକାରର ଲୋକ ଆସିବେ—ବି.ଡ଼ି.ଓ., ଏସ୍.ଡ଼ି.ଓ., ଓ୍ୱେଲଫେୟାର୍ ଅଫିସର ଆଉ କେତେଜଣ । ସେମାନଙ୍କ ସହିତ ବାରଣ୍ଡାରେ କଥାହେବା କ'ଣ ସୁନ୍ଦର ଦିଶିବ ? ତେଣୁ ଅଫିସ କୋଠରୀଟିଏ କରିଛି । ଘରେ ଥିବାବେଳେ ଶୋଇବା ସମୟ ବ୍ୟତୀତ ଅନ୍ୟ ସବୁ ସମୟରେ ରହମନ ପ୍ରାୟ ସେହି ଅଫିସ ଘରେ ବସିଥାଏ ।

Digitized by srujanika@gmail.com

କଏ ଆସିଲେ ମଧ୍ୟ ହେଇଠିକ କଥାବାର୍ତ୍ତା ହେବାପାଇଁ ଡକାଏ । ଫୁଲମନକୁ ମଧ୍ୟ ସେଠିକି ଡାକିଲା । ଫୁଲମନ ଆସି ନମସ୍କାର କଲା ।

ରହମନ ପଚାରିଲା, "କାଣା ଫୁଲମନ, କେନ୍ତା ଆସଲୁ ?"

ଫୁଲମନ— "ସେ ମୋର ବାକି ଟଙ୍କା ଲଗି ଆସିଲି ବାବୁ । ଦାଉଦକୁ ଉଧାର ଆନଛେ—ଶୁଝିବାକେ ଅଛେ ।"

ରହମନ୍— "ଟଙ୍କା ? ବରଷେକୁ ଅଧିକ ହୋଇଗଲାନେ । ଏଭେ ଆଉ କାଏଁ ଟଙ୍କା ? ତମାଦି ଲଇଯିସି—ତୁଇ ନ ଜାନୁ । ଆଉ ଏ ଦାଉଦ୍—ସୈତ ମୋର ବହୁତ ଖର୍ଚ୍ଚା କରଇଦେଲା ।"

ଫୁଲମନ— "ହେଇଥିବା ଜାନେ ବାବୁ । ହେଲେ ମତେତ ଟଙ୍କାଟା ଶୁଝିବାକେ ପଡ଼ବା । ଆଉ କାଣା ତମାଦି କହେଲ ଯେ ମୁଇଁ ନ ବୁଝିଲି ।"

ରହମନ— "ନାଇଁ, ନାଇଁ ମୁଇଁ କାଣା କହୁଥିଲି କି ବାକି ଟଙ୍କା ଲଗି କାଏଁ ଦଉଡ଼ୁଛୁ । ହଳ ଖିନ୍‌ବାର୍ ଲଗି ସାହାଯ୍ୟ ମିଳୁ ବୋଲି ସରକାରକେ ଗୋଟିଏ ଦରଖାସ୍ତ ଲେଖିବେ । ମୁଇଁତ ସରପଞ୍ଚ ଅଛେ ରେକମେଣ୍ଡ କରିଦେବି—ବି.ଡି.ଓକେ ଟିକେ ମନ ଧରିଦେଲେ ପୂରା ହଳକର ପଇସା ମିଳିଯିବା—ତୁଇ ବଧବା ଲୋକ କରୁଛୁ ତକ୍‌ଲଫ୍ ନାହିଁ—"

ଫୁଲମନ— "କାଣା କହୁଛ ବାବୁ, ମୁଇଁତ ସବୁକଥା ଭଲକରି ବୁଝି ନ ପାରୁଛେ—ତୁମେ ଯେନ୍ତା କହିବ ପଛେ ଦରଖାସ୍ତ କର୍‌ବି—ଏଭେତ ଦାଉଦ୍‌କେ ଟଙ୍କା ସୁଝିକ୍ ଲଗ୍‌ବା ।"

ରହମନ— "ଆରେ ଯା, ଦାଉଦ୍ କାଣା କର୍‌ବା, ମୁଇଁତ ସରପଞ୍ଚ ଅଛେ ।"

Digitized by srujanika@gmail.com

ଫୁଲମନ— "ପଚଶଟା ଟଙ୍କା ଦେଇଥିବ ହେଲେ ଅଧାଅଧି ଶୁଝି ଦେଇଥିବ ।"

ରହମନ— ଆରେ ଯା ନେ, ଗୁଟେ ଟଙ୍କା ଭି ନ ଦେବୁ । କାଣା କର୍‌ବା ଦେଖିନେବ—ମୁଇଁ ତ ସରପଞ୍ଚ ଅଛେ ।"

ଫୁଲମନ କ'ଣ କହିବାକୁ ଯାଉଥିଲା । ଏପରି ସମୟରେ ଜଣେ ଅଫିସର ପଶି ଆସିଲେ । ସେ ହେଉଛନ୍ତି Family Planing ର ଜଣେ ଅଫିସର—ବିଶ୍ୱାଳ ବାବୁ ।

ରହମାନ ତାଙ୍କୁ ନମସ୍କାର କଲା । ଫୁଲମନ ମଧ୍ୟ ନମସ୍କାର କରି ଖସିଯିବାକୁ ଉଦ୍ୟତ ହେଉଥିଲା । ବିଶ୍ୱାଳ ବାବୁ ପଚାରିଲେ "କ'ଣପାଇଁ ଆସିଥିଲା ।" ରହମନ କହିଲା, "ପଚଶଟା ଟଙ୍କା ମାଗୁଥିଲା ।" ବିଶ୍ୱାଳ ବାବୁ କହିଲେ, "ତାକୁ ଟିକେ ପଚାରିବା—ଅପରେସନ ପାଇଁ ରାଜି ହୋଇଗଲେ ତ ମୁଁ ଦଶ ପନ୍ଦର ଟଙ୍କା—ଆପଣ ଯେତିକ କହିବେ ଦେଇଦେବି । ରହମନ ଫୁଲମନକୁ କହିଲା, "ରହ, ଶୁନ୍, ବାବୁ କହଛନ୍ତ୍—ଗୁଟେ ଅପରେସନ୍ ଲଗି ରାଜି ହେବ, ହେଲେ ପନ୍ଦର୍ ଟଙ୍କା ମିଲ୍‌ବା ।"

ଫୁଲମନ—କାଏଁ ଅପରେସନ୍— ?

ରହମନ—ଅପରେସନ ହଇଗଲେ ଆଉ ଛୁଆପିଲା ନହୁଏ ।"

ଫୁଲମନ—ମୁଇଁତ ରଣ୍ଡି ମାଇକନିଆ ବାବୁ... ।

ରହମନ—ଆରେ ମୋର୍ ସୋର୍ ନ ହଉଥିଲ... ।

"ବିଶ୍ୱାଳ—ହଉ, ରଣ୍ଡି ମାଇକନିଆ ହେଲେ କ'ଣ ହେବ—" ଅପରେସନ ତ ହେବ—ପନ୍ଦରଟଙ୍କା ପାଇବ—ତୁମର କିଛି ନୁକସାନ୍ ତ ନହୁଏ ।"

ରହମନ—ବାବୁ କହୁଛନ୍ତି ରାଜି ହୋଇ ଯା । ସରକାରଭି ଖୁସିହେବେ । ଲୋକମାନେ ଖୁବ୍ ଅପରେସନ୍ ହେଉଛନ୍ତି ବଲ୍‌ବେ ।

Digitized by srujanika@gmail.com

ବି· ଡ଼ି.ଓ· ଭି ଖୁସି ହୋଇଯିବେ । ବଳଦ ଲାଗି ତୋର ଦରଖାସ୍ତ ସୁପାରିଶ୍ କରିଦେବେ ।

ଫୁଲମନ—କେଡ଼ା ଅମିତ କଥାଗୁଡ଼ା କହୁଛ, ମୁଇଁତ ରାଣ୍ଡୀଲୋକ—ଆଉ ଅପରେସନ ହେବ—ମୋର କାଏଁ ଦରକାର ?"

ବିଶ୍ୱାଳ—ଆଚ୍ଛା, ନାଇଁତ ନାଇଁ । ଇ କାଗଜରେ ଖାଲି ଦସ୍ତଖତ ଦେଇଦିଅ—ମୁଁ ଅପରେସନ ହେଲି ବୋଲି ଲେଖା ହୋଇଛି — ଆଉ ପାଞ୍ଚଟା ଟଙ୍କା ନେଇଯାଅ ।

ଫୁଲମନ—ମୁଇଁ ହେଲେ ଝୁଟ୍ ମୁଠ୍ କାମ୍ ନ କରେ ବାବୁ—ମୁଇଁ ମଙ୍ଗଲର (ଭିକାରି) ନୁହେଁ—ଚଉଁରି, ଭଉଁରି ହଳ ବଳଦ ଥିବାର ତକ୍ ମୁଇଁ ମଙ୍ଗଲର ନ ହୁଏ—ମୁଇଁ ଯାଉଛେଁ ।

ବିଶ୍ୱାଳ ବାବୁ ଟିକିଏ ଅପମାନିତ ବୋଧ କଲେ । ରହମନ୍ ବିରକ୍ତ ହୋଇ ରାଗିଯାଇ କହିଲା—"ଆଚ୍ଛା, ଆଚ୍ଛା, ଦେଖି ନେବ ତୋର ଚଉଁରି —ଭଉଁରି ।" ଫୁଲମନ ଚାଲିଗଲା ।

ଫୁଲମନ ଭାବିଥିଲା ଯେ'ପରେ ରହମନ୍ ଆଉ ତାକୁ ବ୍ୟସ୍ତ କରିବ ନାହିଁ । କିନ୍ତୁ ସରପଞ୍ଚ ହେବାପରେ ଲୋକଟା କମିତ ଟିକିଏ ନିର୍ଲଜ୍ଜ ହୋଇ ପଡ଼ିଥିଲା ପରି ଜଣାପଡୁଛି । ଦିନେ ପ୍ରାୟ ମୁହଁସଞ୍ଜ ବେଳକୁ ବି·ଡ଼ି·ଓ. ସହିତ ଚାଲି ଆସିଲା ସେ ଫୁଲମନର ଘରକୁ ବଡ଼ ହିତାକାଙ୍କ୍ଷୀ ପରି । ଦୁଇଜଣଯାକ ଗୋଟିଏ ଖଟରେ ବସିପଡ଼ି କେତେ ଉପଦେଶ କଥା ଫୁଲମନକୁ ଶୁଣାଇଲେ । ବିଧବା ହେଲେ ମଧ୍ୟ ତାର ବୟସ ଅଧିକ ହୋଇନାହିଁ । ଏବେ ମଧ୍ୟ ସେ ସୁଶ୍ରୀ ରହିଛି—ଅପରେସନ୍ କରାଇନେବା ଉଚିତ ଇତ୍ୟାଦି । ବି·ଡ଼ି.ଓ· ନାନା ପ୍ରକାର ଇଙ୍ଗିତ କଥା ସବୁ କହିଲେ ଏବଂ ଶେଷକୁ ଫୁଲମନକୁ ଶୁଣାଇଲେ ଯେ ହଳ ଅଭାବ ଅଛି ବୋଲି ଦରଖାସ୍ତ ଦେଲେ ସେ ସୁପାରିଶ୍ କରିଦେବେ ।

ଫୁଲମନ ଏତେବେଳକୁ ସେମାନଙ୍କ କଥାରେ ବିରକ୍ତ ହୋଇ ରାଗିଯାଇଥିଲାଣି । ହେଲେ ବି.ଡ଼ି·ଓ. କୁଆଡ଼େ ବଡ଼ ଅଫିସର ବୋଲି ସେ

Digitized by srujanika@gmail.com

ଶୁଣିଛି । ତେଣୁ ସେ କ୍ରୋଧ ପ୍ରକାଶ କଲା ନାହିଁ । କଥାଟା ବାଆଁରେଇ କହିଲା ଘରେ ତ ଏକ ହଳ ଅଛି, ଆଉ ଅଧିକ ହଳ କିଣିଲେ କିଏ ଧରିବ ? ରହମନ୍ ଥାଇଥାଇ କହିଲା, ଆରେ କାଏଁ ଯେ ନବାବୀ ଏନ ହଉଛୁ । ସରକାରନୁ ଟଙ୍କା ମିଲ୍‌ବା । ଆଉ ହଳେ ଭିନ ପଳା ।" ଫୁଲମନ କ୍ରୋଧ ସମ୍ଭାଳି ପାରିଲା ନାହିଁ । ଟିକିଏ ଉତ୍ତେଜିତ ସ୍ୱରରେ କହିଲା, "ମୋର ଚଉଁରି ଭଉଁରି ଥିବାର ଯାକର ମୁଇଁ କାହାକେ ନ ମାଙ୍ଗେ ।" ରହମନ ପୁଣିଥରେ କହିଲା, "ଅଚ୍ଛା ଦେଖିନେବ ତୋର ଚଉଁରି ଆଉ ଭଉଁରି ।"

ସତକୁସତ ମଧ୍ୟ ଯୁ'ପରେ ସେ ଦୁଇ ତିନ ଥର ବଳଦ ଯୋଡ଼ିକ କାଞ୍ଜି ହାଉସରେ ପକାଇ ଫୁଲମନକୁ କ୍ଷତିଗ୍ରସ୍ତ କରିଛି । କିନ୍ତୁ ଫୁଲମନ କେବେ ଭାବି ନ ଥିଲା ଯେ ରହମନ୍ ଚଉଁରିକୁ ଏପରି ଆଘାତ କରିବା ପର୍ଯ୍ୟନ୍ତ ମଧ୍ୟ ଯାଇପାରେ । ଆଘାତ କରିବା କଥା ସେ ମନରେ ସନ୍ଦେହ କରୁଛି ସିନା ! କ'ଣ ପ୍ରମାଣ ଅଛି ? ସେ କ'ଣ କରିବ କିଛି ସ୍ଥିର କରି ପାରୁନାହିଁ ।

ଫୁଲମନ ବସି ଚିନ୍ତାକରୁଛି । ଦାଉଦ୍ ଆସି ସେଠାରେ ପହଞ୍ଚିଲା । କହିଲା "ଫୁଲମନ, ଚାଲ୍ ଥାନାକେ, ଡାଏରି କରିଦେବୁ । ରହମନ୍ ତୋର ବଲଦକେ ଭୁସି ଦେଇଛେ । ଝୁଁଠ୍ ମୁଠ୍ କହି ଦେଉଛେ କି ତାର ଯୋଡ଼ି କୁଦାଲି (ଦଉଡ଼ାଇଲା) ବେଳେ ଚଉଁରି ବାଡ଼ି ଡେଗି (ଡେଇଁ) ଦେଲା ଆଉ ଖୁଚ ଗୁଟେ ତାର ପେଟେ ଫୁସିଗଲା । ବାଡ଼ ଡେଗଲା ହେଲେ ଆଉ ଭି ଇନେ ସେନେ—(ଏଠି ସେଠି) ଘର୍ଷି (ଘର୍ଷଡ଼ି) ହେଇଥିତା ଆଉ ଭି ଛୁରି ଭୁସିଲପରି ଦିଶୁଛି । ଚଲ୍ ଥାନାକେ ଡାଏରି କରିଦେବୁ ।

ଫୁଲମନ କହିଲା, "ମତେ ଏଚ୍ଛେନ୍ ଭଲ୍ ନ ଲାଗ୍‌ବାର—ଆଉ ସଞ୍ଜ ଭି ହେଇ ଆସ୍‌ଲାନ୍, କାଏଲ୍ ସକାଲେ ସିନା" । ଦାଉଦ୍ 'ଅଚ୍ଛା ହେଉ' କହି ଚାଲିଗଲା ।

ଅଳ୍ପକ୍ଷଣପରେ ରହମନ୍ ଆସି ପହଞ୍ଚିଲା । ସେ ବହୁତ ଦୁଃଖ ଅନୁଭବ କରୁଥିଲା ପରି ମୁହଁଟା କରି କହିଲା, "ଯାହା ହେବାର ହଇଗଲା ।

Digitized by srujanika@gmail.com

ବଳଦଟା ବାଉ ଡ଼େଇଁବାର ବେଳେ ଖୁଁଟ ଭୁସି ହୋଇକରି ମରିଗଲା— ଚୋରକେଡ଼େ ନୁକ୍‌ସାନ୍‌ଟେ ହୋଇଗଲା—ଟଙ୍କା ପଚାଶଟା ନେଇଯା ।

ଫୁଲମନ କହିଲା, “ପଚାଶ ଟଙ୍କାତ ମୋର ତୁମର ଉପରେ ଅଛେ । ଆଉ ବଳଦ୍‌କେ ମାରିଦେଇ କରି ମତେ ପଚାଶଟା ଟଙ୍କା ଦେଉଛ । ତିନଶ ଟଙ୍କା ଦେଲେ ଭି ହେଲା ବଳଦ ଏଚେନ୍ ନ ମିଳେ ।”

“କିଏ କହେଲା ମୁଇଁ ମାରିଦେଲି ବଲି” ରହମନ ପଚାରଲା ।

“ଲୋକ୍‌ମାନେ ଯେ ଯେ ଦେଖିଛଁନ୍ତି ବଳଦ୍‌କେ କହୁଛଁନ୍ତି— ଛୁରି ଭୁସି ଦେଲା ବାଗିର ଦିଶୁଛେ—ମୁଇଁତ ଯାଇକରି ହେ ଜଖମ୍ ଦେଖି ନ ପାରେ” କହି ଫୁଲମନ କାନ୍ଦି ପକାଇଲା ।

ଲୋକ୍‌ମାନେ ଫୁସ୍‌ଫୁସ୍‌ରେ କହୁଛଁନ୍ତି—ମୁଇଁ ଫେରେ କହୁଛେ ପଚାଶ ନ ନେଲେ ଅଶିଟା ନେଇ ଯା—ଚୋର ଦୁଃଖର ଲାଗି ଦେଉଛେଁ ।

ଫୁଲମନ କହିଲା, “ନାଇଁ ନାଇଁ—ମୁଇଁ ଟଙ୍କା ଅଶୀ କି ଶହେ ନେଇ ପାପର ଭାର ନ ବୁହେ । କାଲି ସକାଳେ ଦାଉଦ୍ ଆସ୍‌ଲେ ସଙ୍ଗେ ଯାଇକରି ଥାନାରେ ଏତଲା ଦେବି—ଥାନା ବାବୁ ବିଚାର କରିବେ ।”

ରହମନ୍ ଆଉ କିଛି ନକହି ଚାଲିଗଲା ।

ରାତି ପ୍ରାୟ ଆଠଟା ହୋଇଛି । ରହମନ୍ ଆସି ପହଞ୍ଚିଲା ରାଜପୁର ଥାନାରେ । ଥାନାବାବୁ ବସ୍ତି ଭିତରକୁ ଯାଇଛନ୍ତି, ଫେରି ନାହାଁନ୍ତି । ରହମନ୍ ଥାନାବାବୁଙ୍କ ବାହାର ପିଣ୍ଡାରେ ଅପେକ୍ଷା କଲା । ପ୍ରାୟ ୧୫।୨୦ ମିନଟ୍ ବାଦ୍ ଥାନାବାବୁ ଆସି ପହଞ୍ଚିଲେ । ରହମନ୍ ନମସ୍କାର କଲା । ଥାନାବାବୁ ପଚାରିଲେ । “କି ହୋ, ସରପଞ୍ଚବାବୁ କୁଆଡ଼େ ?”

Digitized by srujan ka@gmail.com
Digitized by srujanika@gmail.com

"ଆଜ୍ଞା ଗୋଟିଏ ବିପଦରେ ପଡ଼ିଛୁ—ଆପଣ ନ ବଞ୍ଚାଇଲେ ଚଳିବ ନାହିଁ—" ପକେଟରେ ଶହେ ଟଙ୍କାର ନୋଟଟିଏ କାଢ଼ି ଥାନା ବାବୁଙ୍କ ହାତକୁ ବଢ଼ାଇ ଦେଲା ।

"କଥାଟା କ'ଣ କୁହ"—ଥାନାବାବୁ ପଚାରିଲେ ଏବଂ ନୋଟ୍‌ଟି ମୋଡ଼ମାଡ଼ ପକେଟ୍‌ରେ ପୂରାଇଲେ ।

ରହମନ୍ ଫୁଲମନ ପାଖରେ ଯେପରି କହିଥିଲା ସେହିପରି ଥାନା ବାବୁଙ୍କୁ ମଧ୍ୟ ଘଟଣା ସଂପର୍କରେ ଜଣାଇଲା । ଥାନାବାବୁ କହିଲେ "ଫୁଲମନକୁ କିଛି ଟଙ୍କା ଦେଇ କଥାଟା ପଟାଇ ଦେଲ ନାହିଁ ।" ରହମନ୍ କହିଲା, "ଆଜ୍ଞା ! ଯାଇଥିଲି, ଟଙ୍କା ନେଲା ନାହିଁ । ମୋତେ ବଳଦକୁ ଛୁରୀ ଭୁଷିଦେଲି ବୋଲି ଝୁଟ୍‌ମୁଟ୍‌ରେ କହୁଛି ।" ଥାନାବାବୁ ପଚାରିଲେ, "ମାଇପି ଲୋକଟା କମିତି ସାହସ କରୁଛି ମିଛ କହିବା ପାଇଁ ?"

"ସେ ଦାଉଦ୍ ଓ୍ୱାର୍ଡ଼ମେମ୍ବର ତାକୁ ଶିଖାଉଛି ।"

"ଆଚ୍ଛା, ସତ କହିଲ ତୁମେ ମାରିଛ କି ନାହିଁ ?"

ରହମନ୍ ଟିକିଏ ରହି ରହି କହିଲା, "ଆଜ୍ଞା, ଛୁରୀଟା ଧରିଥିଲି, ବାଡ଼ି ବଗିଚାରେ ନଷ୍ଟ କରୁଥିଲା ବେଳେ ଘଷାରେ ମାରିଦେଲି— ।"

"କିଏ ଦେଖିଛି କି ନାହିଁ ?"

"ମୋର ଗୋଟିଏ ନୌକର ଦେଖିଛି ।"

ଥାନାବାବୁ ଟିକିଏ ଚିନ୍ତାକରି ପଚାରିଲେ, "ଆଚ୍ଛା, ବଳଦଟା କେଉଁଠି ପଡ଼ିଛି ?"

ରହମନ୍ କହିଲା, "ବାରିବାଡ଼ା ଭଙ୍ଗିକରି ବାହାରେ କଅଁଢ଼ହୋଇ ପଡ଼ିଛି ।"

"ତାକୁ ଉଠାଇ ନେବାପାଇଁ କିଏ ଲୋକ ଅଛନ୍ତି କି ନାହିଁ ?"

Digitized by srujanika@gmail.com

"ହଁ, ଅଜ୍ଞା, ଉଠାଇ ନେଇଯିବେ ।"

"ଅଚ୍ଛା, ଯାଅ, ଚୁପ୍ ଚୁପ୍ ସଚାସଚ୍ଚ ସେଟା ଉଠାଇ ନଅ । ଆଜ ହଁ, ଗୋଟିଏ ନୋଟ୍‌ରେ ହେବ ନାହିଁ ।"

"କିଛି ଚିନ୍ତା ନାହିଁ ଅଜ୍ଞା—ଆଉ ଗୋଟିଏ ଦେଇଦେବା—ଆପଣଙ୍କର ଆମର ତ ଲଗିଛି ।"

"ଅଚ୍ଛା, ହଉ ଯାଅ, କାହାକୁ କହିବ ନାହିଁ ଏଠିକି ଆସିଥିଲ ବୋଲି ।"

"ଅଜ୍ଞା, ନମସ୍କାର" କହି ରହମନ୍ ଚାଲିଗଲା । ତାର ମନେ ହେଉଥାଏ, ଗୋଟିଏ ବଡ଼ଁ ସଫଳତା ହାସଲ ହୋଇଗଲା ।

*　　　*　　　*

ପରଦିନ ସକାଳେ ରହମନ୍ ପୁଣିଥରେ ଗଲା ଫୁଲମନ ଘରକୁ । ଫୁଲମନ ଥାନାକୁ ଯିବାପାଇଁ ପ୍ରସ୍ତୁତ ହେଉଥାଏ । ଦାଉଦ୍ ଆସିବା ବାଟକୁ ସେ ଥରେ ଥରେ ଅନାଇ ଦେଖୁଥାଏ । ରହମନ୍ ଫୁଲମନ ପାଖକୁ ଯାଇ କହିଲା, "ବଳଦଟାତ ସେଠାରେ ଆଉ ନାଇଁନ—ରାତି କିଏ କେନ୍‌ଆଡ଼େ ନେଇଗଲା ।"

ଫୁଲମନ ରାଗିଯାଇ କହିଲା "ସବୁ ତୁମର ନଷ୍ଟ୍‌କୁଟ୍ ଆଏ ବାବୁ—ମୁଇଁ କିଛି ନ ଜାନେ । ଥାନାବାବୁ ସବୁ କଥା ବୁଝିବା ।"

ରହମନ୍ କହିଲା, "ବଳଦଟା ଥିଲେ ତ ଥାନାବାବୁ ଯାହାକିଛି କରିବା—ମାହାଲିଆ ଥାନାକେ ଯାଇକରି କାଏଁ ଲଭ—ମୁଇଁ ଫେର୍ କହୁଛେ ଟଙ୍କା ଶହେଟା ନେଇ ଯା—ଆଉ ଥାନା ଯାଆନ ।"

"ନାଇଁ, ନାଇଁ, ମୁଇଁ ଜରୁର୍ ଯିବ ।"

ରହମନ୍ ଦୂରରୁ ଦାଉଦକୁ ସାଇକେଲରେ ଆସୁଥିବାର ଦେଖି ପାରିଲା ।

Digitized by srujanika@gmail.com

"ହଉ, ହଉ, ଯା । ଥାନା ବାବୁକେ ଟଙ୍କା ଦେଇ ଦେଇଛେ । ସେନୁ ନେଇ ଆସିବୁ" କହି ସେ ସାଇକେଲ ଚଢ଼ି ପଳାଇଗଲା ।

ଦାଉଦ ପହଞ୍ଚିବାପରେ ଫୁଲମନ ତାକୁ ସବୁ କଥା ଶୁଣାଇଲା । "ଆଚ୍ଛା, ମୁଇଁ ଟିକେ ଦେଖି ଆସେ" କହି ଦାଉଦ ଚଉଁର ମରି ପଡ଼ିଥିବା ଯାଗାକୁ ଦେଖିବା ପାଇଁ ଗଲା । ଦେଖିଲା ସେଠି ବଳଦ ନାହିଁ । ଫେରିଆସି ଫୁଲମନକୁ କହିଲା, "ବଳଦଟା କେ କେ ଉଠାଇ ନେଇଛନ୍ତି, ଚାଲ ଜଲ୍ଦି ଥାନାକେ ଯିମା ।"

ଦୁହେଁ ଥାନାକୁ ବାହାରିଲେ ।

*

ଥାନାରେ ପ୍ରାୟ ଦୁଇଘଣ୍ଟା ହେଲାଣି—ଦାଉଦ୍ ଏବଂ ଫୁଲମନ ବସିଛନ୍ତି । ଥାନାବାବୁ ଘରୁ ଆସି ନାହାନ୍ତି । ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଦାଉଦ୍ ଏବଂ ଫୁଲମନ ଥାନାରେ କନଷ୍ଟେବଲମାନଙ୍କ ସଙ୍ଗରେ ଘଟଣା ସମ୍ବନ୍ଧରେ କଥାବାର୍ତ୍ତା କରୁଥିଲେ । ତା ପରେ କଥା ହେବା ପାଇଁ ଆଉ କିଛି ରହିଲା ନାହିଁ । ଚୁପ ହୋଇ ବସିଥାନ୍ତି । ଶେଷକୁ ଥାନାବାବୁ ଆସିଲେ । ଦାଉଦ୍ ଏବଂ ଫୁଲମନ ନମସ୍କାର କଲାପରେ ପଚାରିଲେ, "କେଉଁଠୁ କାହିଁକି ଆସିଛ ?"

ଦାଉଦ୍ ପୁଣିଥରେ ଥାନା ବାବୁଙ୍କ ଆଗରେ ଘଟଣା ସମ୍ବନ୍ଧରେ କହିଗଲା । ଥାନାବାବୁ ପଚାରିଲେ, "କାହାର ଯୋଡ଼ି ମରିଗଲା— ତୁମର ନା ତାର ? ସେ ତୁମର କଣ ହୁଅନ୍ତି ?"

ଦାଉଦ୍ ବିନମ୍ର ସହିତ କହିଲା ଯେ ଯୋଡ଼ି ତାର ନୁହେଁ— ଫୁଲମନର । ସେ ମାଇପି ଲୋକ । ତେଣୁ ତାକୁ ସାଙ୍ଗରେ ଡାକିବାରୁ ଆସିଛି ଏବଂ ଘଟଣା ସମ୍ବନ୍ଧରେ କହି ଦେଉଛି । ଫୁଲମନ ତାର କିଛି ସମ୍ବନ୍ଧ ନୁହେଁ । ପାଖ ଗାଁ ଲୋକ ହିସାବରେ ପରିଚିତ ବୋଲି ମଧ୍ୟ ଜଣାଇ ଦେଲା ।

ଥାନାବାବୁ କହିଲେ, "ତାହାହେଲେ ତୁମେ ଟାଉଟର ସାଜି ଆସିଛ ।"

Digitized by srujanika@gmail.com

"ଆଜ୍ଞା, ଟାଉଟର କହିଲେ କ'ଣ ମୁଁ ବୁଝିନାହିଁ" ।

"ଆଚ୍ଛା ମୁଁ ବୁଝାଇ ଦେଉଛି । ଋଦ୍ଧମନ୍ ବଳଦକୁ ଛୁରୀରେ ଭୂଷିବା ଆଖିରେ ଦେଖିଛ ?"

"ନାହିଁ"

"କିଏ କିଏ ଦେଖିଛନ୍ତି କହି ଜାଣିଛ ?"

"ନାହିଁ. ଗାଁ କୁ ଗଲେ ଦେଖିଥିବା ଲୋକେ କହିବେ ।"

"ବଳଦର କପର ଜଖମ ହୋଇଛି ଦେଖିଛ ?"

"ଆଜ୍ଞା ଦେଖିଛି—ଛୁରୀ ଭୂଷିଲା ପରେ ଦିଶୁଥିଲା ।"

"ଗାଁକୁ ଗଲେ ଜଖମ ଦେଖାଇ ପାରିବ" ?

"ଆଜ୍ଞା ବଳଦଟାକୁ ତ କିଏ ରାତିରେ ଉଠାଇ ନେଲା—ସେଇ ଋଦ୍ଧମନ୍‌ର କଥାରେ ବୋଧହୁଏ—ଆଉ ଜଖମ କେମିତି ଦେଖିବେ ?"

"ଓଃ, ତାହେଲେ ବଳଦ ନାହିଁ, ଜଖମ ଦେଖିବାର ଉପାୟ ନାହିଁ, ଦେଖିବା ଲୋକର ନାଁ ଜଣାନାହିଁ ଅଥଚ ରିପୋର୍ଟ କରିବାକୁ ଆସିଛ କ'ଣ ନା—ରଦ୍ଧମନ୍ ବଳଦକୁ ଛୁରୀରେ—ଭୂଷିଦେଲା—ସେ ପୁଣି ତୁମର ବଳଦ ନୁହେଁ ।"

"ଆଜ୍ଞା, କିନ୍ତୁ ଫୁଲମନ ବି ସେଇକଥା କହୁଛି ।"

"ତୁମେ ତ ଦଣ୍ଡ ଭୋଗିବ······ପୁଣି ଫୁଲମନକୁ କାହିଁକି ବିପଦ ଭିତରକୁ ଟାଣି ଆଣୁଛ ?"

"ଆଜ୍ଞା, ମୁଁ ଦଣ୍ଡ ଭୋଗିବି ?"

"ହଁ, ତୁମେ ଯେଉଁ ମିଛ ବନାଉଟି କଥା ସବୁ କହୁଛ ସେ ଅପରାଧର ଶାସ୍ତି କ'ଣ ଜାଣ ?"

Digitized by srujanika@gmail.com

"ଆଜ୍ଞା ନା...... ।"

"ଜୋରିମନା ତ ଅବଶ୍ୟ ହେବ—ଜେଲ୍ ବି ନିଶ୍ଚୟ ।"

"ଜେଲ୍, ଜୋରିମନା ?"

ଫୁଲମନ ଦାଉଦ୍‌କୁ କହିଲା, "ଯାଉଁ, ମାମୁଁ—ଘର୍‌କେ ଫେରିଯାଉଁ । ଭଗବାନ ବିଚାର କରି ରହମନ୍‌କେ ଯାହା ଶାସ୍ତି ଦେବେ । ଇଠାନେ କିଛୁ ଲାଭ ନ... ।"

ଥାନା ବାବୁ କହିଲେ, "ଯିବ କୁଆଡ଼େ ? କଥାତ କହି ସାରିଛି । ମୁଁ କ'ଣ ତୁମକୁ ଗୁଡ଼ାଉଚି । ବୁଝିଲ, ଜେଲ୍, ଜୋରିମନା ।" କନଷ୍ଟବଲ ଟିକିଏ ଦୂରରେ ଠିଆ ହୋଇଥିଲା । ଥାନା ବାବୁ ତାକୁ କହିଲେ, "ଏମାନଙ୍କୁ ଏଠାରେ ବସାଇ ରଖ—ମୁଁ ଟିକିଏ ଘରୁ ଆସୁଛି—ବୟାନ ଲେଖିବି" କହି ଚାଲିଗଲେ ।

କନେଷ୍ଟବଲ ପାଖକୁ ଆସିଲା । ଦାଉଦ୍ ପଚାରିଲା, "ବାବୁ, କ'ଣ କରିବୁ ଏବେ ଟିକିଏ ବୁଦ୍ଧି ଦିଅ - ସେତ ଆଉ ଓଲଟା କଥା ହେଲା ! ଯାହାର ବଳଦ ମରିବ - ଆଉ ସେ ଯେ କଥା ରିପୋର୍ଟ କରିବ ସେ ଜେଲ୍‌କୁ ଯିବ ଆଉ ଜୋରିମନା ଦେବ—ମାରିବା ଲୋକକୁ କିଛୁ ଦଣ୍ଡ ନାହିଁ—ହେ ଭଗବାନ୍ !"

କନଷ୍ଟବଲ କହିଲା, "ସେ ଅଫିସର ବଡ଼ ହାରାମ୍ ଯାହା । ସ୍ଥା ପକ୍ଷରେ କିଛୁ ଅସମ୍ଭବ ନୁହେଁ । ତୁମକୁ ଓଲଟା ଦଣ୍ଡ କରାଇଦେବ ।"

"କଣ କରିବା ଟିକିଏ ବୁଦ୍ଧି ବତାଅ ସିପାହୀ ବାବୁ ।"

"ଯାଅ, ବାବୁ ଘରକୁ ଯାଇଛି, ଗୋଡ଼ତଳେ ପଡ଼ି କିଛୁ ଦେଇ ମନ ଖୁସି କର । ଆଉ ଅନ୍ୟ କିଛି ଉପାୟ ନାହିଁ ।"

ଫୁଲମନ ଏବଂ ଦାଉଦ୍ ଦୁହେଁ କାନ ମୁଣ୍ଡ ଆଉଁସି ଥାନା ବାବୁଙ୍କ ଘରକୁ ଗଲେ । ଘରଟି ଥାନା ହତା ଭିତରେ- ଥାନାଠାରୁ ପ୍ରାୟ ବାଟ ଶହେ ଗଜ ହେବ ।

Digitized by srujanika@gmail.com

ଥାନାବାବୁ ବାଡ଼ ବଖରାରେ ବସିଥିଲେ । ଫୁଲମନ ଏବଂ ଦାଉଦ୍
ଦୁହେଁ ଗୋଡ଼ତଳେ ପଡ଼ିଗଲେ ଏବଂ କହିଲେ, "ବାବୁ, ଆମକୁ ବଞ୍ଚାଅ । ଆଉ ଯାହା ହେଇଗଲେ ବି ରିପୋର୍ଟ କରିବାକୁ ଆସିବୁ ନାହିଁ ।"

"ମୁଁ କହିଲି ରିପୋର୍ଟ କରିବାକୁ ଆସିବ ନାହିଁ—ଆମେ କ'ଣ ପାଇଁ ଏଠି ରହିଛୁ ତା ହେଲେ ?"

ଦାଉଦ୍ କହିଲ, "ରିପୋର୍ଟ କଲେତ ଜେଲ, ଜୋରିମନା, ଦଣ୍ଡ...।"

"ଭୁଲ, ମିଛ ରିପୋର୍ଟ କଲେ ଦଣ୍ଡ ପାଇବ ନାହିଁ ?"

"ଆଜ୍ଞା, ଯାହାବି ହେଲ, ଆମର ଭୁଲ ହୋଇଗଲା—ଆମକୁ ବଞ୍ଚାନ୍ତୁ—ପାଞ୍ଚ, ଦଶ କିଛି ଜୋରିମନା ପଛେ ନେଇଯାନ୍ତୁ ଆଉ ଜେଲକୁ ପଠାନ୍ତୁ ନାହିଁ ।"

"ପାଞ୍ଚ, ଦଶ ପଚିଶ, ପଚିଶ ଶହେ ଟଙ୍କା ଯଦି ଦେବ ତାହେଲେ କିଛି ଲେଖିବ ନାହିଁ—ଆଉ ଜେଲ କଥା ଉଠିବ ନାହିଁ ।"

"ଆଜ୍ଞା, ବହୁତ ହୋଇ ଗଲା—ମରିଯିବୁ ।"

"ମୋର ଏକ କଥା" କହି ଥାନାବାବୁ ଚଉକୀରୁ ଉଠିଗଲେ ।

ଦାଉଦ୍ ଆଉ ବିଳମ୍ବ ନ କରି ପକେଟରୁ ଦଶଟଙ୍କାର ନୋଟ୍ ଦଶଟି କାଢ଼ି ବଢ଼ାଇ ଦେଲ । ଥାନାବାବୁ ଗ୍ରହଣ କରି ଗଣି ପକେଟରେ ଭର୍ତ୍ତି କଲେ । କହିଲେ "ଯାଅ, ଆଉ କେବେ ଏପରି କରିବ ନାହିଁ ।"

ଦାଉଦ୍ ଏବଂ ଫୁଲମନ କାନମୁଣ୍ଡ ଆଉଁସି ବାହାରି ଆସିଲେ । କନେଷ୍ଟବଲ ଥାନା ପାଖରେ ଠିଆ ହୋଇଥାଏ । ତା ପାଖକୁ ଆସିଲେ । ଦାଉଦ ତାକୁ କହିଲ, "ଯାଉଛୁଁ, ଆଜ୍ଞା, ଆପଣଙ୍କ ବୁଦ୍ଧିରେ ବଞ୍ଚିଗଲୁ ।"

Digitized by srujanika@gmail.com

କନଷ୍ଟେବଲ ପଚାରିଲା, "କେତେ ଦେଲ ?"

"ଶହେ ଟଙ୍କାରୁ କଣ୍ଟୁ ଉଣା ନେବ ନାହିଁ ବୋଲି କହିଲେ—

ସେତିକି ଦେଲୁ ।"

"ଏବେ କୁଆଡ଼େ ଯିବ ?"

ଫୁଲମନ କହିଲା, "ଗା କେ ଗୁଲିଯିମୁଁ—ଆଉ କାହିଁ ଯିମୁଁ ?"

କନଷ୍ଟେବଲ କହିଲା, "ଏତ ବଡ଼ ଅନ୍ୟାୟ କଥା । ଚୁପ୍ ଚାପ୍ ରହିଯିବା ଠିକ୍ ହେବ ନାହିଁ । ମୁଁ ଗୋଟିଏ କଥା କହିବ—ମାନିବ ?"

ଦାଉଦ୍ ବ୍ୟଗ୍ରଭାବରେ କହିଲା, "ମାନିବୁଁ ବାବୁ, କହନ୍ତୁ ।"

କନଷ୍ଟେବଲ ସେମାନଙ୍କୁ ବସାଇ ବୁଝାଇଲା ଯେ ଏପରି ଅନ୍ୟାୟ କଥା ସବୁ ଉପରକୁ ଖବର ପହଞ୍ଚିବା ଉଚିତ । ସେମାନେ ଚୁପ୍ ହୋଇ ରହିଗଲେ ଠିକ୍ ହେବନାହିଁ । ସଦରକୁ ଯାଇ ସେଠି ସୁରେନ୍ଦ୍ର ସିଂହ ବୋଲି ଜଣେ ଓକିଲ ଅଛନ୍ତି—ତାଙ୍କୁ କହିଲେ ସେ ଉପରକୁ ଲେଖି ଦେବେ । ଉପରୁ ଅର୍ଡ଼ର ଆସିଯିବ ଏ ଘଟଣାର ତଦନ୍ତ ପାଇଁ, ଆଉ ପୋଲିସ୍ ବାବୁଙ୍କର ଅନ୍ୟାୟ ପାଇଁ ମଧ୍ୟ । ସେ କହିଲା ଯେ, ସୁରେନ୍ଦ୍ର ବାବୁ ରାଜନୀତିରେ ବି ଅଛନ୍ତି—ତାଙ୍କର କଥାର ଓଜନ ଅଛି ।

ଦାଉଦ୍ କହିଲା, "ଆମେ ସେଠି ବୁଝାଇ କରି କହିପାରିବୁ କି ନାହିଁ କେ ଜାଣି—ଆପଣ ଯଦି ଟିକେ ସାଙ୍ଗରେ ଆସନ୍ତେ !"

କନଷ୍ଟେବଲ କହିଲା, "ମୁଁ ଗଲେ ରାତିରେ ଯିବା ଛପିକରି ଯିବ—ପାଞ୍ଚ ମାଇଲ ବାଟ ଅଛି—ଚୁପ୍ ଚାପ୍ କେତେବେଳେ ବସ୍ ରେ ଯିବାକୁ ହେବ ।"

Digitized by srujanika@gmail.com

ଦାଉଦ୍ ପକେଟରୁ ଦଶଟା ଟଙ୍କା ବାହାର କରି ହାତରେ ଦେଇ କହିଲା, "କାଲି ସନ୍ଧ୍ୟାରେ ଆସିବ ଆଜ୍ଞା—ଆମେ ଗାଁରୁ ସିଧା ଯାଇଥିବୁ—ସେଠି ଆପଣ ଆସିଲେ ଉତ୍କଳବାବୁଙ୍କ ପାଖକୁ ଯିବା।"

କନଷ୍ଟେବଲ, "ଆଚ୍ଛା ହଉ" କହି ଟଙ୍କାଟା ପକେଟରେ ରଖିଲା। କହିଲା, "ଉତ୍କଳବାବୁଙ୍କ ପାଇଁ ଟ୨୦।୨୫ଙ୍କା ଧରିଥିବ।"

"ହଉ, ଆଜ୍ଞା, ନମସ୍କାର" କହି ଦୁହେଁ ଉଠି ଚାଲିଗଲେ ଗାଁକୁ। ବାଟରେ ଖାଲି କପାଳକୁ ନିନ୍ଦାକରି, ସରକାରଙ୍କୁ ନିନ୍ଦାକରି କଥା ହୋଇ ଯାଉଥାନ୍ତି।

*

ପରଦିନ କଥିତମତେ ସନ୍ଧ୍ୟାରେ ସମସ୍ତେ ଉପସ୍ଥିତ ହୋଇଛନ୍ତି ଉତ୍କଳ ଶ୍ରୀ ସୁରେନ୍ଦ୍ର ସିଂହଙ୍କ ଘରେ। ଉତ୍କଳବାବୁ ସବୁ ଶୁଣି ରାଗରେ ନିଆଁ ହୋଇଗଲେ। ସରକାରଙ୍କୁ ପରସ୍ତେ ଗାଳି ଦେଇଗଲେ। କିଛିକ୍ଷଣ ପରେ କହିଲେ, "ଆଚ୍ଛା ହେଉ, ମୁ ସବୁ ନୋଟ କରି ରଖିଛି। ମୋର ଟାଇପିଷ୍ଟ ତ ଚାଲିଗଲାଣି, କାଲି ଲେଖି ଉପରକୁ ପଠାଇବି। ଏଇ କାଗଜରେ ଦସ୍ତଖତ କର" ବୋଲି କହି ଫୁଲମନି ଏବଂ ଦାଉଦ୍‌ଠାରୁ ଟିପଚିହ୍ନ ଓ ଦସ୍ତଖତ ନେଲେ। ଫୁଲମନି ତାଙ୍କ ହାତରେ "ଏଇଟା ଖର୍ଚ୍ଚବାର୍ଚ୍ଚ ପାଇଁ" କହି ଟଙ୍କା ପଚିଶଟା ବଢ଼ାଇଦେଲା। ତାପରେ ନମସ୍କାର କରି ଫେରି ଆସିଲା।

*

ଏହାପରେ ଗୋଟିଏ ମାସରୁ ଅଧିକ ବିତିଗଲାଣି। ଦାଉଦ୍ ମଝିରେ ଦୁଇ ତିନିଥର ଉତ୍କଳ ବାବୁଙ୍କୁ ଦେଖାକଲାଣି। ପ୍ରଥମ ଥର ଯେଉଁଦିନ ଆସିଥିଲା ଦେଖିଲା ଥାନାବାବୁ ଉତ୍କଳବାବୁଙ୍କ ଘରୁ ବାହାରି ଆସୁଛନ୍ତି। ସେ ଗୋଟିଏ ଗଛ ଆଢୁଆଳରେ ଅଦେଖା ରହିଗଲା। ଥାନାବାବୁ ଦୂରକୁ ଚାଲିଗଲା ପରେ ଆସି ଉତ୍କଳବାବୁଙ୍କୁ ଦେଖା କରିବା ପାଇଁ ବସି ରହିଲା। ପ୍ରାୟ ଅଧଘଣ୍ଟା ପରେ ଘର ଭିତରୁ ପଦାକୁ

Digitized by srujanika@gmail.com

ଆସିଲେ । ଦାଉଦ୍ ଅତି ବ୍ୟଗ୍ରତାର ସହିତ ପଚାରିଲା, "ଆଜ୍ଞା, ସେ ବିଷୟରେ କିଛି ଖବର ଆସିଲା ?"

ଓକିଲ ବାବୁ କହିଲେ, "ନା, କିଛି ଖବର ଆସି ନାହିଁ—ଉପରକୁ ଲେଖା ଯାଇଛି ।" ଦାଉଦ୍ ଫେରିଗଲା । ଫୁଲମଣିକୁ ଓକିଲ ବାବୁଙ୍କ କହିବା କଥା ଜଣାଇଦେଲା । କିନ୍ତୁ ଥାନାବାବୁଙ୍କୁ ସେଠି ଦେଖିବା କଥା କହିଲା ନାହିଁ—ତା ମନ ଖରାପ ହୋଇଯିବ ।

ତାପରେ ବି ଦାଉଦ ଓକିଲବାବୁଙ୍କୁ ଦୁଇଥର ଦେଖା କରିଛି—କିନ୍ତୁ ପ୍ରତିଥର ସେଇ କଥା—"ଉପରକୁ ଲେଖାଯାଇଛି ।"

Digitized by srujanika@gmail.com

"ଆଜ୍ଞା ହଉଥିବ..........."

ନିବିଡ଼ ଅରଣ୍ୟ । ବୋଧହୁଏ ଶାଳଗଛଗୁଡ଼ାକ । ଅନ୍ଧାର ରାତିରେ ଚିହ୍ନି ହେଉନାହିଁ । ଗାଁ ଗଣ୍ଡା ବି ପାଖରେ ନାହିଁ ବୋଧହୁଏ । ପ୍ରାୟ ଘଣ୍ଟାକରୁ ଅଧିକ ହୋଇଗଲାଣି । କେହି ଜଣେ ହେଲେ ବାଟରେ ପାରହୋଇ ଯାଇନାହାନ୍ତି ।

ଡ୍ରାଇଭର ଗାଡ଼ି ମରାମତିରେ ଲାଗିଛି । ଟର୍ଚ୍ଚଲାଇଟ୍ ମାତ୍ର ଆଲୁଅ ଦେଖାଉଛି । ପି. ଏ. ବାବୁ ଗାଡ଼ି ପାଖରେ ଇଆଡ଼େ ସିଆଡ଼େ ହେଉଛନ୍ତି । ମନ୍ତ୍ରୀ ଅଳ୍ପ ଦୂରରେ ଗୋଟିଏ ମାଇଲଖୁଣ୍ଟ ଉପରେ ବସି ସିଗାରେଟ୍ ଟାଣୁଛନ୍ତି । ପାଞ୍ଚଟା ଖଣ୍ଡେ ସିଗାରେଟ୍ ସରିଲାଣି । ଆଉ କେତେ ଟାଣିବେ । ଭାବନାର ସୂଅ ଏଣେତେଣେ ହଜିଯାଉଛି । କେତେବେଳ ହେଲା ଚା' ଟିକିଏ ବି ମିଳିନାହିଁ । ପିଅନ ବି ସିମିତି । ଘରୁ ଫ୍ଲାସ୍କରେ ଚା' ନେଇ ଆସିଥିଲେ ହୋଇଥାନ୍ତା— କିଛି ତ ମନେ କରିବ ନାହିଁ । କ'ଣ କରାଯିବ ? ବିରକ୍ତିସୂଚକ ସ୍ୱରରେ କହିଲେ "କ'ଣ ହେଲା ?"

ପିଅନ ଉତ୍ତର ଦେଲା, "ନା, ଆଜ୍ଞା, ପେଟ୍ରୋଲ ଭଲ ପାସ୍ କରୁନାହିଁ, ମଇଳା ଆସି ଯାଉଛି ।"

Digitized by srujan ka@gmail.com
Digitized by srujanika@gmail.com

"ଠିକ୍ ହେବ ତ, ନା ନାହିଁ ?"

ଡ୍ରାଇଭର ଉତ୍ତର ଦେଲ, "ଅଜ୍ଞା ହୋଇ ଆସିଲାଣି, ଆଉ ପ୍ରାୟ ଅଧଘଣ୍ଟା ।"

"ହଉ, ଦେଖ ଟିକଏ ଶୀଘ୍ର ।"

ପୁଣି ଭାବନାର ସୁଅ ଆରମ୍ଭ ହେଲା । "ଛି, ରାଜନୀତିରେ ପଶିବା କି ଦୁଷ୍କର୍ମ । ଜୀବନରେ କେବେହେଲେ ଶାନ୍ତି ନାହିଁ । ନିର୍ବାଚନ ପୂର୍ବରୁ ସଂଗଠନ କାମରେ ବୁଲିବାକୁ ପଡ଼ିବ । କେତେ ବୁଝାଇଲେ ବି ଲୋକେ ବୁଝିବାକୁ ନାରାଜ । କିଏ ବା ଯଦି ବୁଝୁଛି ତ ସଭ୍ୟ ହେବାପାଇଁ ଚାନ୍ଦା ଦେବାକୁ ଅକ୍ଷମ । ସେଦିନ ଗାଁର ବ୍ୟବସାୟୀ ଜଣେ କହିଲା, "ଆଜ୍ଞା, ସବୁ ବୁଝୁଛୁ । ହେଲେ ଆମର କଣ କିଛି ଉପାୟ ଅଛି । ଆଜି ମେମ୍ବର ହେଲେ କାଲି କୋଟା କଟିଯିବ । ମୋ ବେଉସା ବୁଡ଼ିଯିବ । ପେଟ ପୋଷିବି କେମିତି ? କୁଟୁମ୍ବ ବଞ୍ଚିବେ କେମିତି ?"

"ଏମିତି ଯଦି ଡରୁଥିବ ତ ସରକାର ବଦଳିବ କେମିତି ? ଅବସ୍ଥା ସୁଧୁରିବ କେମିତି ।"

"ଆଜ୍ଞା, ସେ କଥା ବେପରୁଆ ଥାଉ । ଭୋଟ ସମୟ ଆସୁ ଚୁପ୍‌ଚାପ୍ ଭୋଟ୍‌ଟି ଆପଣ ପାଇଲେ ତ ହେଲା ।"

ତା'ପରେ ନିର୍ବାଚନ ଆସିଲା । କି ଭୟଙ୍କର ତୋଫାନ, ଗୁଣ୍ଡାମି, ଧମକ । ବେପାରୀ ଭଦ୍ରଲୋକ ଯାହା କହୁଥିଲା ସତ । ଖୋଲାଖୋଲି ଧମକ । ସରକାରଙ୍କ ବିରୁଦ୍ଧରେ ଗଲେ କୋଟା କଟିଯିବ । ଗାଁ ଲୋକଙ୍କୁ ଧମକ, ଫେୟାର ପ୍ରାଇସ୍ ସପ୍ ଉଠିଯିବ—କିଣିବା ପାଇଁ ଚାଉଳ ମିଳିବ ନାହିଁ, ଗୁଣ୍ଡଦୁଧ ମିଳିବ ନାହିଁ । କି ପରିସ୍ଥିତିରେ ବାବା—ତପ୍ତ ବୈତରଣୀ ପାରହେବାଠାରୁ ମଧ୍ୟ ଆହୁରି ଦୁଃସାଧ୍ୟ । ରବୀନ୍ଦ୍ରବାବୁ ଭାବିଲେ ବୋଧହୁଏ ପୂର୍ବଜନ୍ମରେ କିଛି ପାପ କରିଥିଲେ ମଣିଷ ରାଜନୀତିରେ ପଶେ ।

ଯାହାହେଉ ଲୋକେ ତାଙ୍କ କରାମତି ଦେଖାଇଛନ୍ତି । ସବୁ ଧମକ ଚମକ ଫସର ଫାଟିଗଲା । ଜନସାଧାରଣ ଭୋଟ ଜରିଆରେ ଠିକଣା

Digitized by srujanika@gmail.com

ଜବାବ ଦେଇଛନ୍ତି । ସରକାର ବଦଳିଯାଇଛି । ସେ ଆଜି ଜଣେ ମନ୍ତ୍ରୀ ବି ହୋଇ ପାରିଛନ୍ତି । ପକେଟରୁ ଖଣ୍ଡେ ସିଗାରେଟ କାଢ଼ି ମୁହଁରେ ଲଗାଇଲେ । ଦିଆସିଲି କାଠିଟା ମାରି ନିଆଁ ଲଗାଇ ଟାଣିଲେ ।

କଣ ହେଲା, ମନ୍ତ୍ରୀ ହେବାଦ୍ୱାରା କି ଲାଭ ! ପ୍ରାୟ ଦୁଇମାସରୁ ଅଧିକ ହୋଇଗଲାଣି ମନ୍ତ୍ରୀ ହେବାର—ଟିକିଏ ବି ଫୁରୁସତ ନାହିଁ । ସବୁବେଳେ କିଏ ନା କିଏ ହାଜର । ଆପତ୍ତି, ଅଭିଯୋଗ, ଗୁହାରି, ଅନୁରୋଧ ଚାଲିଛି ସବୁଦିନ । ସମୟ ତ ପ୍ରାୟ ଗୁହାରି ଶୁଣିବାରେ ଯାଉଛି—କାମ କରିବେ କେତେବେଳେ । କିଛି ସମୟ ତ ପୁଣି ବୁଝିବା ପାଇଁ ଦରକାର । ଆଇ. ଏ. ଏସ. ଅଫିସରମାନଙ୍କୁ ନେଇ ତ ଶାସନ ଚଳେ । ସେମାନେ ନ ବୁଝିବା ପର୍ଯ୍ୟନ୍ତ କୌଣସି କଥା କାର୍ଯ୍ୟରେ ପରିଣତ ହେବା ବି କଠିନ । ଲୋକେ ବୁଝନ୍ତି ମନ୍ତ୍ରୀ ସବୁ । ସେ ସବୁ କରି ପାରିବେ । ସବୁ ସମସ୍ୟା ବା ଆପତ୍ତି, ଅଭିଯୋଗ କ'ଣ ଜନସାଧାରଣଙ୍କର—ମନ୍ତ୍ରୀମାନଙ୍କର ସମସ୍ୟା ବା ଆପତ୍ତି ଅଭିଯୋଗ କିଛି ନାହିଁ ? କି ଦୟନୀୟ ଅବସ୍ଥା ! ନିର୍ବାଚନ ସମୟର ଦିନଗୁଡ଼ିକ ମଧ୍ୟ ଏପରି ମର୍ମନ୍ତୁଦ ଜଣା ପଡ଼ୁନଥିଲା ।

ପି. ଏ. ବାବୁ ପାଖକୁ ଆସିଲେ । କହିଲେ, "ସାର, ଯିବା । ଗାଡ଼ି ଠିକ୍ ହୋଇଗଲା ।"

ଖଣ୍ଡିଆ ସିଗାରେଟଟି ଫୋପାଡ଼ି ଦେଇ ରବୀନ୍ଦ୍ରବାବୁ ଉଠିଲେ । ଗାଡ଼ିରେ ଯାଇ ବସିଲେ—ଗାଡ଼ି ଚାଲିଲା ।

ଟର୍ଚ୍ଚଲାଇଟ୍‌ଟି ମାରି ଦେଖିଲେ ସମୟ ଏଗାରଟା ହେଲାଣି । "ଓଃ କେତେ ଡେରି ହେଲାଣି" । ପି. ଏ. ବାବୁଙ୍କୁ ପଚାରିଲେ, "ଆମକୁ ଆଜି କେତେ ଘଣ୍ଟା ଲାଗିବ ପହଞ୍ଚିବା ପାଇଁ ।

ପି. ଏ. ବାବୁ ହିସାବ କରି କହିଲେ "ପ୍ରାୟ ଚାରିଘଣ୍ଟା—ଅର୍ଥାତ୍ ରାତି ତିନିଟାରେ ଯାଇଁ ପହଞ୍ଚିବା ।"

ଦାନ୍ତରେ ରହିବା ପାଇଁ ଡାକବଙ୍ଗଳା କେଉଁଠି ଅଛି ନା ନାହିଁ ?

Digitized by srujanika@gmail.com

ପି. ଏ. ବାବୁ କହିଲେ, "ହ ଚନ୍ଦନଗଡ଼ରେ ଅଛୁ । ସେଠାରୁ ଚନ୍ଦ୍ରପୁର ପ୍ରାୟ ଘଣ୍ଟାକର ବାଟ ।"

"ଆସ୍ତା ସେଇଠି ରହିଯିବା ତା ହେଲେ" । ଗାଡ଼ି ଚାଲିଛି ।

❋ ❋ ❋

"କୃଷି ମେଳା । ମନେ ମନେ ଭାବିଲେ ଚାଷୀମାନଙ୍କୁ କ'ଣ ପରାମର୍ଶ ଦେବା ଉଚିତ । ଲଗ୍ ଲଗ୍ ତିନିବର୍ଷ ହେଲାଣି ମରୁଡ଼ିରେ ଫସଲ ହାନି ଘଟୁଛି । ପାଣିପାଇଁ ଚାଷୀମାନେ ଏବେ ଅତ୍ୟନ୍ତ ବ୍ୟାକୁଳ । ଜଳସେଚନ ଯୋଜନା ପାଇଁ ତେଣୁ ବହୁତ ଦାବୀ । ଏ ଦାବୀ କିନ୍ତୁ ଅନ୍ୟାଯ୍ୟ ନୁହେଁ । ଏହା ବ୍ୟବସ୍ଥା ହେବା ଆବଶ୍ୟକ । କିନ୍ତୁ ଯୋଉ ବହୁତ ବ୍ୟୟସାପେକ୍ଷ । ଜଳସେଚନ ଯେଉଁପରି ବ୍ୟାପକ ଭାବରେ ଦାବୀ ହେଉଛି ବର୍ଷକୁ ଶହେ କୋଟି ଟଙ୍କା ଖର୍ଚ୍ଚକଲେ ମଧ୍ୟ ପାଞ୍ଚ ବର୍ଷରେ ବ୍ୟବସ୍ଥା ହୋଇପାରିବ ନାହିଁ । ସରକାରୀ ଖର୍ଚ୍ଚ ସାଧାରଣତଃ କେତେଗୁଣ । ଏହା କିଏ ଜଣା କରିହେବ । ପୁଣି ଜଳସେଚନ ଯୋଜନାଗୁଡ଼ିକ ଅତି ବେଶୀ ଖର୍ଚ୍ଚହେଲେ ଚାଷୀ ଉପରେ ତ ଜଳକର ଆକାରରେ ପଡ଼ିବ । ପ୍ରଥମେ କର ଆକାରରେ ନେବାକୁ ପଡ଼ିବ, ପୁଣି ପରେ ବର୍ଦ୍ଧିତ ଜଳକର ଆକାରରେ ଆଦାୟ ହେବ । ତେଣୁ ଯୋଜନାଗୁଡିକ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଅପେକ୍ଷା ନ କରି ଚାଷୀମାନେ ପ୍ରଥମେ ଯେତେଦୂର ପାରନ୍ତି ପାଣିପମ୍ପ କିଣି ବ୍ୟବହାର କରିବା ଉଚିତ । ଯେଉଁମାନେ ପମ୍ପ କିଣିବାପାଇଁ ଋଣ ଚାହିଁବେ ତୁରନ୍ତ ତାଙ୍କପାଇଁ ଋଣ ବ୍ୟବସ୍ଥା କରିଦେବାକୁ ପଡ଼ିବ । ସେ ଦିଗରେ କ'ଣ ଅସୁବିଧା ହେବ ? ନାଁ ତ, ଆଜିକାଲି କମର୍ସିଆଲ ବ୍ୟାଙ୍କ୍‌ମାନେ ମଧ୍ୟ କୃଷିପାଇଁ ଋଣ ଦେଉଛନ୍ତି ।"

ପୁଣି ମନେ ପଡ଼ିଲା ।" ଏପରି ବହୁତ ଅଞ୍ଚଳ ରହିଛି ଯେଉଁଠି ପମ୍ପ ବ୍ୟବହାର ଜାଣି ପାରିବା ଭଳି ଚାଷୀ ନାହାନ୍ତି । ଯଦି ବା କେହି ଜଣେ, କିଛି ଖରାପ ହେଲେ ସେଇଠି ବନ୍ଦ ରହିଲା । ରବୀନ୍ଦ୍ରବାବୁ ଭାବିଲେ ଏପରି ଅଞ୍ଚଳମାନଙ୍କରେ ଏ ଯେଉଁ ଆଇ. ଟି. ଆଇ ଇଞ୍ଜିନିଅରିଂ ସ୍କୁଲ ଆଦିରୁ ବହୁ ଛାତ୍ର ଉତ୍ତୀର୍ଣ୍ଣ ହୋଇ ବେକାର, ବୁଲୁଛନ୍ତି, ସେମାନେ ସହାୟତା କରି ପାରିବେ । ବସ୍ତୁତଃ ଏପରି ଅଞ୍ଚଳମାନଙ୍କରେ ସେମାନେ ନିଜେ ନିଜେ ପମ୍ପ କିଣି ଅନ୍ତତଃ ଗୋଟିଏ ପଞ୍ଚାୟତରେ ଜଣେ ଲେଖାଏଁ

Digitized by srujanika@gmail.com

ବସବାସ କରି ରହିଲେ ତାଙ୍କ ନିଜ ସମସ୍ୟାର ସମାଧାନ ହେବା ସଙ୍ଗେ ସଙ୍ଗେ ଚାଷୀମାନଙ୍କର ମଧ୍ୟ ସମସ୍ୟାର ସମାଧାନ ହୋଇପାରିବ । କିଣିବା ପାଇଁ ଋଣ ଦରକାର—ହେଲ—ଅସୁବିଧା କଣ । ତା ବ୍ୟବସ୍ଥା କରିଯାଇପାରେ ।" ରବୀନ୍ଦ୍ର ବାବୁ ଭାବିଲେ ଏ କଥା ସେ ଅବଶ୍ୟ ଭାଷଣରେ କହିବେ ଏବଂ ଚାଷୀ ତଥା ବୈଷୟିକ ତାଲିମପ୍ରାପ୍ତ ବେକାର ବ୍ୟକ୍ତିମାନେ ମଧ୍ୟ ଅବଶ୍ୟ ଉତ୍ସାହିତ ହେବେ । ଏହିପରି ଭାବୁ ଭାବୁ ଗାଡ଼ି ଆସି ଚନ୍ଦନଗଡ଼ରେ ପହଞ୍ଚିଲା ।

ରାତି ପ୍ରାୟ ନଅଟା ହେଲାଣି । ଆଖିରେ ନିଦ ପୂରି ଗଲାଣି । ଅନ୍ତତଃ ଛଅଘଣ୍ଟା ଶୋଇବା ଉଚିତ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନ କହୁଛି । କାଲି ସକାଳୁ ଉଠିବାକୁ ପଡ଼ିବ । ସମୟ କାହିଁ ?

ରବୀନ୍ଦ୍ର ବାବୁ ଆଉ ସମୟ ନଷ୍ଟ ନକରି ଡାକବଙ୍ଗଳା କୋଠରୀରେ ଶୋଇପଡ଼ିଲେ । ଲାଇଟ୍‌ଟା ଲିଭାଇବା ପାଇଁ ଭୁଲିଗଲେ । ମଶାରି ଭିତରେ ଶୋଇଛନ୍ତି । ପିଅନ୍ କବାଟ ଆଉଜାଇ ଦେଇ ଚାଲିଗଲା ।

ମଶାରିର ଫାଙ୍କ ଉଣ୍ଡି ମଶାମାନେ ଗୋଟି ଗୋଟି କରି ନିକ୍ସଲାଇଟ୍‌ମାନଙ୍କପରି ଇନ୍‌ଫିଲଟ୍ରେଟ୍ ଅର୍ଥାତ୍ ଭିତରକୁ ପଶି ଆସୁଛନ୍ତି । ଗୁଣୁ ଗୁଣୁ କରି ନାରା (Slogan) ଲଗାଉଛନ୍ତି । ମଝିରେ ମଝିରେ କାମୁଡ଼ି ଦେଉଛନ୍ତି । ରବୀନ୍ଦ୍ର ବାବୁ ସୁପ୍ତ କି ଜାଗ୍ରତ ଜାଣି ହେଉନାହିଁ—ଛଟ୍ ପଟ୍ ହେଉଛନ୍ତି । କେତେବେଳେ କମିତ ବୋଧହୁଏ ମଶାକୁ ଲକ୍ଷ୍ୟକରି ନିଜ ପିଠି ହାତ ବାହୁରେ ଚାପୁଡ଼ା ଦେଉଛନ୍ତି । ଏଇ ପରିସ୍ଥିତି ଭିତରେ ତାଙ୍କର ଅଦମ୍ୟ ଚେଷ୍ଟା ଲାଗିରହିଛି ନିଶ୍ଚଳ ଭାବରେ ଶୋଇ ପଡ଼ିବା ପାଇଁ ।

* *

ଏ କଣ ? କେତେଗୁଡ଼ାଏ ପିଲା ପଶି ଆସୁଛନ୍ତି କୋଠରୀ ଭିତରକୁ । ଆରେ ବାବା କଥା କଣ ?

ରବୀନ୍ଦ୍ର ବାବୁ ସେମାନଙ୍କୁ ପଚାରିଲେ, "କାହିଁକି ଇମିତ ପଶି ଆସୁଛ ?"

Digitized by srujanika@gmail.com

"ସାର୍, ଏଇସବ ଦୋକାନରୁ ପମ୍ପ ସବୁ କଣି ଆଣିଛୁ। ଆପଣଙ୍କ ଦୟାରୁ ଋଣ ମିଳଲ। ରାମ, ବଧୁ, ପ୍ରଶାନ୍ତ, ସୁନୀଲ ଆଉ ମୁଁ ପାଞ୍ଚଜଣ ଆଜି କିଣିଲୁ।"

"ହଉ, ହଉ, ଶୋଇପଡ଼।"

ପୁଣି ଝଣଝାଣ କେତେ ପ୍ରକାର ଶବ୍ଦ ହେଲା। ରବୀନ୍ଦ୍ର ବାବୁ ଉତ୍ତେଜିତ ହୋଇ କହିଲେ "କାହିଁକି ଇମିତି ହଲ୍ଲା କରୁଛ? ମୋତେ ଶୋଇବାକୁ ଦେବ ନାହିଁ?"

"ନାଇଁ ସାର୍, ଶୋଇବାକୁ ଦେବୁନାହିଁ କାହିଁକି? ଏଇସବ ସ୍ପେଆର ପାର୍ଟସଗୁଡ଼ାକ କୋଠରୀ ଭିତରେ ରଖାରଖି କରୁଛୁ। ସେଇଗୁଡ଼ା ଟିକିଏ ଶବ୍ଦ ହେଉଛି। ଟିକିଏ କ୍ଷମା କରିବେ...।"

"ହଉ ହଉ, ଶୋଇପଡ଼"।

କିଛି ସମୟ ଗଲା। ପୁଣି ସେହିପରି ଗୋଳମାଳ, ହଲ୍ଲା— କେତେ ପାଟିରେ ପିଲାମାନେ କଥାବାର୍ତ୍ତା ହେଉଛନ୍ତି। ପଁ, ପାଁ, ଫୁଁ, ଫାଁ —କଣ ଏସବୁ ଆୱାଜ?

ରବୀନ୍ଦ୍ର ବାବୁ ବିରକ୍ତ ହୋଇ କହିଲେ "ମୁଁ ଏତେକରି କହୁଛି, ଟିକିଏ ବୁଝୁନାହଁ କାହିଁକି? ମୋତେ ଟିକିଏ ଶାନ୍ତିରେ ଶୋଇବାକୁ ଦିଅ।"

"ସାର୍, କଥା କଣ କି—ଗୋଟିଏ ଟ୍ରକ୍‌ବାଲାକୁ ଭଡ଼ା ଚୁକ୍ତିକରି ଧରିଆଣିଛୁ। ପମ୍ପ୍‌ଗୁଡ଼ିକୁ ସେଥିରେ ଲୋଡ୍ କରୁଛୁ ଏଇ ଏବେ ଚାଲିଯିବୁ—ଆପଣ ଶାନ୍ତିରେ ଶୋଇବେ।"

"ହଉ ହଉ, କବାଟଟା ଟିକେ ଆଉଜେଇ ଦେବ।"

"ହଉ ସାର୍, ନମସ୍କାର!"

"ନମସ୍କାର"!

"ନମସ୍କାର, ନମସ୍କାର, ନମସ୍କାର।"

Digitized by srujanika@gmail.com

କୋଠରୀ କ୍ରମେ କ୍ରମେ ଶୂନ୍‌ଶାନ୍ ଜଣା ପଡ଼ିଲା । ରବୀନ୍ଦ୍ରବାବୁ ଖାଲି ମନରେ ଭାବୁଥାନ୍ତି, "ଛି, ଛି, କି କଦର୍ଯ୍ୟ ଏ ରାଜନୀତି—ଟିକିଏ ବି ଶାନ୍ତି ନାହିଁ ଜୀବନରେ । ହଉ, ଏବେ ଟିକିଏ ଶୂନ୍‌ଶାନ୍ ହୋଇଛି—ଶୋଇପଡ଼େ ।"

କାହିଁ ? ଶୂନ୍‌ଶାନ୍ କାହିଁ ? ଫେର୍ ପିଲାମାନେ ତ ପାଟିତୁଣ୍ଡ କରି ଫେରି ଆସୁଛନ୍ତି ।

"କଣ ହେଲା, କାହିଁକି ଫେରିଲ ?"

"ସାର୍, ଏ ଟ୍ରକବାଲାଟା କି ବଦମାସ୍—କହୁଛି ଆଗତୁରା ଭଡ଼ା ନଦେଲେ ସେ ଟ୍ରକ୍ ଗୁଡ଼ିବ ନାହିଁ । ଆମେ ଏବେ ଭଡ଼ା ଟଙ୍କା ଆଣିବୁ କେଉଁଠୁ ? ଘରେ ପହଞ୍ଚିଲେ ତ ଦେବୁ ।"

"ତମ ପାଖରେ କିଛି ନାହିଁ ?"

"ପଚିଶ ଟଙ୍କା ଅଛି, ଆଉ ପଚିଶ ଟଙ୍କା ଦରକାର ।"

"ଆଚ୍ଛା ହେଉ" । ପିଅନକୁ ଡାକିଲେ "ଚକ୍ରଧର, ଚକ୍ରଧର ହଇରେ ଶୁଣୁନାହୁଁ କାହିଁକି ?" ଜୋର୍‌ରେ ଡାକିଲେ "ଚକ୍ରଧର" ଚାପରେ ଉଠି ପଡ଼ିଲେ ।···

ଉଃ କି ଭୟାନକ । କାହିଁ କେହି ନାହାନ୍ତି । କିଛି ପାଟିତୁଣ୍ଡ ନାହିଁ, ଖାଲିଟାକୁ ଭରମୁଥିଲେ ନା କଣ ? ବଜୁଳି ଆଲୁଅ ଜଳୁଛି । କୋଠରୀଟା ପୂରାପୂରି ଆଲୋକିତ ।

ଝରକାଟା ଟିକିଏ ଖୋଲିଦେଇ ଦେଖିଲେ ବାହାରଟା ମଧ୍ୟ ଆଲୋକିତ । ତାହାହେଲେ କଣ ଖରା ପଡ଼ିଲାଣି ? ମାନେ ସକାଳ ହୋଇ ସୂର୍ଯ୍ୟ ବି ଉଇଁ ସାରିଲେଣି ? ଚକ୍ରଧର କି ବୋକା ଲୋକ—ସକାଳୁ ଆସି ଉଠାଇ ଦେଇ ନଥାନ୍ତା ! ମଶାରି ଭିତରେ ବସି ଇମିତି ଭାବୁଛନ୍ତି ଚକ୍ରଧର ପଶି ଆସିଲା । ନମସ୍କାରଟିଏ ପକାଇ କହିଲା "ଆଜ୍ଞା, ସାଢ଼େ ସାତ ବାଜିଲାଣି ।

Digitized by srujanika@gmail.com

"ଆଗରୁ ଆସି ଉଠାଇ ଦେଲ ନାହିଁ ?"

"ଆଜ୍ଞା ଆସି ଡାକଲି । ଉଠିଲେ ନାହିଁ ।"

"ଓଃ ତାହାହେଲେ ତୁମେ ପାଟିତୁଣ୍ଡ କରନାହିଁ ?"

ଋଦ୍ରବାବୁ ମଶାର ଭିତରେ ଆଖି ବୁଲାଇଲେ । ଦେଖିଲେ, ଗୁଡାଏ ମଶା କୋଣମାନଙ୍କରେ ଚୁପ୍ ଚାପ ବସିଛନ୍ତି ।

"ତାହେଲେ ପମ୍ପ, ସ୍ପେୟାର ପାର୍ଟସ୍, ଗ୍ରାମ, ବଧୂ; ସୁନୀଲ ସବୁ ଏଇ ମଶାଗୁଡ଼ାକ"......ଟିକଏ ହସି କହିଲେ "ହୁଁ" ।

ଚନ୍ଦ୍ରଧର ପଚାରିଲା, "ଆଜ୍ଞା କଣ କହିଲେ ?"

"ନା, କହୁଥିଲି ତା'ହାଲେ ଏଇ ମଶାମାନେ ଗୋଳମାଳ କରୁଥିଲେ ।"

"ଆଜ୍ଞା, ହୋଇଥିବ । ଘର ବଡ଼ ବଡ଼ ମଶା"

Digitized by srujanika@gmail.com

ସେମାନେ ଏବେ କେଉଁଠି

"କରେ ପାଞ୍ଚମିନଟ ହେଲା ଆସି ଠିଆ ହେଲଣି, ତୋତେ କଛୁ ଜଣା ପଡ଼ୁ ନାହିଁ ? କ'ଣ ଇମିତ ଭାବୁଛୁ କ ?"

"ଆରେ, ସତେ ତ । ବସ, ବସ ।" ଚୌକିଟି ଟାଣି ବସିବା ପାଇଁ ନର୍ଦ୍ଦେଶ ଦେଲେ ଶ୍ୟାମସୁନ୍ଦର ବାବୁ ।

"କ'ଣ ଇମିତ ଭାବୁଥିଲୁ ?"

"ନାଇଁ, ସେମିତ କଛୁ ନାଇଁ—ଭାବୁଥିଲ—"

"କ'ଣ ?"

"ସେମାନେ ଏବେ କେଉଁଠି···?"

"କେଉଁମାନେ···"

"ମୋର ଗୋଟିଏ ଭୁଲ ସ୍ମୃତି ହୋଇଯାଇଛି—ଜାଣି ପାରୁନ ସେମାନେ ଏବେ କେଉଁଠି···।"

Digitized by srujan ka@gmail.com

"କ'ଣ ଭୁଲ୍ ତ୍ରୁଟି—କଏ କେଉଁଠି—ଠିକ୍ କରି କହ । ମୁଁ ଯେ କିଛି ବୁଝି ପାରୁନାହିଁ ।"

"ମୋର ଗୋଟିଏ ପରାମର୍ଶ—ବୋଧହୁଏ ଭୁଲ୍ ହୋଇଯାଇଛି—ଏବେ ତିନୋଟି ପ୍ରାଣୀ—ତା ଫଳରେ କଏ କେଉଁଠି—ସେଇ କଥା ଚିନ୍ତା କରୁଥିଲି ।"

"ଚିନ୍ତାକଲେ କ'ଣ ଜଣାପଡ଼ିବ—ଖୋଜ ଖବର ନେଲେ ସିନା—କ'ଣ, କଥାଟା କ'ଣ, କହିଲେ ବା ମୁଁ କିଛି ପରାମର୍ଶ ଦେଇ ପାରନ୍ତି ।"

"ଶୁଣିବାକୁ ଚାହୁଁ । ହଉ ତେବେ ଶୁଣ । ମୂଳରୁ କହିଲେ ଯାଇ ବୁଝି ପାରିବୁ—ବହୁତ ସମୟ ଲାଗିବ ।"

"ହଉ ହେଲା କହ ।"

ଶଙ୍କର କହିବାକୁ ଆରମ୍ଭ କଲେ—

"ଆମ ଗାଆଁ ଏଲ୍. ପି. ସ୍କୁଲରେ ପାଠ ପଢ଼ୁଥିଲୁ । ମୁଁ, ବାସୁଦେବ ଆଉ କାମଦେବ । ଝିଅଟିଏ ମଧ୍ୟ ପଢ଼ୁଥିଲା ଆମ ସାଙ୍ଗରେ—ତା ନାଁ ଜୁଲିଆନା । ଏଲ୍. ପି. ସ୍କୁଲ ପଢ଼ା ସରିଲା । ସେଇ ବର୍ଷ ସ୍କୁଲଟିର ଅପର ପ୍ରାଇମେରି ଶ୍ରେଣୀ ମଧ୍ୟ ଖୋଲିଲା । କିନ୍ତୁ ଜୁଲିଆନା ଆଉ ପଢ଼ିଲା ନାହିଁ । ତା ବାପ ବଡ଼ ଗରିବ । ଆଉ ପଢ଼ାଇ ପାରିଲା ନାହିଁ । ଜୁଲିଆନାକୁ ଘରେ ତା' ମାକୁ କାମ ଧାଇଁଟିରେ ସାହାଯ୍ୟ କରିବାକୁ ପଡ଼ିଲା । ବାସୁଦେବ ଏବଂ କାମଦେବ ନୂଆ ଶ୍ରେଣୀରେ ଯୋଗ ଦେଲେ । ମୁଁ ଚାଲି ଆସିଲି ଏଇ ସହରକୁ—ଏଠାକାର ହାଇସ୍କୁଲର ଅପର ପ୍ରାଇମେରି ଶ୍ରେଣୀରେ ଭର୍ତ୍ତି ହେଲି ।

ଜୁଲିଆନା ଝିଅଟି ବଡ଼ ସୁନ୍ଦରୀ । ପାଠପଢ଼ା ଛାଡ଼ି ଦେଇଥିଲେ ମଧ୍ୟ ବାସୁଦେବ ଏବଂ କାମଦେବ ସାଙ୍ଗରେ ଅନେକ ସମୟରେ ମିଶି ଖେଳ କୁଦ କରୁଥାଏ । ଅପର ପ୍ରାଇମେରି ପ୍ରଥମ ବର୍ଷ ପରୀକ୍ଷାରେ

Digitized by srujanika@gmail.com

ବାସୁଦେବ ଫେଲ ହୋଇଗଲା । କାମଦେବ ପାଶ୍ କରି ଉପର କ୍ଲାସକୁ ଗଲା । ବାସୁଦେବର ବାପା ମଧ୍ଯ ବଡ଼ ଗରିବ । ସେ ଆଉ ବାସୁଦେବକୁ ପଢ଼ାଇବାକୁ ଚାହିଁଲା ନାହିଁ ।

ଦିନେ ପାଦ୍ରୀ ଆସିଥାଏ ଆମ ଗାଆଁକୁ । ପନ୍ଦର ଦିନ, ମାସକରେ ଥରେ ଲେଖାଏଁ ଆସି ସେ ଗାଆଁର ଖିରସ୍ତାନ ପଡ଼ା ଭିତରେ ବୁଲିଦେଇ ଯାଏ । କେବେ କମିତ ଗାଆଁର ଅନ୍ୟ ଲୋକମାନଙ୍କ ସହିତ ମଧ୍ଯ ମିଶେ, କଥାବାର୍ତ୍ତା କରେ । ସେଦିନ ଜଳୁଆନା ଘରକୁ ଆସିଥିବାବେଳେ ବାସୁଦେବ ଆଉ ତା'ର ବାପା ମଧ୍ୟ ସେଇବାଟେ ଯାଉ ଯାଉ ଟିକିଏ ଅଟକ ଯାଇଥିଲେ । ପାଦ୍ରୀ ବାହାରିଆସି ବାସୁଦେବକୁ ଦେଖିଲା । ଗାଲରେ ଟିକିଏ ହାତ ମାରିଦେଇ ପଚାରିଲା, "ପାଠ ପଢ଼ୁଛୁ ?"

ବାସୁଦେବ ମୁଣ୍ଡ ତଳକୁ କରିଦେଇ ତା ବାପ ପଛପାଖେ ଲୁଚିଲା । ବାସୁଦେବ ବାପା କହିଲେ, "ପଢ଼ୁଥିଲା । ଫେଲ୍ ହୋଇଗଲା । ନାଆଁ କଟାଇ ଦେଲି ।"

ପାଦ୍ରୀ କହିଲା, "ଫେର ବର୍ଷେ ପଢ଼ାଇଲ ନାହିଁ । ପାଶ୍ କରିଥାନ୍ତା ।"

ବାସୁଦେବର ବାପା କହିଲେ, "ଗରିବ ଲୋକ ପଢ଼ାଇବାର ଶକ୍ତି ନାହିଁ । ନାଆଁ କଟାଇ ଦେଲି ।"

ପାଦ୍ରୀ କିଛିକ୍ଷଣ ବାସୁଦେବ ପ୍ରତି ଅନାଇରହି କହିଲେ, "ମୁଁ ସାଙ୍ଗରେ ନେଇଯିବି—ପାଠ ପଢ଼ାଇବି । ତୁମେ କ'ଣ କହୁଛ ?"

ବାସୁଦେବକୁ ତା ବାପା ପଚାରିଲେ, "ଯିବୁ । ପଢ଼ିବା ପାଇଁ ଯିବୁ ?"

ବାସୁଦେବ ତା ବାପାର ହାତ ଆଙ୍ଗୁଠି ଧରି କଡ଼ ପଛରେ ବୁଲା ବୁଲା କହିଲା, "ତୁଇ ନେଇ ଛାଡ଼ିଲେ ଯିବି ।"

Digitized by srujanika@gmail.com

ପାଦ୍ରୀ କହିଲେ, "ହଉ, ହଉ, ତୋର ବାପା କାଲି ନେଇ ଛାଡ଼ିବ ।"

ସବୁକଥା ନିଷ୍ପତ୍ତି ହୋଇଗଲା । ତା ବାପ ଶୁକ୍ରବାର ଦିନ ବାସୁଦେବକୁ ପାଦ୍ରୀ ଘରକୁ ନେଇ ଛାଡ଼ିବ । ସେଇଠି ମିଶନ୍ ସ୍କୁଲରେ ସେ ପାଠ ପଢ଼ିବ । ବହୁତ ହିନ୍ଦୁ ପିଲା ମଧ୍ୟ ସେଇଠି ପଢ଼ନ୍ତି ବୋଲି ପାଦ୍ରୀ କହିଲେ ।

ବାସୁଦେବ ଏଇ ସହରକୁ ଆସି ମିଶନ୍ ସ୍କୁଲରେ ସେଇ କ୍ଲାସରେ ନାଆଁ ଲେଖାଇଲା । କାମଦେବ ଗାଁରେ ଆଉ ବର୍ଷେ ପଢି, ପଢା ଶେଷ କଲା । ଶୁଣିଲି, ପାଦ୍ରୀ ତାକୁ ମଧ୍ୟ ମିଶନ୍ ସ୍କୁଲକୁ ଆଣିବ ବୋଲି କହୁଥିଲା । କିନ୍ତୁ କାମଦେବର ବାପା ରାଜି ହେଲାନାହିଁ । ସେ ମଧ୍ୟ ଗରିବ ଲୋକ । ମାତ୍ର ଦୁଇ ଏକର ଜମି । ବାପ ପୁଅ କୃଷିରେ ମନଦେଇ ଆଉ କିଛି ଜମିବାଡ଼ି କରିବା ଭଲ ବୋଲି ସେ ଭାବିଲା ।

ପାଠପଢ଼ା ସରିଲାବେଳକୁ କାମଦେବର ବୟସ ପ୍ରାୟ ଚଉଦ କି ପନ୍ଦର ବର୍ଷ । ଜୁଲିଆନା ହୁଏତ ଗୋଟାଏ ବରଷର ସାନ ହୋଇପାରେ । ବୟସ ବଢିବା ସଙ୍ଗେ ସଙ୍ଗେ ଜୁଲିଆନାର ସୌନ୍ଦର୍ଯ୍ୟ ମଧ୍ୟ ଅଧିକରୁ ଅଧିକ ଫୁଟି ଉଠୁଥାଏ । କାମଦେବର ଶରୀରରେ ମଧ୍ୟ ଯେପରି କି ଗ୍ରାମ ପରାକ୍ରମ ଭରି ଉଠୁଥାଏ । ପଢ଼ାପଢି ସରିଲା ପରେ କାମଦେବ ତା ବାପାକୁ କାମରେ ସବୁପ୍ରକାର ସାହାଯ୍ୟ କରୁଥାଏ । ବେଗ୍ରମ ପଡିବା ତାକୁ ଜଣାନାହିଁ । ସେ ଯେପରି ଡେଙ୍ଗା ହେଉଥାଏ ସେପରି ହୃଷ୍ଟପୁଷ୍ଟ ବି ହେଉଥାଏ । ଖାଲି କରିଆ (ଛୋଟ ଅଣ ଓସାରିଆ ଧୋତି) ଖଣ୍ଡେ ପିନ୍ଧି ବୁଲୁଥିଲେ ମଧ୍ୟ ସୁନ୍ଦର, ସୁସ୍ଥ ଶରୀର ହେତୁ ତାର ଏକ ଆକର୍ଷଣ ଥାଏ । ଜୁଲିଆନା ସାଙ୍ଗରେ ତାର ଅନେକ ଥର ଦେଖା ହୁଏ । କଥାବାର୍ତ୍ତା ବି ହୁଏ । ସ୍କୁଲରେ ପଢିଲାବେଳେ କେତେଥର ହାତ ଧରାଧରି ହୋଇ ଖେଳିଛନ୍ତି, କୁଦିଛନ୍ତି, ଦୋଳିରେ ବସି ଝୁଲିଛନ୍ତି, ପୋଖରୀ ପାଣି ଭିତରେ ପହଁରିଛନ୍ତି, ବୁଡ଼ବୁଡ଼ି ପରସ୍ପରକୁ ଖୋଜିଛନ୍ତି । ଏବେ ଦେଖାହେଲେ ବି ବ୍ୟବଧାନ ରଖି କଥାବାର୍ତ୍ତା କରିବାକୁ ପଡ଼େ । କିନ୍ତୁ

Digitized by srujanika@gmail.com

ଏବେ ଦେଖାହେଲେ ଆନନ୍ଦ ତ ହୁଅନ୍ତି, ତେବେ କଣ୍ଟା ବାଡ଼େଇଦେଲା ପରି ଚିତ୍ତରେ କମିତି ଏକପ୍ରକାର ଦୁଃଖ ବି ଅନୁଭବ କରନ୍ତି ।

ଜୁଲିଆନା ଆମ ଘର ଗୁହାଳ ସଫା କରେ । ଆଉ ଅନ୍ୟାନ୍ୟ କାମ ବି ବରାଦ ମୁତାବକ କରେ । କାମଦେବ ମଧ୍ୟ କେବେ କେମିତି ଭୁତି ନେଇ ଆମ କ୍ଷେତରେ କାମ କରେ । ସହରରୁ ଗାଁକୁ ଅନେକ ସମୟରେ ଛୁଟିରେ ଯେବେ ଆସେ ସେମାନେ କେବେ କେବେ ମୋ ପାଖକୁ ଆସି ବସନ୍ତି, ନାନାପ୍ରକାର କଥା ହୁଅନ୍ତି । ବାସୁଦେବ ବି ଅନେକ ସମୟରେ ଆସେ । ଏକାଠି ସମସ୍ତେ ବସୁ କଥାବାର୍ତ୍ତା ହେଉ । ମୁଁ ସେମାନଙ୍କୁ ଦେଶ ବିଦେଶ, ବିଜ୍ଞାନର ନାନା କଥା ଶୁଣାଏ । ବାସୁଦେବ ସହରରେ ପଢ଼ୁଥିଲେ ମଧ୍ୟ ଅଧ୍ୟୟନ ଅଭାବରୁ ମୋପରି ନାନା ପ୍ରକାର କଥା ଜାଣେ ନାହିଁ । ତେଣୁ କହିପାରେ ନାହିଁ । ତଥାପି ସେ ଅନେକ ଥର ଆସେ ଏବଂ ବସିରହେ । ମୁଁ କ୍ରମେ କ୍ରମେ ବୁଝି ପାରିଲି ତାର ଆସିବାର ଉଦ୍ଦେଶ୍ୟ ହେଉଛି, ଜୁଲିଆନାକୁ ଦେଖିବ, କଥା ହେବ ଇତ୍ୟାଦି । କେବେ କେବେ ଠିକ୍ ଏ ପାଖେଇ ବସିବାର ମଧ୍ୟ ଚେଷ୍ଟା କରେ । କିନ୍ତୁ ଜୁଲିଆନା ଦୂରେଇଯାଏ । କେବେ କେବେ କାମଦେବର ଆଖି ଦୁଇଟା ବାସୁଦେବର ଖସର ଖସର କାମଟାକୁ ଏପରି ଲକ୍ଷ୍ୟ କରିଥାଏ ଯେ, ବାସୁଦେବ ବାଟୁଳି ମାଡ଼ରେ ଝିଡ଼ିପଡ଼ିଲା ପରି ଅଟକିଯାଏ ନଇଁପଡ଼େ । ଜୁଲିଆନା କାମଦେବ ନାରାଜ ହେବ କି କଣ ଭାବି ସେତେ-ବେଳେ ଉଠି ପଳାଏ । ମୁଁ କ୍ରମେ କ୍ରମେ ବୁଝିପାରିଲି, କାମଦେବ ଏବଂ ଜୁଲିଆନା ମଧ୍ୟରେ ଏକ ପ୍ରକାର ସମ୍ବେଦନ ପ୍ରତିଷ୍ଠିତ ହୋଇ ସାରିଛି । ଉଭୟେ ପରସ୍ପରକୁ ଅନ୍ତରାଳରେ ନାନା ଉହାଡ଼ରେ ଦେଖାଚାହାଁ ହେଉଥିବାର ମଧ୍ୟ ମୁଁ ଲକ୍ଷ୍ୟକରି ପାରିଲି । ବାସୁଦେବ ମଧ୍ୟ କ୍ରମେ କ୍ରମେ ଜାଣିପାରିଲା ଯେ ଜୁଲିଆନା ପ୍ରାୟ ଅଧିକୃତ—ଉଭୟଙ୍କ ପାଇଁ ସେ ମାତ୍ର ତୃତୀୟ ବ୍ୟକ୍ତି ।"

ଶ୍ୟାମବାବୁ ବାଧା ଦେଇ କହିଲେ, "ତୁ ଯେପରି ଭାବରେ କହୁଛୁ ସେଥିରେ ନିଜକୁ ଏକେବାରେ ଛଡ଼ା ରଖି କହିବାଟା ମୁଁ କିନ୍ତୁ ବିଶ୍ୱାସ କରି ପାରୁନାହିଁ ତନ୍ତୁ··· ।"

Digitized by srujanika@gmail.com

"ମୁଁ ଯେ ଜୁଲିଆନାର ଆକର୍ଷଣ ଅନୁଭବ କରି ନ ଥିଲି, ତା ନୁହେଁ ଶ୍ୟାମ—ମୁଁ ବି ଆକୃଷ୍ଟ ହୋଇଥିଲି ଏବଂ ହୃଦୟରେ ବେଦନା ଅନୁଭବ କରିଥିଲି । କିନ୍ତୁ ସମାଜରେ ଯେ ଯେତିକି ଉଚ୍ଚ ବା ସ୍ୱଚ୍ଛନ୍ଦ ଆସନରେ ଅଛି, ତା ପାଇଁ ଶୃଙ୍ଖଳା ମଧ୍ୟ ସେଇ ପରିମାଣରେ କଠିଣ ହୋଇପଡ଼େ ଏବଂ ଶୃଙ୍ଖଳା ଜ୍ଞାନ ଅନୁଭବ କରି ପାରିଲେ ଅନେକଗୁଡ଼ିଏ ପ୍ରବୃତ୍ତି ଆପେ ଆପେ ଦମିତ ହୋଇଯାଏ । ମୋର ଅବସ୍ଥା ସେଇପରି ହୋଇଥିଲା । ଜୁଲିଆନା ପ୍ରତି ଆକୃଷ୍ଟ ହେବାର କୌଣସି ସୂଚନା ବା ଲକ୍ଷଣ ମୋ ପକ୍ଷରେ ଅନାବୃତ ବୋଲି ବିବେଚିତ ହେବ ଏ କଥା ମୁଁ ବୁଝି ପାରୁଥିଲି । ଗାଁରେ ଅପାଠୁଆ ରହିବି ବୁଲୁଥିଲେ କ'ଣ ହୋଇଥାନ୍ତା ଅବଶ୍ୟ କହି ପାରିବି ନାହିଁ । ପୁଣି ଯେତେବେଳେ କାମଦେବ ଏବଂ ଜୁଲିଆନା ମଧ୍ୟରେ ପରସ୍ପର ପ୍ରତି ସମ୍ବେଦନାର ଆଭାସ ମୁଁ ପାଇ ପାରିଲି ସେମାନଙ୍କ ପ୍ରତି ମୋର ମନୋଭାବ ମଧ୍ୟ ଆନ୍ତରିକ ପବିତ୍ର ହେବାକୁ ଲାଗିଲା । କାମଦେବ ଅଧପାଠୁଆ ରହିଥିଲେ ମଧ୍ୟ, ଆମର କ୍ଷେତ କାମରେ ମୂଲ ଲାଗୁଥିଲେ ମଧ୍ୟ ତା ପାଇଁ ମୋ ହୃଦୟରେ ବନ୍ଧୁତା ଭାବ ଥିଲା ଏବଂ ଜୁଲିଆନାର ଆକର୍ଷଣ ମଧ୍ୟ ଏକ ଅନ୍ୟ ପ୍ରକାର ମମତାର ରୂପ ନେଲା ।"

ନମିତା ଟେବୁଲ ଉପରେ ଗରମ ଟି'ପଟ୍ ଚିନି, ଦୁଧ ଆଦି ଟ୍ରେରେ ଥୁଆଦେଇଗଲା ।

"ଅଚ୍ଛା, ତା ପରେ କ'ଣ ହେଲା କହ । ବାସୁଦେବଙ୍କର କି ଅବସ୍ଥା ।"

"ବାସୁଦେବ ଶାନ୍ତ କିମ୍ବା ପ୍ରଶସ୍ତ ରହିବି ପାରିଲା ନାହିଁ । ଜୁଲିଆନାର ପରିବାର ଖ୍ରୀଷ୍ଟିୟାନ ହୋଇ ଯାଇଥିଲେ ମଧ୍ୟ ଜାତିରେ କାମଦେବ, ବାସୁଦେବ ଏବଂ ଜୁଲିଆନା ଏକା—ସମସ୍ତେ ଖଣ୍ଡୁଆ ସମ୍ପ୍ରଦାୟର । ତେଣୁ ଜୁଲିଆନାକୁ ଆକୃଷ୍ଟ କରିବାର ଅଧିକାର ବାସୁଦେବର ମଧ୍ୟ ଅଛି—ଏଇ ଚିନ୍ତା ବାସୁଦେବର ମନକୁ ଅଧିକାର

Digitized by srujanika@gmail.com

କରି ବସିଲି । ସେ ବରାବର ଚିନ୍ତା କରୁଥାଏ ଜୁଲିଆନାର ମନୋଭାବ ଉପରେ ତା ଆଡ଼କୁ ଫେରାଇବ । ମନେ ମନେ ଭାବିଲି ଜୁଲିଆନା କି ମୂର୍ଖତା ଆଚରଣ କରୁଛି । କାମଦେବର ଭବିଷ୍ୟତ କଣ । ସେ ପ୍ରାୟ ଅପାଠୁଆ । ତାର ସାରା ଜୀବନ କେତେ ଏକର ଜମିର ଆୟ ମଧ୍ୟରେ ଆବଦ୍ଧ ରହିବ । ଅନ୍ୟ ପକ୍ଷରେ ସେ ଆଉ ଗୋଟିଏ ବର୍ଷ ପଢି ପାରିଲେ ପରେ ମାଟ୍ରିକୁଲେସନ୍ ପାଶ୍ କରିବ । ଭଲ ଭାବରେ ପାଶ୍ କରି ପାରିଲେ ପାଦ୍ରୀ କହୁଛି ଆହୁରି ଉପରକୁ ମଧ୍ୟ ପଢ଼ିବା ପାଇଁ ସାହାଯ୍ୟ କରିବ । ପଢି ପାରିଲେ ସେ ନିଶ୍ଚୟ ଭଲ ଚାକରି ପାଇ ପାରିବ । ଜୁଲିଆନା ତା ସାଙ୍ଗରେ କେତେ ଜାଗା ବୁଲି ଆସିବ । ନା, ନା, ଜୁଲିଆନା ଏ ସବୁ ବୁଝି ପାରୁନାହିଁ । ତାକୁ ସେ ବୁଝାଇବା ପାଇଁ ଚେଷ୍ଟା କରିବ । ଏହିପରି ସେ କେତେ କ'ଣ ଭାବି ଯାଉଥାଏ ।

ଛୁଟି ସରିଗଲା । ବାସୁଦେବ ପୁଣି ସ୍କୁଲକୁ ଫେରି ଆସିଲା । ଦିନେ ସହର ଭିତରେ ତା ସହିତ ମୋର ଦେଖାହେଲା । ମୁଁ ତାକୁ ସାଙ୍ଗରେ ଡାକି ଆଣିଲି । ତା ସହିତ କଥାବାର୍ତ୍ତା ହେଉଁ ହେଉଁ ଜାଣି ପାରିଲି ଯେ ପାଦ୍ରୀ ସହିତ ଜୁଲିଆନା ସମ୍ପର୍କରେ ସେ କଥାବାର୍ତ୍ତା କରିଛି । ପାଦ୍ରୀ ତାକୁ କହିଛି ଯେ ଜୁଲିଆନା କୌଣସି ହିନ୍ଦୁ ଯୁବକକୁ ବାହା ହୋଇ ପାରିବ ନାହିଁ । କେହି ବାହାହେବାକୁ ଚାହିଁଲେ ପ୍ରଥମେ ଖ୍ରୀଷ୍ଟିଆନ ହେବାକୁ ପଡ଼ିବ । ତେଣୁ ବାସୁଦେବ ଏବେ ଖ୍ରୀଷ୍ଟିୟାନ ହୋଇଯାଇଛି—ଏ କଥା ମଧ୍ୟ ମୋତେ ଜଣାଇଦେଲା । ମୁଁ ତାକୁ କହିଲି, "ବାହା ହେବାପାଇଁ ତୁମେ ଏତେ ସହଜରେ ଧର୍ମ ଛାଡ଼ିଦେଲ, ଜୁଲିଆନାକୁ କ'ଣ ହିନ୍ଦୁ କରି ପାରି ନ ଥା'ନ୍ତ ।"

ବାସୁଦେବ କହିଲା, "ତା ହେଲେ କ'ଣ ପାଦ୍ରୀ ମୋତେ ସାହାଯ୍ୟ କରନ୍ତା ? ପୁଣି ତାରି ସାହାଯ୍ୟ ଉପରେ ନିର୍ଭର କରି ପାଠ ପଢୁଛି ।" ସେ କୈଫିୟତ ଦେବା ଉଦ୍ଦେଶ୍ୟରେ ଆହୁରି ମଧ୍ୟ ଅନେକ କଥା କହିଲା ଏବଂ ପରିଶେଷରେ ଜଣାଇ ଦେଲା ଯେ ତାର ବାପା ମା ସମଗ୍ର ପରିବାର ଖ୍ରୀଷ୍ଟିଆନ ହୋଇ ଯାଇଛନ୍ତି । ତା ନିଜର ଖ୍ରୀଷ୍ଟିଆନ୍ ନାଆଁ ହେଉଛି "ବାର୍ଣ୍ଣାବାସ" । ସବୁ ଶୁଣି ମୁଁ ଚୁପ୍ ରହିଲି । ମନେ ମନେ ଭାବିଲି, ସବୁ

Digitized by srujanika@gmail.com

ତ ସରିଲାଣି—ଆଜ କହୁଛି କହିବା ଲାଭ କ'ଣ । ବାର୍ଣ୍ଣାବାସ ବିଦାୟ ନେଇ ଚାଲିଗଲା । ମୋ ମନ ଭିତରେ ଜୁଲିଆନା ଏବଂ କାମଦେବର କେତେ କଥା ଜାଗି ଉଠିଲା ।

ହାୟ, ବଗୁଲା କାମଦେବ

ଇମିତି ଦୁଇବର୍ଷ ବିତିଗଲା । ମୁଁ ଆଇନ୍ ପାଶ୍ କରି ସାରି ଓକିଲାତି ଆରମ୍ଭ କଲି ଏଇଠି । ବାର୍ଣ୍ଣାବାସ୍ ତ ପ୍ରାୟ ପ୍ରତି କ୍ଲାସରେ ଫେଲହୋଇ ଆସୁଥାଏ । ମାଟ୍ରିକୁଲେଶନ ପରୀକ୍ଷାରେ ପାଶ୍ କରି ପାରିଲା ନାହିଁ । ପାଦ୍ରୀ ତାକୁ ନେଇ ମିଶନ ସ୍କୁଲରେ ଗୋଟିଏ ମାଷ୍ଟରୀ ଚାକିରି ଦେଇ ପ୍ରାଇଭେଟ ପରୀକ୍ଷା ଦେବା ପାଇଁ ନିର୍ଦ୍ଦେଶ ଦେଲା । ବାର୍ଣ୍ଣାବାସ୍ ସେଇଠି ଚାକିରି କରୁଥାଏ ।

ଜୁଲିଆନା ସେହି ସହରକୁ ଅନେକ ସମୟରେ ରେଜା କାମ କରିବା ପାଇଁ ଆସେ । ସହରରେ ଘର ତିଆରି କାମ ଜୋର ସୋରରେ ଚାଲିଥାଏ । କାରଣ ନୂଆ କରି ଏଇଟା ଗୋଟିଏ ସବ୍‌ଡିଭିଜନାଲ୍ ହେଡ୍‌କ୍ୱାର୍ଟରସ୍ ହେଲା । କାମଦେବ ମଧ୍ୟ କେବେ କେବେ ମଜୁରି କାମ କରିବା ପାଇଁ ଆସେ । ଗାଁରେ ଜୁଲିଆନା ସହିତ ଏବେ ପ୍ରାୟ ଦେଖା ସାକ୍ଷାତ୍ ହୋଇପାରେ ନାହିଁ । ବାସୁଦେବ ପରିବାର ଖ୍ରୀଷ୍ଟିଆନ ହେବା ପରେ ଜୁଲିଆନାର ବିବାହ ବାର୍ଣ୍ଣାବାସ୍ ସହିତ ହେବାକୁ ଯାଉଛି ଏ କଥା ପ୍ରାୟ ଗାଁରେ ପ୍ରଘଟ ହୋଇ ଯାଇଛି । ପାଦ୍ରୀ ମଧ୍ୟ ଏ ସମ୍ବନ୍ଧରେ ଜୁଲିଆନାର ବାପାକୁ ଥରେ ଅଧେ କହିଛି । ହେଲେ ଜୁଲିଆନା ବିଭା ହେବା ପାଇଁ ସ୍ପଷ୍ଟ ଭାବରେ କେତେବେଳେ ତାର ମତ ଦେଇ ନାହିଁ । ପାଦ୍ରୀର ମଧ୍ୟ ଇଚ୍ଛା ବାର୍ଣ୍ଣାବାସ୍ ମେଟ୍ରିକ୍ ପାଶ୍ କରି ସାରିବା ପରେ ବିଭା ହେବ । ସେ ଯାହାହେଉ, ଜୁଲିଆନାର ଚଳପ୍ରଚଳ ପ୍ରତି ବାର୍ଣ୍ଣାବାସ୍ ପରିବାର ବରାବର ନଜର ରଖିଥାନ୍ତି । କାମଦେବ କେବେ କେବେ ସହରକୁ ମଜୁରି କାମରେ ଆସିଲେ ସେଇଠି ଜୁଲିଆନା ସହିତ ଦେଖା ସାକ୍ଷାତ୍ ହୋଇଯାଏ ।”

Digitized by srujanika@gmail.com

ନମିତା ଆସି ଦେଖିଲା ଚା' ସିମିତ ଥିଆ ହୋଇଛି ଟେବୁଲ ଉପରେ। ଢ଼ାଙ୍କୁଣି ଖୋଲି ଦେଖିଲା ଚା' ପାଣି ଥଣ୍ଡା ହୋଇ ଗଲାଣି । ସେ ପାଟିକରି କହିଲା, "ଏ କ'ଣ ! ଚା' ସିମିତ ଥିଆ ହୋଇଛି। ମୁଁ ଆଉ ଆଣି ପାରିବି ନାହିଁ। ଚନ୍ଦ୍ରବାବୁ କହିଲେ, "ଆରେ ସତେ ତ । ଆମେ ଏକେବାରେ ଭୁଲିଯାଇଛୁ । ଆଉ ଥରେ ଗରମ କରି ନେଇ ଆ ।" ନମିତା ବିରକ୍ତ ହୋଇ କହିଲା, "ନା, ମୁଁ ପାରିବି ନାହିଁ।"

ଶ୍ୟାମବାବୁ କଅଁଳେଇ କରି କହିଲେ, "ସୁନା ଭଉଣୀଟା ପରି ଆମେ ଭୁଲି ଯାଇଥିଲୁ । ଯା, ଆଉ ଥରେ ଗରମ କରି ଆଣିବୁ।"

ନମିତା ଚା' ପଟ୍ଟି ନେଇ ଚାଲିଗଲା।

ଶ୍ୟାମ ବାବୁ କହିଲେ, "ହଁ, ତା' ପରେ।"

"ହଁ, ତା'ପରେ କେତେ ମାସ ଏମିତି ବିତିଗଲା । ଦିନେ ହଠାତ୍ ଆସି କାମଦେବ ମୋ ପାଖରେ ପହଞ୍ଚିଲା । ହାତରେ କେତେଖଣ୍ଡ କାଗଜ ଧରିଥାଏ। ତାକୁ ପଚାରିଲି, "ହଠାତ୍ କମିତି ଆଜି ଆସି ପହଞ୍ଚିଛୁ।"

ସେ କହିଲା, "ପୋଲିସ୍ ମୋ ନାଆଁରେ ମୋକଦ୍ଦମା କରିଛି । ମୁଁ ଜମାନତରେ ଅଛି।"

"କି ମକଦ୍ଦମା ?"

ସେ କିଛି ନ କହି ମୋ ହାତକୁ କାଗଜଗୁଡ଼ିକ ବଢ଼ାଇଦେଲା । ସେ ସବୁ ପଢି ଦେଖିଲି ଯେ, ଜୁଲିଆନା ପୋଲିସ୍ ଆଗରେ ରିପୋର୍ଟ କରିଛି କାମଦେବ ତାର ଇଜ୍ଜତହାନି କରିଛି ବୋଲି । ଅଭିଯୋଗର ବିବରଣୀ ହେଲା, ଜୁଲିଆନା ତା ସାଙ୍ଗସାଥୀଙ୍କ ସହିତ ସହରକୁ ମଜୁରି କାମ କରିବା ପାଇଁ ଆସିଥିଲା । ସକାଳବେଳା କାମସାରି ସେମାନଙ୍କ ସହିତ ସହର ପାଖରେ ଥିବା ନଈକୁ ଗାଧୋଇବା ପାଇଁ ଯାଇଥିଲା । ସେଇଠି ଗାଧୁଆ ଘାଟକୁ ଆସି କାମଦେବ ତା' ହାତ ଟଣାଟଣି କରି ତା ସହିତ ଉଧୁରିଆ (elopement) ପଳାଇବା ପାଇଁ କହିଲା । ସାଙ୍ଗ-ସାଥୀମାନେ ଗାଳି ଦେବାରୁ ଓ ଅନ୍ୟଲୋକମାନେ ମଧ୍ୟ ହଲ୍ଲା ଶୁଣି ଆସିବାର ଦେଖି ସେ ସ୍ଥାନ ଛାଡ଼ି ପଳାଇଲା ।

Digitized by srujanika@gmail.com

ପଢି ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ତାଙ୍କୁ ପଚାରିଲି "ଜଙ୍ଗଲଆନା ତ ତୋତେ ଭଲପାଏ, ତୋ ନାଆଁରେ ରିପୋର୍ଟ କେମିତି କଲା ।"

କାମଦେବ କହିଲା, "ବାଣ୍ଟିବାସ୍ ଏ ସବୁ କରାଉଛି । ସେ ଜଙ୍ଗଲଆନାର ବାପା ମାଙ୍କୁ ପ୍ରଭାବିତ କରି ଏବଂ ଜଙ୍ଗଲଆନା ସାଙ୍ଗସାଥୀଙ୍କୁ ମଧ୍ୟ ନାନାପ୍ରକାରରେ ପ୍ରବର୍ତ୍ତାଇ ଏ ସବୁ କରାଇଛି ।"

ପଚାରିଲି, "ଘଟଣା କ'ଣ ସତ୍ୟ ?"

କାମଦେବ କହିଲା, "ନା, ମୁଁ ଗାଧୁଆ ଘାଟକୁ ଯାଇଥିଲି ସତ, କିନ୍ତୁ ତା ହାତ ଟଣାଟଣି କରିନାହିଁ । ଖାଲି ପାଖକୁ ଯାଇ କହିଲି, ଆଜି କେତେ ଦିନ ଇମିତି ଛଡ଼ାଛଡ଼ି ରହିଥିବା, ଚାଲ କୁଆଡେ ପଳାଇବା ।" ମୁଁ ପଚାରିଲି—

"ତା ପରେ—'

ସେ କହିଲା, "ତା ସାଙ୍ଗ ଜଣେ ମେଘ—ମୋ କଥାଟା ଶୁଣି ପକାଇଲା ଏବଂ ପାଖକୁ ଆସି ଗାଳିଦେବା ଆରମ୍ଭ କରିଦେଲା—ମୁଁ ସେ ଜାଗା ଛାଡ଼ି ପଳାଇଲି ।"

ମୁଁ ପଚାରିଲି, "ଜଙ୍ଗଲଆନା ଥାନାରେ ରିପୋର୍ଟ କରିବା ପାଇଁ କୁଣ୍ଠିତ ହେଲା ନାହିଁ ?"

କାମଦେବ କହିଲା, "ବାଣ୍ଟିବାସ୍ କେଉଁଠି ଥିଲା, କେଜାଣି— କିଛି ସମୟ ପରେ ଆସି ସେମାନଙ୍କୁ ସାଙ୍ଗରେ ନେଇ ଥାନାରେ ରିପୋର୍ଟ ଦିଆଇଲା ।"

କାଗଜ ପତ୍ର ପଢ଼ି ଦେଖିଲି ମୁଦେଇ ତରଫରୁ ସାକ୍ଷୀ ନିଆ ସରିଲାଣି । ଚାର୍ଜ ମଧ୍ୟ ହୋଇଗଲାଣି । ମୁଦେଇର ସାକ୍ଷ୍ୟମାନଙ୍କର ଜେରା ସକାଶେ ତାରିଖ ଧାର୍ଯ୍ୟ କରାଯାଇଛି । କାମଦେବକୁ କହିଲି, "ମୋକଦ୍ଦମା ତ ଅଧାଅଧି ସରିଲାଣି—ସବୁ କଡ଼ା ସାକ୍ଷୀ ଦେଇଛନ୍ତି ଆଗରୁ ଆସିଲ ନାହିଁ କାହିଁକି ?"

Digitized by srujanika@gmail.com

କାମଦେବ କହିଲା, "ଏଇ କଥାଟାକୁ ଆସି କ'ଣ କହିବ ବୋଲି ଭାବୁଥିଲି । କିନ୍ତୁ ଗତ ତାରିଖ ଦିନ ମାଜିଷ୍ଟ୍ରେଟ ମଧ୍ୟ କହିଲେ ତାହାକୁ ଓକିଲ ଧର--ନ ହେଲେ କେମିତି ଜେରା କରିବ । ଆପଣଙ୍କ ପାଖକୁ ଆସିଛୁ ଯାହା କରିବେ ।"

ମୋର ଆଉ କିଛି କହିବାର ଉପାୟ ନ ଥିଲା । ମୁଁ କହିଲି ହଉ ଦେଖିବା । ମୁଦେଇର ସାକ୍ଷୀମାନେ ତ କଡ଼ା କଡ଼ା ସାକ୍ଷ୍ୟ ଦେଇଛନ୍ତି । ତୁମ ଉପରେ ସେମାନଙ୍କର କିଛି ରାଗ ଅଛି କି ?

କାମଦେବ କହିଲା, "ବାଞ୍ଛାବାସ ସେମାନଙ୍କୁ ସବୁବେଳେ ଶିଖାଉଛି--ଟଙ୍କା ପଇସା ମଧ୍ୟ ଦେଉଛି । କୋର୍ଟ ଇନ୍‌ସପେକ୍ଟରଙ୍କ ଘରକୁ କେତେଥର ଯାଉଛି । ସାକ୍ଷୀମାନଙ୍କୁ ମଧ୍ୟ ତାଙ୍କ ପାଖକୁ ଶିଖାଇବା ପାଇଁ ନେଇଯାଉଛି । ଗଲା ତାରିଖ ଦିନର ପୂର୍ବଦିନ ଆସି କୋର୍ଟ ଇନ୍‌ସପେକ୍ଟର ଘର ବାରଣ୍ଡାରେ ରାତିଟା ମଧ୍ୟ ରହିଲେ ଶିଖିବା ପାଇଁ ।"

ମୋକଦ୍ଦମା ତାରିଖ ପ୍ରାୟ ପାଖ ହୋଇ ଆସିଥାଏ । ମୁଁ କାମ-ଦେବକୁ ସେ ଦିନ ଶୀଘ୍ର ସକାଳୁ ଆସିବାକୁ କହି ବିଦା କରିଦେଲି ।

ନମିତା ପୁଣି ଚ୍ଚ' ନେଇ ଆସିଲା । କହିଲା, "ଏଥର ନ ପିଇଲେ ଆଉ କେବେ ଚ୍ଚ' ମିଳିବ ନାହିଁ ।" ଶ୍ୟାମସୁନ୍ଦର ବାବୁ କହିଲେ, "ଏତେ ବଡ଼ ଶାସ୍ତି । ଏଇ ସାଙ୍ଗେ ସାଙ୍ଗେ ଆରମ୍ଭ କଲୁ ।" ଚ୍ଚ' ପିଇବା ଆରମ୍ଭ କଲେ । ନମିତା ଭିତରକୁ ଚାଲିଗଲା । ଶ୍ୟାମସୁନ୍ଦର ବାବୁ ପଚାରିଲେ, "ମୋକଦ୍ଦମା ଫେର କ'ଣ ହେଲା ?"

ଚନ୍ଦ୍ର ବାବୁ କହିବାକୁ ଆରମ୍ଭ କଲେ, "ମୋକଦ୍ଦମା ତାରିଖ ଦିନ ଆସି ପହଞ୍ଚିଲା, ସାକ୍ଷୀମାନଙ୍କୁ ଜେରା କରିବା ଆରମ୍ଭ କଲି । ସେମାନଙ୍କୁ ଏପରି ଭାବରେ ଶିଖା ଯାଇଥାଏ ଯେ ଜେରାରେ ବିଶେଷ କିଛି ତଫାତ୍ ହେଲା ନାହିଁ । ମୁଦେଇକୁ ପଛରେ ଜେରା କରିବା ପାଇଁ ରଖିଥାଏ । କାରଣ ଅନ୍ୟ ସାକ୍ଷୀମାନେ ଅତିରଞ୍ଜିତ କରି ଅନେକ କଥା କହିଥାନ୍ତି, ଏବଂ ମୋର ଉଦ୍ଦେଶ୍ୟ ଥିଲା ମୁଦେଇ ମୁହଁରୁ ଜେରାରେ ମୂଳଦା ଅର୍ଥାତ୍ କାମଦେବ ସହିତ ଘର ଘନିଷ୍ଠତା ଆଦି ପ୍ରକାଶ କରାଇ

Digitized by srujanika@gmail.com

ପାରିଲେ ଅନ୍ତତଃ ଅପରାଧର ମାତ୍ରା ଗୁରୁତର ଜଣାପଡ଼ିବ ନାହିଁ । ଅନ୍ୟ ସାକ୍ଷୀମାନେ ମୁଁ ଯେତେ ପ୍ରକାରେ ପଚାରିଲେ ମଧ୍ୟ କହିଲେ ଯେ କାମଦେବ ଆସି ତାକୁ ବହୁତ ଟଣା ଓଟରା କଲା । ବାଁ ହାତକୁ ଟାଣି-ଦେଲା, ଡାହାଣ ହାତକୁ ଟାଣିଦେଲା, ଜୁଲିଆନା ବୁଲି ପଡ଼ିଲା, ତଳେ ପଡ଼ିଗଲା ଇତ୍ୟାଦି ଇତ୍ୟାଦି । ତା'ପରେ ଜୁଲିଆନାକୁ ଜେରା କରିବା ପାଳି ଆସିଲା । ତା'ଠାରୁ ସ୍କୁଲରେ ଏକ ସାଙ୍ଗରେ ପଢ଼ିବା; ଖୋଲାଖୋଲି ମିଶିବା, ଏକାଠି କାମ କରିବା ଇତ୍ୟାଦି ଅନେକ କଥା ପଚାରି ଉଭୟଙ୍କ ମଧ୍ୟରେ ମିଳାମିଶା କେପରି ଥିଲା ତା ଉଲ୍ଲେଖ କରାଇ ନେଲି । କିନ୍ତୁ ସେଥିକରେ ବିଶେଷ କିଛି ଲାଭ ହେବାର ନୁହେଁ । କ'ଣ କରିବି— ଚିନ୍ତା କରିବାକୁ ଲାଗିଲି । ହଠାତ୍ ମୋ ମନରେ ଆସିଲା; ଗାଁ ମାଇପି ଲୋକେ ସାଧାରଣତଃ ଗାଧୁଆ ତୁଠକୁ ସାଙ୍ଗରେ ତେଲ, ହଳଦୀ, ଗରା, ମାଠିଆ ଆଦି ସାଙ୍ଗରେ ନେଇଥାନ୍ତି । ଜୁଲିଆନା ହୁଏତ ସେପରି କିଛି ନେଇଥିବ । ତେଣୁ ଆଉ ବିଳମ୍ବ ନ କରି ଜୁଲିଆନାକୁ ପଚାରିଲି, "ଆଚ୍ଛା ତୁମେ ଗାଧୁଆ ଘାଟକୁ ଯିମିତି ଖାଲି ଖାଲି ଯାଇଥିଲ ନା ସାଙ୍ଗରେ ମାଠିଆ ଫାଠିଆ କିଛି ପାଣି ଆଣିବା ପାଇଁ ନେଇଥିଲ ।"

ଜୁଲିଆନା ଉତ୍ତର ଦେଲା, "ମୁଁ ଗୋଟାଏ ଟିଣ ସାଙ୍ଗରେ ନେଇଥିଲି ପାଣି ଆଣିବା ପାଇଁ ।"

ମୁଁ ପଚାରିଲି, "କାହିଁକି ପାଣି ଆଣ ।"

ଜୁଲିଆନା କହିଲା, "ଗାଧୋଇ ଆସିଲା ପରେ ଆମେ ଗଛତଳେ ବସି ପଖାଳ ଖାଉଁ ଏବଂ ଖାଇସାରିବା ପରେ ଆଁ ଗୁଡ଼ି ।"(ମୁହଁ ଧୋଇବା)

ମୋ ପ୍ରଶ୍ନର ଭଙ୍ଗୀ ବଦଳାଇ କହିଲି, "ତା'ହେଲେ ତୁମେ ସେଦିନ ଗାଧୋଇସାରି ଟିଣରେ ପାଣି ଭର୍ତ୍ତିକଲ ଏବଂ ମୁଣ୍ଡରେ ବୋହି ତୁମମାନଙ୍କର ଖାଇବା ରହିବା ଯାଗା ଗଛ ତଳକୁ ଆସିଲ ।"

ଜୁଲିଆନା ଉତ୍ତର ଦେଲା—'ହଁ' ।

ଏତିକିବେଳେ କୋର୍ଟ ଇନ୍‌ସପେକ୍ଟର ଅତର୍କିତ ହୋଇ ନାନା-ପ୍ରକାର ଆପତ୍ତି କରିବାକୁ ଲାଗିଲେ । ମୁଁ ତାର ପ୍ରତିବାଦ କରି କହିଲି

Digitized by srujanika@gmail.com

କୋର୍ଟ ଇନ୍‌ସପେକ୍ଟରର ଅବାନ୍ତର କଥା ସବୁ ଉତ୍ଥାପନ କରି ସାକ୍ଷୀଙ୍କୁ ଇଶାରା ଦେବାକୁ ଚେଷ୍ଟା କରୁଛନ୍ତି। ତେଣୁ ତାଙ୍କୁ ଚୁପ୍ କରାଯାଉ। ଅଦାଲତ ମଧ୍ୟ ଏ କଥା ମାନିଲେ ଏବଂ କୋର୍ଟ ଇନସ୍‌ପେକ୍ଟରଙ୍କୁ ଚୁପ୍ ରହିବା ପାଇଁ କଡ଼ା ନିର୍ଦ୍ଦେଶ ଦେଲେ। ମୁଁ ଜୁଲିଆନାକୁ ପଚାରିବା ଆରମ୍ଭ କଲି, "ତୁମେ ଯେଉଁ ଟିଣ ନେଇଥିଲ ସେଇଟା ଘର ବୋହିବାରେ ବ୍ୟବହାର ହୁଏ ?"

ଜୁଲିଆନା କହିଲା, "ହଁ।"

"ତେଣୁ ତା ମୁହଁ ପୂରା ଖୋଲାଥିଲା, ଆଉ ମଝିରେ କେବଳ ଖଣ୍ଡିଏ କାଠ ଥାଇ କଣ୍ଢା ପିଠା ହୋଇଥିଲା।"

"ହଁ।"

"ତୁମେ ପାଣି ଟିଣଟି ମୁଣ୍ଡ ଉପରେ ରଖିସାରିବା ପରେ କାମଦେବ ତୁମ ପାଖକୁ ଆସିଲା।"

"ହଁ।"

ତୁମେ ଯେ କହୁଛ କାମଦେବ ତୁମ ହାତକୁ ଧରି ଟଣାଟଣି କଲା ସେଇଟା—ତା'ପରେ—ମାନେ ତୁମେ ପାଣି ଟିଣଟି ବୋହିଥାଅ ଆଉ ସେ ଟଣାଟଣି କଲା।"

"ହଁ।"

"ତୁମେ ଯେଉଁ ପାଣି ଟିଣଟି ବୋହିଥିଲ ସେଇ ଟିଣ ପାଣି ପୂରା ଥାଇ ତୁମ ଯାଗାକୁ ଫେରିଲା ?"

"ହଁ।"

"ତୁମେ ଯେ ତୁମ ସାକ୍ଷ୍ୟରେ କହୁଛ, କାମଦେବ ତୁମ ଦୁଇହାତ ଟଣାଟଣି କଲା ଏ କଥା ଠିକ୍ ନୁହେଁ—ସେ ଖାଲି ସାଙ୍ଗରେ ଆସ ଯିବା-ବୋଲି କହିଲା।"

Digitized by srujanika@gmail.com

"ସେଇପ୍ସା କହିଲା ଏବଂ ଟଣାଟଣି ମଧ୍ୟ କଲା ।" ତା'ପରେ ମୁଁ କେତେକ ପ୍ରଶ୍ନ ପଚାରି ବାର୍ଣ୍ଣିବାସ ତାଙ୍କ ସାଙ୍ଗରେ ଆସୁଥିବା, କୋର୍ଟ ଇନ୍‌ସପେକ୍ଟରଙ୍କ ପାଖକୁ ନେଇ ଯାଉଥିବା ତଥା ଇତ୍ୟାଦି ପ୍ରଶ୍ନର ଉତ୍ତର ଆଦାୟ କରିନେଲି ଏବଂ ପରିଶେଷରେ ଅନେକ କଥା ମିଛରେ କହିବା-ପାଇଁ ଏବଂ ମୋକଦ୍ଦମା କରିବା ପାଇଁ ବାର୍ଣ୍ଣିବାସ ପ୍ରବର୍ତ୍ତାଇ ଥିବା କଥା ପଚାରିଲି । ଜୁଲିଆନା କ୍ଷୀଣ ସ୍ୱରରେ ତାହା ଅସ୍ୱୀକାର କଲା; କିନ୍ତୁ ତା ଉତ୍ତରରେ ପ୍ରାଣ ନ ଥିବା ସୁସ୍ପଷ୍ଟ ହୋଇ ଯାଇଥିଲା ।"

ବହସରେ ମୁଁ ମୋଟାମୋଟି ଭାବରେ ସବୁକଥା ଅଦାଲତ ଆଗରେ ଥୋଇ ମିଛରେ ମୋକଦ୍ଦମା ହୋଇଛି ବୋଲି ସାବ୍ୟସ୍ତ କଲି । ଯେପରି ଭାବରେ ହାତ ଟଣାଟଣି କରିବା କଥା କୁହାଯାଇଛି, ପାଣି ଟିଣଟି ପୂରା ଥାଇ ଫେରିବା ତାହା ସମ୍ପୂର୍ଣ୍ଣ ଅପ୍ରମାଣିତ କରୁଛି ବୋଲି ଯୁକ୍ତି କଲି । ଅଦାଲତ ମଧ୍ୟ ଏ ଯୁକ୍ତି ଗ୍ରହଣ କରି କାମଦେବକୁ ଖଲାସ୍ କଲେ ।

ଶ୍ୟାମସୁନ୍ଦର ବାବୁ ପଚାରିଲେ, "ଆଚ୍ଛା, ତା ପରେ ପୁଣି କ'ଣ ହେଲା ?"

ନମିତା ଏତିକିବେଳେ ପଶି ଆସିଲା । ଦୁହେଁ ଚୁପ୍ ହୋଇ ବସିଥାନ୍ତି । ନମିତା ଖାଲି ଚା' କପ୍ ପିଆଲା ସବୁ ଟ୍ରେରେ ଥୋଇ ଚାଲି-ଯିବାକୁ ଉଦ୍ୟତ ହେଉଥାଏ । ଶ୍ୟାମସୁନ୍ଦର ବାବୁ କହିଲେ, "ନମିତା, କାହାଣୀ ସରିନାହିଁ, ଏଣେ ଚା' ପେଟ ଭିତରେ ଏକଦମ୍ ଥଣ୍ଡା ହୋଇ-ଗଲାଣି । ଆଉ ଥରେ ଯଦି ନେଇ ଆସନ୍ତୁ···ଆଉ କିଛି କହିବା ପୂର୍ବରୁ ନମିତା କହିଲା, "ଖାଲି ଚା' ଗୁଡ଼ିକ ପିଉଥିବେ ?"

"'ଚା' ସାଙ୍ଗରେ ଯଦି ଆଉ କିଛି ଆଣିବ, ଭଲ କଥା । ତୁମପାଇଁ ଭଲ ବରଟିଏ ଖୋଜିବା...। "

"ସେମିତି କହିଲେ ଆଦୌ ଆଣିବ ନାହିଁ ।"

"ଆରେ, ନା, ନା, ଭୁଲ ହୋଇଗଲା । ସେଇଟା କହିବା କଥା ନୁହେଁ । ଆଚ୍ଛା, ହଉ, ମୁଁ ସେ କଥା ଉଠାଇ ନେଲି । ଏବେ ଆଣିବ ତ ।"

Digitized by srujanika@gmail.com

ନମିତା କିଛି କହିଲା ନାହିଁ । କେବଳ ଶ୍ୟାମସୁନ୍ଦର ବାବୁଙ୍କୁ ଦେଖି ମୁଣ୍ଡଟି ହଲାଇଦେଇ ଗୃହ ସାଉ ସାଉ କହିଲା, "ହଉ ।"

ଶ୍ୟାମସୁନ୍ଦର ବାବୁ ଶଙ୍କରଙ୍କୁ ପୁଣି ପଚାରିଲେ, "କଅଣ ହେଲା ଫେର୍ ?"

ଶଙ୍କର କହିବାକୁ ଆରମ୍ଭ କଲେ "ଗାଁରେ ବୁଝିଲି ମୋକଦ୍ଦମାରେ ଖଲାସ ହୋଇଯିବା ପରେ କାମଦେବ ଜୁଲିଆନାକୁ ପାଇବା ସକାଶେ ଆହୁରି ଉତ୍କଣ୍ଠିତ ହୋଇପଡ଼ିଲା । ଜୁଲିଆନାର ବାପକୁ ମଧ୍ୟ ବହୁତ ଅନୁନୟ ବିନୟ କରି କହିଲା ପ୍ରସ୍ତାବରେ ରାଜି ହେବାପାଇଁ । ଲୁଚି ଚୋରିରେ ଅନେକ ଥର ଜୁଲିଆନା ସହିତ ମଧ୍ୟ ସାକ୍ଷାତ୍ କରି ତାକୁ ବରାବର ଅନୁରୋଧ କରୁଥାଏ ବିବାହ ସକାଶେ । ଜୁଲିଆନା ତାକୁ ଦିନେ କହିଲା ଯେ, ପାଦ୍ରୀ ବୋଧହୁଏ ତା ବାପାକୁ ମନା କରିଛି ଏ ପ୍ରସ୍ତାବରେ ରାଜି ହେବାପାଇଁ । କାରଣ କାମଦେବ ଖ୍ରୀଷ୍ଟିୟାନ ନୁହେଁ । କାମଦେବ କହିଲା ସେଥିପାଇଁ ଯଦି କଥା ଅଟକିଛି, ତା' ହେଲେ ସେ ଖ୍ରୀଷ୍ଟିୟାନ ହୋଇ ଯିବାକୁ ରାଜି ଅଛି । ଏ କଥା ସେ ଜୁଲିଆନାର ବାପାକୁ ମଧ୍ୟ କହିଲା । କିନ୍ତୁ ଜୁଲିଆନାର ବାପ ବିଚାରି କରି ପାଦ୍ରୀକୁ ପଚାରି କିଛି କହିବା ପୂର୍ବରୁ ବାର୍ଣ୍ଣାବାସ୍ ପୁଣି ଏଥିରେ ବାଧା ସୃଷ୍ଟି କଲା । ସେ ଆସି ଜୁଲିଆନାର ବାପାକୁ ପ୍ରଭାବିତ କଲା । ଜୁଲିଆନାର ବାହା ତା ସହିତ କରିବା ପାଇଁ ଜୁଲିଆନା ପାଇଁ, ତା ବାପା ମା ପାଇଁ ଧୋତି, ଶାଢ଼ୀ ଆଉ ବାସନା ତେଲ ଆଦି ଅନେକ ଜିନିଷ ମଧ୍ୟ ଥରକୁ ଥର ଦେଇ ଆସେ । ହେଲେ ଜୁଲିଆନାର ତା ପ୍ରତି କୌଣସି ଅନୁରାଗ ଉପୁଜିବାର ସେ ଅନୁଭବ କରି ପାରିଲା ନାହିଁ । କ'ଣ କରିବ ସେ କିଛି ଠିକ୍ କରି ପାରୁ ନ ଥାଏ । ଗାଁରେ ମଧ୍ୟ ଏ ପ୍ରସଙ୍ଗରେ ନାନା ପ୍ରକାର ଟୀକା ଟିପ୍ପଣୀ ଚାଲିଥାଏ । ମୋକଦ୍ଦମାରେ ବାର୍ଣ୍ଣାବାସ ଯେଉଁ ପ୍ରକାର ନୀଚ କାମ କରିଥିଲା—ଗାଁ ଲୋକେ ସେଥିରେ ତା ପ୍ରତି କଟୁ ହୋଇ ପଡ଼ିଥିଲେ । ସବୁକଥା ବିଚାରକୁ ନେଇ ବାର୍ଣ୍ଣାବାସ ମନେ ମନେ ଭାବିଲା ଜୁଲିଆନା ଗାଁରେ ଥିବା ପର୍ଯ୍ୟନ୍ତ ବୋଧହୁଏ ତାକୁ ପାଇବା ସହଜ ହେବ ନାହିଁ ।

ଗାଁରୁ ବହୁତ ଦୂର, ପ୍ରାୟ ସତୁରି ମାଇଲ୍ ହେବ । ଚନ୍ଦ୍ରପୁର ଚୂନପଥର ଖାଦାନ ଅଛି । ବାର୍ଣ୍ଣାବାସ୍ କୌଣସି ପ୍ରକାରେ ଜୁଲିଆନାର

Digitized by srujanika@gmail.com

ବାପାଙ୍କୁ ପ୍ରବୋଧିତ କରି ଜୁଲିଆନା ପାଇଁ ସେ ଖଦାନର ଡାକ୍ତରଖାନାରେ ଗୋଟିଏ ନର୍ସ କାମ ଯୋଗାଡ଼ କଲି । ସେ ନିଜେ ଖଦାନ ପାଖରେ ଥିବା ଏକ ମିଶନରି ସ୍କୁଲକୁ ନିଜର ବଦଳି କରାଇନେଲି । କଥା ହେଲା, ଜୁଲିଆନାକୁ ଗୋଟିଏ ଘର ମଧ୍ୟ ମିଳିବ । ସମସ୍ତ ପରିବାର ସେଇଠି ରହିବେ । କେବେ କେବେ ଦରକାର ହେଲେ ଜୁଲିଆନାର ବାପା ଗାଁକୁ ଆସି ଘରଦ୍ୱାର ଦେଖି ଯାଉଥିବ ।

ଜୁଲିଆନା ଓ ତା ପରିବାର ଖଦାନକୁ ଯିବା ପରେ ପ୍ରାୟ ଦୁଇମାସ ଚାଲିଗଲା । କାମଦେବ ଗାଁରେ ରହିଥାଏ । ତାକୁ କିଛି ଭଲ ଲାଗୁ ନ ଥାଏ । ଗୃହବାସ ପ୍ରତି ମଧ୍ୟ ମନ ଛୁଟି ଆସୁଥାଏ । ସେ ଆଉ ଅଧିକ ଦିନ ଗାଁରେ ରହି ପାରିଲା ନାହିଁ । ସେ ମଧ୍ୟ ଖଦାନକୁ ଚାଲିଗଲା ମଜୁରି କାମ କରିବା ପାଇଁ ।

ଅନେକ ଦିନ ବିତିଗଲା । ମୁଁ ଆଉ ସେମାନଙ୍କର କିଛି ଖବର ପାଇଲି ନାହିଁ । ତା' ପରେ ଦିନେ ସନ୍ଧ୍ୟା ସମୟେ ହଠାତ୍ କାମଦେବ ମୋ ପାଖରେ ଆସି ପହଞ୍ଚିଲା । ମୁଁ ତାକୁ ପଚାରିଲି, "କିରେ, କୋଉଠୁ ଆସିଲୁ । ହଠାତ୍ କିମିତି ?"

କାମଦେବ, କହିଲା "ଖଦାନରୁ ଆସିଲି ବାବୁ—ମୋ ହାତକୁ ଗୁଡ଼ିଏ କାଗଜ ଦେଇ କହିଲା, "ଫେର ମୋ ନାଁରେ ମୋକଦ୍ଦମା । କଥା କହିଲା ବେଳକୁ ଦେଖିଲି ତାର ଉପର ପାଟିର ଗୋଟିଏ ଦାନ୍ତ ଭାଙ୍ଗି ଯାଇଛି ।

ମୁଁ ତାକୁ ପଚାରିଲି, "କିରେ ତୋର କ'ଣ ଦାନ୍ତ ଭାଙ୍ଗିଗଲାଣି, ବୁଢା ହୋଇଗଲୁ କି ?"

"ନାହିଁ ବାବୁ, କାଗଜରେ ଦେଖ ।"

ମୋକଦ୍ଦମାର ରାୟ ପଢ଼ି ସବୁ କଥା ଜାଣି ପାରିଲି । ଜୁଲିଆନା ରହୁଥିବା କୋଠରୀକୁ ରାତିରେ ମନ୍ଦ ଅଭିପ୍ରାୟରେ ପଶିଥିବା ହେତୁ ତାକୁ ଲୁଚିଛପି ଅନଧିକାର ଗୃହପ୍ରବେଶ ଅଭିଯୋଗରେ ଦଣ୍ଡାଦେଶ ହୋଇଛି—

Digitized by srujanika@gmail.com

ତିନିମାସ ସଶ୍ରମ କାରାଦଣ୍ଡ । କାଗଜଗୁଡ଼ିକ ପଢ଼ି ପୁଣି ଦେଖିଲି ସେସନ୍ସ ଜଜ୍‌ଙ୍କ ପାଖରେ ଅପିଲ୍ ଦାଏର ହୋଇଯାଇଛି ଏବଂ ସେ ଜମାନତରେ ଅଛି । ମୁଁ ତାକୁ କହିଲି, "ଅପିଲ୍ ତ ଦାଏର୍ ହୋଇଯାଇଛି—ଆଉ କ'ଣ ?"

ସେ କହିଲା, "ନାଇଁ ବାବୁ, ଜମାନ୍‌ତ ଲଗି ଅପିଲ୍‌ଟା କୌଣସି ପ୍ରକାରେ ଦାଏର କରାଇଦେଲି—ଆପଣ ବହସ୍ ନ କଲ୍‌ଲେ ମୁଇଁ ମରିଯିବ ।" ତାକୁ ଆଶ୍ୱାସନା ଦେବାପାଇଁ କହିଲି, "ଆଚ୍ଛା, ହଉ, ଦେଖିବା ।" କାଗଜପତ୍ର ପଢ଼ି ଦେଖିଲି, ସେ ମୋଟେ ସଫେଇ ସାକ୍ଷୀ ଦେଇନାହିଁ । ତା ନିଜର ଷ୍ଟେଟ୍‌ମେଣ୍ଟରେ (ବକ୍ତବ୍ୟରେ) କହିଛି, "ମୁଇଁ ଜୁଲିଆନାର କୋଠରି ତ ଦୂରର କଥା ତାଙ୍କର ଘରକୁ ବି ଯାଇନାହିଁ—ମୁଇଁ ବାଟେ ବାଟେ ମୋର ଡେରାକୁ ଫେରୁଥିଲି । ମୋତେ ବାଟରୁ ଘର ପାଖକୁ ବାର୍ଣ୍ଣାବାସ୍ ଆଉ କେତେ ଲୋକ ମିଶି ଘିଚି ନେଇଗଲେ ଆଉ ପିଟିଲେ । ମୋର ଦାନ୍ତ ଭାଙ୍ଗି ଯାଇଛି ।" କିନ୍ତୁ ଏ ବିଷୟରେ ଆଉ କୌଣସି ସାକ୍ଷ୍ୟ ଦିଆଯାଇ ନାହିଁ । ତାକୁ ପଚାରିଲି, "ତୋତେ ପିଟିବା ବିଷୟରେ ପୋଲିସ୍‌ରେ ରିପୋର୍ଟ କରିଥିଲୁ ?"

ସେ କହିଲା, "ହଁ, କରିଥିଲି । ପୋଲିସ୍ କେଶ୍ ଚଳିବ ନାହିଁ ବୋଲି କହିଲା, ଆଉ ଖଣ୍ଡେ କାଗଜ ଦେଇଥିଲା । "ସେଟା କେଉଁଠି ହଜିଗଲା ।"

ଅପିଲ୍ ମୋକଦ୍ଦମାଟି ବଡ଼ କଷ୍ଟ ମନେହେଲା । ତେବେ ତା ମନ ଖରାପ ହୋଇଯିବ ବୋଲି କିଛି କହିଲି ନାହିଁ । ତାକୁ ଶୋଇବାକୁ ଯିବା ପାଇଁ କହିଲି ଏବଂ ସାକ୍ଷୀ ଇଜାହାର ସବୁ ପଢ଼ିବାକୁ ଲାଗିଲି । ଦେଖିଲି ମୁଦେଇର ସାକ୍ଷୀମାନଙ୍କୁ ଜେରା ମଧ୍ୟ କରାଯାଇ ନାହିଁ । ଜୁଲିଆନାର ଏବଂ ବାର୍ଣ୍ଣାବାସ୍ ଦୁଇଜଣ ମାତ୍ର ମୁଦେଇର ସାକ୍ଷୀ ଏବଂ ଜୁଲିଆନାର ବାପ ନିଜେ ମୁଦେଇ । ଜୁଲିଆନା ସାକ୍ଷ୍ୟ ଦେଇଛି ଯେ ହଠାତ୍ 'ମାର, ମାର, ଶବ୍ଦ ଏବଂ ପିଟାପିଟି ଶୁଣି ସେ ଖଟରୁ ଉଠି ପଡ଼ିଲା ଏବଂ ଘର ବାହାରକୁ ଆସି ଦେଖିଲା ଯେ କାମଦେବକୁ ତା ବାପା ଆଉ ବାର୍ଣ୍ଣାବାସ୍ ଦୁଆର ମୁହଁ ପାଖରେ ଧରିଛନ୍ତି । ତାକୁ ତା ବାପା

Digitized by srujanika@gmail.com

ଗାଳିଦେବାରୁ ସେ ଘର ଭିତରକୁ ଫେରି ଆସିଲା । ବାର୍ଣ୍ଣାବାସ୍ ଏବଂ ଜୁଲିଆନାର ବାପ କହୁଛନ୍ତି ଯେ କାମଦେବ ଘରେ ପଶି ଜୁଲିଆନାର କୋଠରୀ ଭିତରକୁ ଯାଉଥିଲା, ହଠାତ୍ ସେମାନଙ୍କୁ ଦେଖି ଦଉଡ଼ି ପଳାଉଥିବାବେଳେ ସେମାନେ ତାକୁ ଦାଣ୍ଡଦୁଆରେ ପାଖରେ ଧରିଲେ ।

ପୋଲିସ୍ ମୋକଦ୍ଦମା । ବହୁକଥା ସଜାଇ କୁହାଯାଇଥାଏ । ତେବେ ମୋଟାମୋଟି ଭାବରେ ଦେଖିଲି ଯେ କାମଦେବକୁ ଧରିବାଟା ଘର ବାହାରେ ବାଟ ପାଖରେ ଏହା ସୁସ୍ପଷ୍ଟ ଏବଂ ଜୁଲିଆନା ତାକୁ ଘର-ଭିତରେ ଦେଖି ନାହିଁ—ଏହା ମଧ୍ୟ ସ୍ପଷ୍ଟ । ମୋଟ ଉପରେ ଘର ଭିତରକୁ ପ୍ରବେଶରେ ଆଇନ୍‌ସଙ୍ଗତ ସାକ୍ଷୀ ପ୍ରମାଣ ନାହିଁ । ତେଣୁ ଯେଉଁ ଦଫାରେ ଅଭିଯୋଗ ହୋଇଥିଲା ତାହା ଅସଙ୍ଗତ ।

ସୌଭାଗ୍ୟକୁ ଅପିଲ୍ ଅଦାଲତ୍ ଏ ଯୁକ୍ତି ଗ୍ରହଣ କଲେ ଏବଂ କାମଦେବ ଖଲାସ ହୋଇଗଲା । ତାର ଆନନ୍ଦ ଆଉ କହିଲେ ନ ସରେ । ସେ ଯେ ମୋ ପ୍ରତି କେତେ କୃତଜ୍ଞତା ପ୍ରକାଶ କଲା, ତା'ର ଆଉ ସୀମା ନ ଥାଏ । ମୁଁ ତାକୁ କହିଲି, "ଯା ଏବେ ଗାଁକୁ ଫେରି ଯା । ଆଉ ଖଦାନ୍‌କୁ ଯିବୁ ନାହିଁ ।"

କାମଦେବ କହିଲା, "ଖଦାନକୁ ଗଲେ ବି ମୋତେ ଏମାନେ ଜୀବନରେ ମାରିଦେବେ । କ'ଣ କରିବି କିଛି ଠିକ୍ କରି ପାରୁ ନାହିଁ ।

ମୁଁ ତାକୁ ଟିକିଏ ଧମକେଇ କହିଲି "ଯା, ଗାଁକୁ ଫେରି ଯା । ନ ହେଲେ ମୋ ପାଖକୁ ଆସିବୁ ନାହିଁ ।" କାମଦେବ ଫେରିଗଲା । ପୁଣି ପ୍ରାୟ ଦୁଇ ଅଢ଼େଇ ମାସ ପରେ ଦିନେ ସନ୍ଧ୍ୟାରେ ଆସି ହାଜର । ତାକୁ ପଚାରିଲି, "ଫେର୍ ଆସିଲୁ ଯେ—କଥା କ'ଣ ?"

କାମଦେବ କହିଲା, 'ନାଇଁ, ମୁଇଁ ଆଉ ଗାଁରେ ରହି ପାରିଲି ନାହିଁ ।'

"କ'ଣ ହେଲା ?"

"ମୁଇଁ ଆଜ ତମୋର ମନ ଖୋଲିକରି କଥା କହିବି ।"

"କହ ।"

Digitized by srujanika@gmail.com

"ମତେ ଅଟିକଲେ ଖଲାସ କରିଦେଲ । ଜେଲ୍ ଯାଇଥିଲେ ସେଠି ରହିଥାନ୍ତି । ଜୁଲିଆନା ବେଗର୍ ମୁଇଁ ଆଉ ରହି ନ ପାରିବାର । ବାବୁ, ଦୟା କରି ମୋତେ ଜୁଲିଆନାକେ ମିଳାଇ ଦିଅ ।"

"କେମିତି, ମୁ କେମିତି ମିଳାଇ ଦେବି । ଜୁଲିଆନା ସିନା ଆସିବାକୁ ଚାହିଁଲେ ହେବ ।"

"ଜୁଲିଆନା ଆସିବାକୁ ଚାହିଁବ ବାବୁ—ଆସିବ । ଟିକିଏ ବୁଦ୍ଧି ବତେଇ ଦିଅ—କେମିତି କରି ଏକାଠି ରହି ପାରିମୁଁ । କେହି ଆମକୁ ହଇରାଣ କରି ନ ପାରିବେ । ଆଉ ଯଦି ଜୁଲିଆନାକେ ନ ମିଳାଇଦେବ ମତେ ଜେଲ୍‌କେ ପଠାଇ ଦିଅ—ସେଇଠେ ମରୁଥିବି—ନାଇଁ ତ ଯାଉଛେ ଝାଡ଼୍ ଜଙ୍ଗଲ ଭିତରେ ବାଘ ଭାଲୁ ହାବଡ଼େ ପଡ଼ିକରି ମରିଯିବି ।"

ମୁଁ ବୁଝିପାରିଲି—ତାକୁ ହତାଶ କରି କିଛି କହିବା ଅତ୍ୟନ୍ତ ଯନ୍ତ୍ରଣାଦାୟକ ହେବ । ଯଦି ସମ୍ଭବ ତାକୁ କୌଣସି ପ୍ରକାର ସାହାଯ୍ୟ କରିବା ପାଇଁ ମୋର କୌଣସି ଆପତ୍ତି ମଧ୍ୟ ନ ଥିଲା । ମୁଁ ତାକୁ କହିଲି "ଦେଖ, ଜୁଲିଆନାଠାରୁ ମୁଁ ନ ଶୁଣିବା ପର୍ଯ୍ୟନ୍ତ କିଛି କରି ପାରିବି ନାହିଁ । ଆଉ ସେ ଏଠିକି ଆସିବ କେମିତି ?"

କାମଦେବ ସାଙ୍ଗେ ସାଙ୍ଗେ କହିଲା, "ମୁଇଁ ଯାଉଛି ବାବୁ କୌଣସି ପ୍ରକାରେ ହେଲେ ଜୁଲିଆନାକୁ ସାଙ୍ଗରେ ଆଣି ଏଠିକି ଆସିବି । ଆସିଲାପରେ ଆମକୁ ରକ୍ଷା କରିବ—ବୁଦ୍ଧି ବତାଇ ଦେବ । ନ ହେଲେ ଆମର ଜାନ୍ ମାରିଦେବେ ।"

ମୁଁ ଆଉ ନାହିଁ କରିବାର କୌଣସି ବାଟ ନ ଥିଲା । ତଥାପି ତାକୁ ଥରେ କହି ଦେଖିଲି, "କାମଦେବ, ଆଉ କାହାକୁ ବାହା ହୋଇଗଲେ ହେବ ନାହିଁ - ଦେଖ, ଜୁଲିଆନାକୁ ବାହା ହେଲେ ଦୁଇଟା ପରିବାର ସାଙ୍ଗରେ ଦୁଷ୍ମନି ହୋଇଯିବ—କେତେ କ'ଣ ବି ଘଟିଯାଇ ପାରେ ।"

Digitized by srujanika@gmail.com

କାମଦେବ ଆଉ ଶୁଣିବା ଅବସ୍ଥାରେ ନ ଥିଲା । ସେ କହିଲା, "ନାଇଁ ବାବୁ, ଜୁଲିଆନା ବିନା ମୁଇଁ ରହି ନ ପାରେ—ଯାଉଛି ।" ଏହା କହି ଚାଲିଗଲା ।

ସେମାନେ ଆସିଲେ ମୁଁ କ'ଣ କରିବି ମନେ ମନେ ଭାବିବାକୁ ଲାଗିଲି । ଗାଁରେ ତ ରହିପାରିବେ ନାହିଁ । ଖଦାନ ପାଖରେ ବି ରହିପାରିବେ ନାହିଁ । କ'ଣ କରାଯିବ ଭାବିବାକୁ ଲାଗିଲି ।

ଦିନକ ପରେ ଦ୍ୱିପ୍ରହର ସମୟରେ କାମଦେବ ଏବଂ ଜୁଲିଆନା ଆସି ପହଞ୍ଚିଲେ । ଏଇ ଅଫିସ କୋଠରୀ ଭିତରେ ତିନିହେଁ ବସିଲୁ । ମୁଁ ଜୁଲିଆନାକୁ ପଚାରିଲି, "ତୁମେ କାମଦେବକୁ ବାହା ହେବାକୁ ଚାହୁଁଛ ? ତୁମ ବାପା ଚାହୁଁ ନାହାନ୍ତି—ବାର୍ଣ୍ଣାବାସ୍ ବି ତୁମକୁ ହରଣ କରିବ—କ'ଣ ଭାବୁଛ ?"

ଜୁଲିଆନା କହିଲା, "ମୁଇଁ ତ ଚାହୁଁଛି—ଲେକିନ୍ ଆମକୁ ତ ବାର୍ଣ୍ଣାବାସ୍ ରହିଦେବ ନାହିଁ—ଭାରି ବଦମାସ୍ ଲୋକ—ଜାନ୍‌କୁ ମଧ ଖତରା । କିଛି ବୁଦ୍ଧି ବତାଇ ଦିଅ ବାବୁ—ମୁଇଁ ଉଧ୍‌ଲିଆ ପଳାଇ ଯିବାକୁ ବି ରାଜି ଅଛି ।"

କାମଦେବ କହିଲା, "ବାବୁ ଶୁନ୍‌ଲ ତ । ଏବେ କିଛି ବୁଦ୍ଧି ବତାଅ । ଜୁଲିଆନାର ବାପା, ବାର୍ଣ୍ଣାବାସ ଏମାନେ ଆସିଗଲେ ନାନାପ୍ରକାର ବାଧା ଦେବେ ।"

ଉଭୟଙ୍କର ଦୃଢ଼ ସଙ୍କଳ୍ପ ବିଷୟରେ ମୋର ଆଉ କିଛି ସନ୍ଦେହ ରହିଲା ନାହିଁ । ମୁଁ ସେମାନଙ୍କୁ କହିଲି, "ଦେଖ, ତୁମେ ଦୁହେଁ ଏଇଠି କିମ୍ବା ଆଖ୍ ପାଖରେ ନିରାପଦରେ କି ସୁଖରେ ରହିପାରିବ ନାହିଁ । ତୁମେ ବହୁତ ଦୂରକୁ ଚାଲିଯାଅ । ବାହାରେ ବର୍ଷେ ଦୁଇବର୍ଷ ରହି ପରେ ଫେରି ଆସିବ ।"

ଉଭୟେ ଉତ୍କଣ୍ଠାର ସହିତ କହିଲେ, "ହଇବାବୁ, କେନ୍‌ସି ଜାଗାଟେ ବତାଇ ଦିଅ—ଆମେ ପଳାଇ ଯିବୁ ।"

Digitized by srujanika@gmail.com

ମୁଁ ସେମାନଙ୍କୁ କହିଲି, "ଦେଖ, ମଧ୍ୟପ୍ରଦେଶରେ ଖଙ୍ଗାକର୍ ବୋଲି ଗୋଟିଏ ଜାଗା ଅଛି—ସେଠି ମୋର ଜଣେ ବନ୍ଧୁ ଗୋଟିଏ ଖାଦାନ୍‌ର ମାଲିକ । ମୁଁ ତାଙ୍କର ପାଖକୁ ଖଣ୍ଡେ ଚିଠି ଲେଖି ଦେଉଛି—ଚିଠି ସାଙ୍ଗରେ ନେଇ ସେଠିକି ଯିବ—ସେ ତୁମ ଦୁଇଜଣଙ୍କୁ କାମରେ ରଖିଦେବେ—ସେଇଠି ରହିଯିବ ।"

ସେମାନେ ହଁ କଲେ । ମୁଁ ତା'ପରେ ଚିଠିଟି ଲେଖିଲି । ସେମାନଙ୍କ ହାତରେ ଦେଲି । କହିଲି, "ସେଠିକି ପହଞ୍ଚି ମୋ ପାଖକୁ ସାଙ୍ଗେ ସାଙ୍ଗେ ଚିଠି ଲେଖିବ । ସାତଦିନ ଭିତରେ ମୁଁ ଯେପରି ଖବର ପାଇ ପାରିବ ।"

ସେମାନେ ରାଜି ହେଲେ ଏବଂ ଯିବାପାଇଁ ଉଠିଲେ । ସମୟ ପ୍ରାୟ ୫ଟା ହୋଇଥାଏ । ବସ୍ ଯିବାକୁ ଆଉ ପ୍ରାୟ ଅଧଘଣ୍ଟା । ଷ୍ଟେସନକୁ ବାଟ ପ୍ରାୟ ୧୫ ମାଇଲ, ମୁଁ ଆମର ପୂଝାରୀକୁ ଡାକି କହିଲି, "ଯାଅ ଏମାନଙ୍କ ସାଙ୍ଗରେ, ବସ୍‌ରେ ଚଢାଇ ଦେଇ ଆସିବ ।"

କାମଦେବ, ଜୁଲିଆନା ବିଦାୟ ନେଇଗଲେ । ପୂଝାରୀ ସାତଟା ପର୍ଯ୍ୟନ୍ତ ଫେରିଲା ନାହିଁ । ମୁଁ କଣ ହେଲା ବୋଲି ଆଶଙ୍କା କରି ବସ୍ ଷ୍ଟାଣ୍ଡ ପାଖକୁ ବୁଲିବାକୁ ଗଲି । ପୂଝାରୀ ସାଇକେଲରେ ଫେରୁଥାଏ । ଗାଡ଼ି ଠିଆ କରିବା ପାଇଁ ହାତ ଟେକିଲା । ମୁଁ ବ୍ରେକ୍ ଦେଇ ଗାଡ଼ି ଠିଆ କଲି । ସେ ସାଇକେଲରୁ ଓହ୍ଲାଇ ପାଖକୁ ଆସିଲା ଏବଂ କହିଲା, "ବାବୁ ସେମାନେ ବସ୍‌ରେ ଚାଲିଯିବାର ପ୍ରାୟ ଅଧଘଣ୍ଟା ପରେ ବାର୍ଣ୍ଣୀବାସ୍, ଜୁଲିଆନାର ବାପ ବସ୍‌ରେ ଆସି ପହଞ୍ଚିଲେ । ସେମାନେ ତ ମୋତେ ଚିହ୍ନିଛନ୍ତି । ସିଧା ମୋ ପାଖକୁ ଆସି କାମଦେବ ଜୁଲିଆନା ଆସିଛନ୍ତି କି ବୋଲି ପଚାରିଲେ । ମୁଁ କହିଲି, ଆସିଥିଲେ, ପ୍ରାୟ ଘଣ୍ଟାଏ ହେବ ବ୍ରଜରାଜନଗର ବସ୍‌ରେ ଚାଲି ଗଲେ । ସେମାନେ ପଚାରିଲେ "କେଉଁଠିକି ଗଲେ ।" ମୁ କହିଲି, ସେ କଥା ମୁଁ ଜାଣେ ନାହିଁ । ତା ପରେ ବାର୍ଣ୍ଣୀବାସ୍ ହଠାତ୍ ରାଗିଯାଇ କହିଲା, 'ଆଚ୍ଛା, ମୁଁ ବୁଝିଲି ତୋର ବାବୁ ସେମାନଙ୍କେ ଘଉଡାଇ ଦେଇଛେ । ତୋର ବାବୁକେ କହିଦେବୁ ମୁଁଇ ସାଙ୍ଗରେ ଆଉ ଭି ଲୋକ ନେଇକରି ଯାଉଛେ । ଜୁଲିଆନାକୁ ଜରୁର୍

Digitized by srujanika@gmail.com

ଛଡ଼ାଇ ଆଣିବ । ଯଦି ନ ଆସେ ଦୁଇ ଜଣକୁ ଖତମ କରିଦେବ ଆଉ ତାର ବାଦ୍ ତୋର ବାବୁକେ ଦେଖିବ ।

ମୁଁ ତାକୁ କାହିଁକି ଭଡ଼ ଭଡ଼ ହେଉଛୁ ବୋଲି ଦୁଇପଦ ଶୁଣାଇ ଦେଇ ଆସୁଛେ । ସେମାନେ ବସ୍‌ଷ୍ଟାଣ୍ଡରେ ଏ ପର୍ଯ୍ୟନ୍ତ ଅଛନ୍ତି । ଆପଣ କାହିଁକି ଭୁଛାଠାରେ ଯିବେ ।"

ମୁଁ ତାଠୁ ଏ କଥା ଶୁଣି, 'ଆଚ୍ଛା ହେଉ' କହି ଫେରିଆସିଲି । ଘରେ ପହଞ୍ଚି ତାକୁ ପଚାରିଲି, "ଆଚ୍ଛା ବ୍ରଜରାଜନଗରକୁ ଆଉ ବସ୍ ଅଛି କି ?" ସେ କହିଲା, "ଆଉ ନାହିଁ, କାଲି ସକାଳ ଦଶଟାରେ ଅଛି ।" ମୁଁ ଟିକିଏ ଆଶ୍ୱସ୍ତ ହେଲି । ରେଲୱେ ଟାଇମଟେବୁଲ ଖୋଜି ଦେଖିଲି ବ୍ରଜରାଜନଗରରୁ ଗାଡ଼ି ରାତି ଆଠଟାରେ ଛାଡ଼ିବଏ—ଆଉ ଟିକିଏ ଆଶ୍ୱସ୍ତ ହେଲି । ସେମାନେ ପହଞ୍ଚି ନିଶ୍ଚୟ ରେଲ୍‌ଗାଡ଼ିରେ ଚାଲି ଯାଇଥିବେ । ତା ପରେ ପରଦିନ ସକାଳେ ଖବର ପାଇଲି, ବାଣ୍ଠିବାସ୍ ଆଉ ଦୁଇଟି ଲୋକଙ୍କୁ ସାଙ୍ଗରେ ନେଇ ଦଶବଜେ ବ୍ରଜରାଜନଗର ବସରେ ଗଲା ।

କିଛି ସମୟ ପରେ ଜୁଲିଆନାର ବାପ ଆସି ମୋ ପାଖରେ ପହଞ୍ଚିଲା । ସେ ବଡ଼ କାତର ଭାବରେ କହିଲା, "ବାବୁ, ମୋର ଜୁଲିଆନାକୁ ବଞ୍ଚାଅ । ସେ କାମଦେବକୁ ବାହାହେଉ ପଛେ ମୁଁ ରାଜି ଅଛି । ବାଣ୍ଠିବାସ ମୋର ଜୁଲିଆନାକୁ ମାରି ପକାଇବ—କାମଦେବକୁ ମାରି ପକାଇବ । ସାଙ୍ଗରେ ଦୁଇଟା ଗୁଣ୍ଡା ନେଇଛି । ଜୁଲିଆନାକୁ ନେଇକରି ଆସିବ—ନ ହେଲେ ସେମାନଙ୍କୁ ମାରିକରି ଆସିବ ବୋଲି କହୁଛି ।

ମୁଁ ତାକୁ ଟିକିଏ ଉତ୍ତେଜିତ ସ୍ୱରରେ କହିଲି, "ସେମାନେ କେଉଁଠିକି ଗଲେ ମୁଁ ଜାଣି ନାହିଁ । ତୁମେ ଯାଅ ଖବର ନିଅ । କିଛି ହେଲେ ମୋତେ ଜଣାଇବ । ଏବେ ମୁଁ କିଛି ଜାଣିନାହିଁ ।" ସେ ଚାଲିଗଲା । ତାର ଆଉ କିଛି ଖବର ନାହିଁ ।

Digitized by srujanika@gmail.com

ଆଜକୁ ପ୍ରାୟ ଦୁଇମାସ ହୋଇଗଲା ଜୁଲିଆନା ଙ୍କ ବାଣ୍ଟାବାସ କାହାର କଛି ଖବର ମିଳୁନାହିଁ । ଦଶ ବାରଦିନ ପରେ କଛୁ ଖବର ନ ମିଳବାରୁ ଗୃହଂସ୍ତକର୍‌ର ମୋର ବନ୍ଧୁଙ୍କ ପାଖକୁ ଚଠି ଲେଖିଥିଲି । ସେ ଉତ୍ତର ପଠାଇଛନ୍ତ ଯେ ମୋର ଚଠି ନେଇ କେହ ତାଙ୍କୁ ଦେଖା କରନାହାନ୍ତ । କାହାର କଛୁ ଖବର ନାହିଁ—ମୁଁ ଖାଲି ବସି ଭାବୁଛୁ— ସେମାନେ ଏବେ କେଉଁଠି ?

Digitized by srujanika@gmail.com

ଆ ଆ ଫେରଆ,
ଆଉ
ପିଟିବ ନାହିଁ

ରାମବାବୁ ଗୋଟିଏ ଗୋଟିଏ ପାଦ ପକାଇ ଆସୁଛନ୍ତି । ଆଖି ଆଗରେ ଧୂସରାଭ ଦୀର୍ଘ ରାଜପଥ—ସହରର ଘରେ ପହଞ୍ଚିବାକୁ ଆଉ ପ୍ରାୟ ତିନିମାଇଲ । ବାଟ ଦେଖି ଦେଖି ଚାଲିଛନ୍ତି । ଅନ୍ତରର-ଚକ୍ଷୁର ସାମନାରେ ଜୀବନର ଭବିଷ୍ୟତ ଚଲାପଥ-ଦୈର୍ଘ୍ୟ, ସ୍ପଷ୍ଟ ଜଣା ନାହିଁ । ଗାଁକୁ ଯାଇଥିଲେ—ପାଞ୍ଚମାଇଲ ବାଟ, ହାତ ଟେକିଲେ—ବସ୍ ଠିଆ କଲାନାହିଁ । ସେଥିରେ କଣ ରାମବାବୁ ହଟିଯାନ୍ତେ, କାହାରି ଉପରେ ନିର୍ଭର କରି ହଟିଯିବା, ବସିପଡ଼ିବା ଲୋକ ରାମବାବୁ ନୁହଁନ୍ତି । ସେ ଚାଲିଚାଲି ଆସୁଛନ୍ତି ପ୍ରାୟ ଦୁଇ ମାଇଲ ଆସିଲେଣି, ଆଉ ତିନି ମାଇଲ ବାକି, ସହର ଉପକଣ୍ଠର ଗାଁଟି ଭିତରେ ପଶିବାକୁ ବାଟ ପ୍ରାୟ ଆଉ ଅଧମାଇଲ ।

ଦେଖିଲେ ପଶ୍ଚିମ ଆକାଶରେ ସୂର୍ଯ୍ୟ ବିଦାୟ ନେଉଛନ୍ତି । କି କରୁଣ ଏ ଦୃଶ୍ୟ । ପ୍ରବଳ ପରାକ୍ରମୀ ସୂର୍ଯ୍ୟ ଦିବସର କର୍ମ ସମାପନ କରି ବିଦାୟ ନେଉଛନ୍ତି । ତାଙ୍କର ବିଦାୟ ବ୍ୟାପକ ଭାବରେ ସୃଷ୍ଟି କରୁଛି ଆକାଶ ବକ୍ଷରେ ଏକ କରୁଣ ରାଗ । ପରାକ୍ରମ ଯେବେ କରୁଣା ପ୍ରକାଶ କରେ, କି ସ୍ୱର୍ଗୀୟ ସେ ପ୍ରକାଶ—ମନେହେଉଛି ସମସ୍ତ ଗଗନ ଯେପରି ଶୋକସନ୍ତପ୍ତ ହୋଇ ବାଟ ବଳାଇ ଦେବାପାଇଁ ସୂର୍ଯ୍ୟଦେବଙ୍କ ଅନୁଗମନ କରୁଛି ।

Digitized by srujanika@gmail.com

ନଯୁତ୍ତର ବଧାନରେ ସମସ୍ତଙ୍କୁ ଏହିପରି ଜୀବନର ଶେଷରେ ବିଦାୟ ନେବାକୁ ପଡ଼େ, ସୂର୍ଯ୍ୟଙ୍କ କରୁଣ ରାଗ ରଞ୍ଜିତ ଆକାଶକୁ ଦେଖି ରାମବାବୁଙ୍କ ମନରେ ଭାବ ଜାତହେଲା ଜୀବନର ଶେଷ ଯଦି ଏଇ କରୁଣ ରାଗ-ରଞ୍ଜିତ ଆକାଶର ପରିବେଶରେ ସୂର୍ଯ୍ୟାସ୍ତ ପରି ହୋଇ ପାରନ୍ତା, ସେ କେଡ଼େ ଭାଗ୍ୟବାନ ନ ହୁଅନ୍ତେ ! ଜୀବନଦାୟକ କିରଣ ପ୍ରଦାନ କରି ଏ ଜଗତକୁ ପ୍ରାଣପୂର୍ଣ୍ଣ କରି, ସୂର୍ଯ୍ୟଦେବ ବିଦାୟ ନେଲାପରି ସେ ମଧ୍ୟ ଯଦି ଜଗତରେ ଜୀବନର ଶେଷ ମୁହୂର୍ତ୍ତ ବ୍ୟତୀତ କରିପାରନ୍ତେ, ଇହ ତଥା ପରଲୋକରେ ତାଙ୍କୁ କି ସ୍ୱର୍ଗୀୟ ଶାନ୍ତି ନ ମିଳନ୍ତା !

ରାମବାବୁ ଜୀବନଯାକ ଜଗତର ହିତପାଇଁ ଚିନ୍ତାକରି ଆସିଛନ୍ତି । ଅବକାଶ ପାଇଲେ ଜଗତର ହିତ ସାଧନ ପାଇଁ କର୍ମରେ ମଧ୍ୟ ବ୍ରତୀ ହୋଇଛନ୍ତି । ତଥାପି ଥରେ ଥରେ ମନରେ ଭାବନା ଆସୁଛି—ସେ ସବୁ କିଛି ନୁହେଁ—ସୂର୍ଯ୍ୟାସ୍ତର ଗୌରବ ଇପ୍‌ସା ଏକ ଅସମ୍ଭବ ଦୁରାକାଙ୍‌କ୍ଷା । ଜୀବନର ଚଲାପଥର ଅନ୍ତ କେବେ, କେଉଁଠି ତାଙ୍କୁ ଜଣାନାହିଁ । ମନ ଭିତରେ କେତେ ଭାବନା, କେତେ କଥା କେତେ ସ୍ମୃତି ଖେଳ, କୁଦ, ଦଉଡ଼ ଲଗାଇଛନ୍ତି—ଚଳଚିତ୍ର ପରି କିଏ ଦଣ୍ଡେ କିଏ କ୍ଷଣେ ରହି ଉଭେଇ ଯାଉଛନ୍ତି । କେତେବେଳେ ରାଜନୀତି ଚିନ୍ତା ତ କେତେବେଳେ ସାମାଜିକ, କେତେବେଳେ ବିଜ୍ଞାନ ଶିକ୍ଷା ତ ଆଉ କେତେବେଳେ ଆଧ୍ୟାତ୍ମିକ । ମଝିରେ ମଝିରେ ପଶିଆସୁଛି ଠେଲ ପେଲ ହୋଇ ଅତି କ୍ଷୁଦ୍ର କଥାମାନ ମଧ୍ୟ । ବିମଳବାବୁ ତାଙ୍କୁ ଜୀବନରେ କି ପ୍ରତାରଣା କରିନାହାନ୍ତି—ଶ୍ୟାମବାବୁ ଯାହା ଅପମାନିତ କରିଛନ୍ତି ତାହାକି ଭୁଲିବାର କଥା, ଇତ୍ୟାଦି । ଭାବନାର ଶେଷ ନାହିଁ ଚିନ୍ତାର ବିରାମ ନାହିଁ । ନାନାପ୍ରକାର ଉଚ୍ଚ, ନୀଚ ସାଦା ରଙ୍ଗୋଲି ଛିଟ ଭାବନାରାଶି ମଧ୍ୟରେ ଗଡ଼ିକରି ବୁଲିଥାଏ ରାମବାବୁଙ୍କ ମନ—ଆଉ ତା ସଙ୍ଗେ ସଙ୍ଗେ ପାଦ ବି, ସମୟ ମଧ୍ୟ, ଆଉ ଅନ୍ଧାର ଆସୁଥାଏ ଧୀରେ ଧୀରେ ସଞ୍ଚରି—।

ହଠାତ୍ ପଡ଼ିଲା ଦୃଷ୍ଟିରେ ବାସ୍ତବତାର ସ୍ମାରକ ସହର ଉପକଣ୍ଠ ଗାଁର ପହିଲ ମାଟିଘରଟି । ଅଜଣା ଲୋକକୁ ଦେଖିଲେ ଅପ୍ରସ୍ତୁତ ହେଲାପରି ମନ ଭିତରର ଜଟିଳ ଚିନ୍ତାଧାରା ସବୁ ଧିମେଇ ପଡ଼ିଲେ । କି

Digitized by srujanika@gmail.com

ଏକ ପ୍ରକାର ଖୃପ ଏବଂ ବୋଝର ଅନୁଭୂତ ସୃଷ୍ଟି ହେଲ । ଜନ୍ମକଷ୍ଟର ତାଡ଼ନା ଏବଂ ମୋହାଚ୍ଛନ୍ନତା ମଧ୍ୟରେ ଚନ୍ଦ୍ର ଆକାଶର ଏକ ପ୍ରାଙ୍ଗଣରେ ପ୍ରକାଶ ଉଦ୍ୟମ କରୁଛନ୍ତ ।

ହଠାତ୍ ବାଡ଼ର ଗୋଟିଏ ପାଖରୁ ରାମବାବୁ ଶୁଣିଲେ, "ଓରେ ବେଟି ଆ; ଗୋରୁ ପାଲେ । ବେଟିଆ, ଆ ବେଟି, ଆ ବେଟି, ଆଉର ନ ମାରବଁ ।" (ଆଲେ ଝିଅ ଆ, ଫେରଆ, ଗୋରୁ ପାଇଲୁଣି ଆ, ଆଉ ମାରବ ନାହିଁ ।) ମୁହଁ ଟେକ ଦେଖିଲେ—ଅଠ, ଦଶ ବର୍ଷର ଝିଏଟିଏ ଆଗରେ ଧାଉଁଛ୍ଛ କ୍ଷେତ ଭିତରେ ଖାଲ ଢିପ କଛୁ ମାନୁ ନାହିଁ, ମଝି ମଝିରେ ଅଟକ ଠିଆହେଉଛ୍ଛ ପୁଣି ଟିକଏ ଧାଇଁଯାଉଛ୍ଛ । ତା ମା ପାଖ ହେଲାଠୁ ଥରକୁଥର ଡକାପକାଇ ପଛେ ପଛେ ଯାଉଛ୍ଛ । କଥାଟା ଅନୁମାନ କର ବୁଝିବାରେ ଡେ଼ର ହେଲନାହିଁ ରାମବାବୁଙ୍କର । ଝିଅଟି ଗୋରୁ ଚରାଇବାପାଇଁ ନେଇଥିଲ, କେଉଁଠି ହଜାଇଦେଇ ଆସିଲ—ଘରେ ପହଞ୍ଚିଲାଠୁ ତା ମା ତାକୁ ପିଟିଲ—ଗାଳଦେଲ । ସେ ଆଉ ପିଟିବ ବୋଲ ଭୟରେ ଦଉଡ଼ ଦଉଡ଼ ପଳାଉଛ୍ଛ । ଯାଉଛ୍ଛ, କେଉଁଠାକୁ ଯାଉଛ୍ଛ କେଜାଣି, ଆହତ ପ୍ରାଣର ବା କ ଲକ୍ଷ୍ୟ । ଅଣ୍ଟାରେ ଅଳ୍ପ ଟିକଏ କନା ଗୁଡେଇ ହୋଇଛ୍ଛ, ତା ମଧ୍ୟ ସିମିତ—ଆଣ୍ଠୁ ଯାକେ ଓସାର କନାଖଣ୍ଡିଏ ଗୁଡ଼େଇ ହୋଇଛ୍ଛ । ଦେହର ଉପରଭାଗରୁ ଭାଗେ ବ ଢ଼ାଙ୍କି ହୋଇନାହିଁ । ମୁଣ୍ଡର ବାଳ ଫୁରୁ ଫୁରୁ ଉଡ଼ୁଛ୍ଛ—ଦାରିଦ୍ର୍ୟର ଏକ କରୁଣ ଦୃଷ୍ଟାନ୍ତ । ଦୁହିଁଙ୍କୁ ଦେଖି ରାମବାବୁଙ୍କ ମନରେ ଦୟାର ଉଦ୍ରେକ ହେଲ । ବରଂ ଓ କ୍ରୋଧ ଆସିଲ ମନରେ, କାହା ଉପରେ ସେ ଠିକ୍ ଜାଣି ପାରଲେ ନାହିଁ । କ, ନବୋଧ ଝିଅଟା ମା'ର ଏତେ କାତର ଡାକ, କଛୁ ଶୁଣୁ ନାହିଁ । ମା'ଟା ବ କ ମୂର୍ଖ । ଏତ୍ତକ ଟିକଏ ଝିଅଟାକୁ ବାଡ଼େଇବାକୁ କୁଣ୍ଠିତ ହେଲନାହିଁ । ଆଉ କ ମୂଲ୍ୟ ସେ ସମାଜର; ଯେଉଁଠି ଏ ପ୍ରକାର ମୂର୍ଖତା ଏବଂ ଦୈନ୍ୟର ବଞ୍ଚିଷିକା ପୂରରହିଛ୍ଛ ।

ରାମବାବୁ ପୁଣି ଶୁଣିଲେ ମାଆର ସେଇ ବକଳ ଡାକ । ଝିଅଟି ତଥାପି କଛୁ ଶୁଣୁ ନାହିଁ । ଜଙ୍ଗଲ ପାଖକୁ ପହଞ୍ଚିଗଲଣି । ଏଣେ ଅନ୍ଧାର ବ ଘନେଇ ଆସୁଛ୍ଛ । କାହାର ଗତିବଧି ବ ଠିକ୍ ଭାବରେ ଜଣା ପଡ଼ୁନାହିଁ । ରାମବାବୁଙ୍କ ମନେହେଲ ସେ ଦଉଡ଼ ଯିବେ ଝିଅଟିକୁ ଧରଆଣି, ତା ମା

Digitized by srujanika@gmail.com

କୋଳରେ ଦେଇଦେବେ । କିନ୍ତୁ କ୍ଷେତ ଭିତରେ ଦଉଡ଼ି ଝିଅଟିକୁ କଣ ସେ ଧରି ପାରିବେ । ସଡ଼କ ଉପରେ ବାଡ଼ିଧରି ସେ ଚାଲୁଛନ୍ତି । ଦଉଡ଼ିବାର ସମସ୍ତ ଯୁବାବସ୍ଥା ତାଙ୍କର କେବେଠୁ ଚାଲିଯାଇଛି—ଷାଠିଏ ବର୍ଷର ବୁଢ଼ା ସେ ବର୍ତ୍ତମାନ—ସେ କଣ କ୍ଷେତ ଉପରେ ଦଉଡ଼ି ଯାଇପାରିବେ । ଠିକ ଏତିକିବେଳେ ସେ ଦେଖିଲେ ସାର୍ଟ ଫୁଲପେଣ୍ଟ, ବୁଟ୍ ପିନ୍ଧା ତିନିଜଣ ପିଲା—କେଜାଣି ଛାତ୍ର ହୋଇଥାଇପାରନ୍ତି—ସମ୍ଭବତଃ ସାୟଂ ଭ୍ରମଣରେ ଆସୁଛନ୍ତି । ସେମାନେ ପାଖକୁ ଆସିବା ପରେ ରାମବାବୁ କହିଲେ "ଦେଖନ୍ତୁ ଝିଅଟି ମା'କୁ ଡରି ଦଉଡ଼ି ଦଉଡ଼ି ଚାଲିଯାଉଛି, ମାଆର ଡାକ ଶୁଣୁନାହିଁ—ଆପଣମାନେ ଟିକେ ଝିଅଟିକୁ ଧରି ଆଣି ମା ପାଖରେ ଦେଇ ପାରିବେ ନାହିଁ ?" ଜଣେ ସେଇଠୁ ରାମବାବୁଙ୍କୁ ପଚାରିଲେ, "କେତେ ବଡ଼ ଝିଅ ?" ରାମବାବୁ କହିଲେ ଆଠ ଦଶ ବର୍ଷର ହେବ । ସମସ୍ତେ ହସିଲେ । ସେମାନଙ୍କ ଭିତରୁ ଜଣେ କହିଲା ଆଠ ଦଶ ବର୍ଷର—ଷୋଳ ବର୍ଷର ନୁହେଁ—ଯା, ଆଉ ଜଣେ କହିଲା, 'ବୁଢ଼ା ବୟସରେ ବି ଝିଅପାଇଁ ଏତେ ଦରଦ' ! ସେମାନେ ହସି ହସି ଆଗେଇଗଲେ, ଗୋଟିଏ ଫିଲମ୍ ଗୀତ ଆରମ୍ଭକଲେ "ୟେ ସୁନ୍ଦରୀ, ୟେ ହାଓ୍ୱା...।" ଆଉ କଣ ରାମବାବୁ ଶୁଣି ପାରିଲେନାହିଁ । ସେ ଖାଲି ଅନାଇଥାନ୍ତି ତାଙ୍କ ପଛରେ, ତାଙ୍କ ମନରେ କି ଯେ କ୍ରୋଧ ଜାତ ହେଲା ସେ ବୁଝି ବି ପାରିଲେ ନାହିଁ । ନା ଯାହାବି ହେଉ, ସେ ସାହାଯ୍ୟ କରିବେ । କ୍ଷେତ ଭିତରକୁ ପଶିଗଲେ । ଖରମାସ ! ଶୁଖାଭୂଇଁ, ଚାଲିଲାବେଳକୁ ଝୁଣ୍ଟି ପଡ଼ୁଥାନ୍ତି । ତଥାପି ବାଡ଼ିଟି ଧରି ଚାଲିଥାନ୍ତି, ତାଙ୍କର ଉଦ୍ଦେଶ୍ୟ ଜଙ୍ଗଲ ପାଖକୁ ଯାଇ ଠିଆହେବେ ଯେପରି କି ଝିଅଟି ତା ଭିତରକୁ ଯିବାପାଇଁ ଚେଷ୍ଟା କରିବ ନାହିଁ ।

ଦୁଇ ଜଣ ତାକୁ ଧରିବାକୁ ଆସୁଛନ୍ତି ଦେଖି ଝିଅଟି ସକେଇ ସକେଇ କାନ୍ଦିବାକୁ ଲାଗିଲା । କେଉଁଠି ହିଡ଼ ତଳେ ବସିଯାଇ ଚୁପ୍ ରହିଲା କେହି ଦେଖି ପାରିଲେ ନାହିଁ । ରାମବାବୁ ପଚାରିଲେ, "କେଉଁଠି ଲୁଚିଛି ତୋର ଝିଅ ଦେଖିପାରୁଛୁ ?" କାନ୍ଦ ସ୍ୱରରେ ତା ମା କହିଲା, "ନାଇଁବାବୁ କେନେ ଲୁକି ଦେଇଛେ, ମୁଇଁତ ଦେଖି ନ ପାରୁଛେ । ଖୁଜିଦିଅ ବାବୁ ଦୟା ଧରମ ହେବା—ହରମ୍‌ଜାଦି ମୋତେ ସାଏଧ୍ କରି ଦେଲାନେ ।" ରାମବାବୁ ଆଶ୍ୱାସନା ଦେଇ କହିଲେ "ନାଇଁ କାନ୍ଦ—ଜରୁର୍ ମିଳିଯିବା ।

Digitized by srujanika@gmail.com

କ୍ଷେତ୍‌ ପାଏର୍‌ ତଳ ଗୁରା ଟିକେ ଦେଖ୍‌ତ ।" ଗୋଟିଏ ପାଖରୁ ରାମବାବୁ, ଆଉ ଗୋଟିଏ ପାଖରୁ ତାର ମା, ହାଡ ତଳ ସବୁ ଦେଖି ଦେଖି ଆସୁଛନ୍ତି । ମା କାନ୍ଦି କାନ୍ଦି କହୁଥାଏ, "ଆ ବେଟି ଆ, କାହିଁ ଲୁକେଲ ଆ, ତତେ ଆଉର୍‌ ବିଲ୍‌କୁଲ୍‌ ନ ପିଟବିଁ; ଗୋରୁ ସବ ଆଏଗେଲ୍‌କ, ଆ ।" ହେଲେ ଝିଅଟି କଣ ଶୁଣୁଛି । ମା ହାଡ଼ ଦେଖି ଦେଖି ଆସୁଛି । ଝିଅଟି ତାକୁ ଦେଖି ପାରୁ ନ ଥିଲା । ପାଖକୁ ଆସିବାର ଶବ୍ଦ ଶୁଣି ଦେଖିଲା ଏବଂ ପୁଣି ଦୌଡ଼ି ଚାଲିଯିବାକୁ ଉଦ୍ୟତ ହେଲା । ମା ତାକୁ ଡାକି ପକାଉଥାଏ, 'ଆ ବେଟିଆ' ତେଣେ ଝିଅଟି ଦଉଡ଼ି ଚାଲିଯିବାକୁ ଉଦ୍ୟତ ହେଲାବେଳକୁ ହଠାତ୍‌ ଏକ ଭାଲୁଆ ଗୋଟିଏ ବୁଦା ଉହାଡ଼ରୁ ବାହାରି ଝିଅର ପାଖ ଦେଇ ଦଉଡ଼ିଗଲା । ଝିଅଟି ତାକୁ ଦେଖି ଭୟରେ 'ଏ ମା' କହି, ମା କୋଳକୁ ଦଉଡ଼ିଗଲା । "ହରମଜାଦି ବେଟି ମକେ ସାଏଧ୍‌ କାଏର୍‌ ଦେଲକ" କହି ତା ମା ଝିଅକୁ ପିଟିବାକୁ ବସୁଥାଏ । ରାମବାବୁ ପାଟିକରି କହିଲେ, "ହାଁ ହାଁ ନ ପିଟ୍‌" । ଝିଅକୁ କୁଣ୍ଢେଇ ଧରି ମା କହିଲା 'ତତେ ନ ପିଟବିଁ, ବେଟି ଆଉର୍‌ ନ ପିଟିବ ଗୋରୁ ସବ ଆଏ ଗେଲ୍‌କ" । ଝିଅଟି ସକେଇ ସକେଇ କାନ୍ଦୁଥାଏ ।

ଆକାଶରେ ଚାନ୍ଦ ମେଘ ଉହାଡରେ ଲୁଚି ରହିଥିଲା । ଠିକ୍‌ ଏତିକିବେଳକୁ ବାହାରି ପଡ଼ିଲା । ଝିଅର ସକେଇବା ବନ୍ଦ ହୋଇଗଲା । ମନେହେଲା ଚନ୍ଦ୍ରକିରଣ ପାଇ କ୍ଷେତ, ହାଡ଼, ମା, ଝିଅ, ରାମବାବୁ ସମସ୍ତେ ହସିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ଏକ ପ୍ରକାର ବୋଝ ସେମାନଙ୍କୁ ଇମିତି ଚାପି ବସିଥିଲା ଯେ, ସେମାନେ ଭଲ ଭାବରେ ହସି ବି ପାରୁ ନ ଥାନ୍ତି ।

ରାମବାବୁ ମନେ ମନେ ଭାବୁଥାନ୍ତି, ଭୟ ମା ପାଖରୁ ଝିଅକୁ ଦୂରେଇ ନେଇ ଯାଉଥିଲା । ସେଇ ଭୟ ପୁଣି ତାକୁ ମା ପାଖକୁ ଟାଣି ଆଣିଲା । ଧନ୍ୟ ବିଧିର ବିଧାନ !

Digitized by srujanika@gmail.com

ଏକ୍-ଦୋ-ତିନ୍

"ଏକ୍-ଦୋ-ତିନ୍,
ଆଏ ଯବାମ୍ ଯାଏ ଯବାମ୍
ଗିଆ ଚଢ଼େୟା
ଉଡ୍ ଗୟା
ଏକ୍-ଦୋ-ତିନ୍
ହେ-ହେ-ହେ ।"

ଜଣକର ଦୁଃଖ ସମୟରେ ବି ଆଉ ଜଣେ ଏପରି ହସିପାରେ, ଶ୍ୟାମବାବୁଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ଯୁବା ଝିଅଟା ହଠାତ୍ ଗାଡ଼ିରୁ ଓହ୍ଲାଇ ଅନ୍ତର୍ଦ୍ଧାନ ହୋଇଗଲା । ମାମୁଁ, ମାଇଁ, ସାନ ସାନ ଛୁଆ ପିଲା ସମସ୍ତଙ୍କର ମମତା ଛିଣ୍ଡାଇଦେଇ ଏକାବେଳେ କାହା ସାଙ୍ଗରେ ଚାଲିଗଲା । ମାମୁଁ, ମାଇଁ ଦୁଃଖରେ ଅଭିଭୂତ ହୋଇ ପଡ଼ିଛନ୍ତି ଅଥଚ ପ୍ଲାଟଫାର୍ମରେ ଗଳିତ ପଳିତ ବୃଦ୍ଧର ଏପରି ଉଚ୍ଛୃଙ୍ଖଳ ହସ । ସେ ବୁଢ଼ାଟାକୁ ଉତ୍ତେଜିତ ହୋଇ କିଛି କହିବା ପାଇଁ ଉଦ୍ୟତ ହେଉଥିଲେ । କିନ୍ତୁ ତାଙ୍କ ପାଖରେ ବସିଥିବା ଜଣେ ଯାତ୍ରୀ ତାଙ୍କୁ ସମ୍ବୋଧନ କରି କହିଲେ "ଠିକଏ ରହନ୍ତୁ । ଏପରି ଉତ୍ତେଜିତ ହେବାରେ କିଛି ଲାଭନାହିଁ ।

Digitized by srujanika@gmail.com

ମୁଁ ଆପଣଙ୍କୁ ବିଷୟଟି ବୁଝାଇଦେଉଛି ।" ମାମୁଁ, ମାଇଁ, ଝୁଅପିଲା ଇତି ମଧ୍ୟରେ ସମସ୍ତେ ଓହ୍ଲାଇ ପଡ଼ିଛନ୍ତି ଟାଟାନଗର ପ୍ଲାଟଫର୍ମରେ । ବହୁତ ଲୋକ ସେମାନଙ୍କୁ ବେଢ଼ି ରହିଛନ୍ତି । ଶ୍ୟାମବାବୁ ହୁଏତ ଯାତ୍ରୀଙ୍କ କଥାପ୍ରତି ଭ୍ରୂକ୍ଷେପ କରି ନ ଥାନ୍ତେ । କିନ୍ତୁ ଠିକ୍ ଏହି ସମୟରେ ଟ୍ରେନ ଚାଲିବା ଆରମ୍ଭ ହୋଇଗଲା ଏବଂ ଆଉ ଗୋଟିଏ ବିଚିତ୍ର ଛିଣ୍ଡା ଚିରକୁଟ ପୋଷାକ ପିନ୍ଧା ବୁଢ଼ାଟିଏ ହାତରେ ଠେଙ୍ଗାଟିଏ ଧରି ଡବା ଭିତରକୁ ପଶି ଆସିଲା । ଶ୍ୟାମବାବୁ ତାଙ୍କ ସ୍ଥାନରେ ଆସି ବସିଲେ । ଗାଡ଼ି ଜୋରରେ ଚାଲିବା ଆରମ୍ଭ କରିଦେଇଛି । ଶ୍ୟାମବାବୁ ତାଙ୍କ ପାଖ ଯାତ୍ରୀଙ୍କୁ ବିଷୟଟି କଣ ବୁଝାଇଦେବା ପାଇଁ କହିବାକୁ ଯାଉଥିଲେ, ଠିକ୍ ଏତିକିବେଳେ ଠେଙ୍ଗାଧରା ବୁଢ଼ାଟା ପାଖକୁ ଆସି ଠେଙ୍ଗାଟି ଚଟାଣରେ ଠୁକୁ ଠୁକୁ ଠୁକୁ ପିଟି ଗାଇବାକୁ ଆରମ୍ଭ କଲା,—

"ମୁଁ ଯାଇଥିଲି ବାରିପଦା
ମିଠାଇ ପଡ଼ିଛି ଗଦା ଗଦା
ଗୋଟିଏ ମାଗିଲେ ଦିଓଟି ଦିଅନ୍ତି
ସେଇ ଲୋକ ସିନା ନାମଜାଦା ।"

ଗାଇସାରି ବୁଢ଼ା ହାତ ପତାଇଲା ମାଗିବା ପାଇଁ । ଶ୍ୟାମବାବୁ ଅଳପ ହସି ପକେଟରୁ ଅଣାଟିଏ ପଇସା ବାହାର କରି ତା ହାତରେ ଦେଲେ । ବୁଢ଼ା ସେଇ ଗୀତଟି ଗାଇ ଗାଇ ଅନ୍ୟାନ୍ୟ ଯାତ୍ରୀମାନଙ୍କଠାରୁ ପଇସା ମାଗି ଚାଲିଲା ।

ଶ୍ୟାମବାବୁଙ୍କ ମନର ଉତ୍ତେଜନା କିଛି କମିଗଲା । ଉତ୍ତେଜନା ଅବଶ୍ୟ କମିଗଲା—କିନ୍ତୁ ବିଷୟଟି ମନରୁ ପାଶୋରି ଗଲାନାହିଁ । କେଡ଼େ ସୁନ୍ଦର ଯୁବା ଝିଅଟିଏ କି ସୁନ୍ଦର ସ୍ମିତ ହାସ୍ୟ, ଲାସ୍ୟ, ଆଖି ଦିଓଟି କେତେ ତରଳ—ସେ ଯେ ତାର ସୌନ୍ଦର୍ଯ୍ୟ ଦେଖିବା ପାଇଁ ବିଗତ କେତେ ଘଣ୍ଟା ଧରି ଆଖି ବନ୍ଦକରି ପାରିନାହାନ୍ତି । ଏତେ ସୁନ୍ଦର ଝିଅଟିଏ—ତାକୁ ପଞ୍ଜାବୀ କମିଣ୍ଟ ଫୁସୁଲାଇ ଟାଟାନଗର ପ୍ଲାଟଫର୍ମରେ ଓହ୍ଲାଇ ହଠାତ୍ କୁଆଡ଼େ ନେଇଗଲା । ଏ ତ ବଡ଼ ଅନ୍ୟାୟ । ଗରିବ ଗୃହସ୍ଥମାନଙ୍କର ଝିଅବୋହୂଙ୍କୁ ଯଦି ଏପରି ଠକିନେବା ବୃତ୍ତି ଧରନ୍ତି ତା'ହେଲେ ତ

Digitized by srujanika@gmail.com

ଏମାନଙ୍କର ଅତ୍ୟାଚାରର ବଡ଼ ମୁସ୍କିଲ ହୋଇ ପଡ଼ବ । ତବା ଭିତରୁ ସୁନ୍ଦର ଝିଅଟିର ଅନୁପସ୍ଥିତି ତାଙ୍କୁ ବହୁତ ଖରାପ ଲାଗୁଥାଏ । ହେଲେ ଆଉ କଣ କରାଯିବ……। ସହଯାତ୍ରୀଙ୍କଠାରୁ ବୁଝିବା କଥା, ବୟସ୍କଟି କଣ । ସେ କିଛି ବୁଝିବାକୁ ଚାହୁଁଥିଲେ । ତେଣୁ ଶ୍ୟାମବାବୁ ସହଯାତ୍ରୀଙ୍କୁ ପଚାରିଲେ "ଆଚ୍ଛା, ଆପଣ ଘଟଣା ସମ୍ପର୍କରେ କିଛି କହିବାକୁ ଚାହୁଁଥିଲେ ନା ?"

"ହଁ, ସେ ଝିଅଟି ଯେଉଁ ଗାଆଁର ମୁଁ ବି ସେ ଗାଁରେ ଅନେକ ବର୍ଷଧରି ରହିଛି—ସେଇଠି ଶିକ୍ଷକତା କରୁଥିଲି । ଝିଅଟିର ବୟସ ଯେତେବେଳେ ପ୍ରାୟ ଆଠ ନଅ ବର୍ଷ ହୋଇଥିଲା, ସେତେବେଳେ ତାର ବାପ ମାଆ ମରିଗଲେ ।" ତା ପରେ…

ସେମାନଙ୍କର ପ୍ରାୟ ସାତ ଆଠ ଏକର ଜମିଥିଲା । ଏକମାତ୍ର ଝିଅ । ସେମାନଙ୍କର ମୃତ୍ୟୁ ପରେ ଗୃହବାସ ବୁଝିବା ପାଇଁ କେହି ରହିଲେ ନାହିଁ । ତେଣୁ ତାର ମାମୁ ମାଇଁ ଗାଁକୁ ଆସିଲେ ଏବଂ ଜମିକୁ କର ଲଗାଇ ଦେଇ କିଛିଦିନ ରହିବା ପରେ ତାକୁ ସାଙ୍ଗରେ ନେଇ ଚାଲିଗଲେ ।

"କେଉଁଠିକି ଗଲେ ? ଝିଅଟିର ନାଁ କଣ ?"

"ଝିଅର ନାଁ ହେଉଛି—ସୁଶୀଳା । ସେମାନେ ସମସ୍ତେ କଲିକତା ଚାଲିଆସିଲେ । କାରଣ ସୁଶୀଳାର ମାମୁଁ କଲିକତାର ଏକ ଲୁଗାମିଲ୍‌ରେ କାମ କରନ୍ତି । ସୁଶୀଳା ସେମାନଙ୍କ ସାଙ୍ଗରେ କଲିକତାରେ ରହିଲା ।"

"ଗାଁକୁ କେବେ ଆସିନାହିଁ ?"

"ନା, ମଝିରେ କେବଳ ତାର ମାମୁଁ କେବେ କେବେ ଆସି ଜମିର କର ଆଦାୟ ଏବଂ ପୁଣି ନୂଆ ବ୍ୟବସ୍ଥା କରି ଚାଲିଯାଏ ।"

"ସୁଶୀଳା ପରେ କେବେ ଆସିଲା ?"

"ପ୍ରାୟ ଚାରିବର୍ଷ ପରେ । ସେତେବେଳେ ତାକୁ ପ୍ରାୟ ୧୨/୧୩ ବର୍ଷ ହୋଇ ଯାଇଥିବ । ମୁଁ ସେତେବେଳକୁ ପ୍ରାୟ ଦୁଇ ମାଇଲ ଦୂର

Digitized by srujanika@gmail.com
Digitized by srujanika@gmail.com

ଆଉ ଏକ ଗାଁକୁ ବଦଳି ହୋଇ ଆସିଲି । ସେଇଠି ଶିକ୍ଷକତା କରୁଥାଏ । ଦିନେ ହଠାତ୍ ଏ ସେଉଁ ପଞ୍ଜାବୀ ଆଜି ସୁଶୀଳାକୁ ନେଇଗଲା ସେ ଏବଂ ସୁଶୀଳା ମୋ ବସା ଆଗରେ ପହଞ୍ଚିଲେ । ସେ ପଞ୍ଜାବୀ ଜଣେ ମଧ୍ୟମ ଧରଣର ଠିକାଦାର । ସୁଶୀଳାର ଗାଁରୁ ମେନ୍ ରୋଡ଼କୁ ପ୍ରାୟ ଦଶମାଇଲର ଗୋଟିଏ ରାସ୍ତା ଏବଂ ମଝିରେ ଏକ ପୋଲ ତିଆରିର ଠିକା କାମ ସେ ନେଇଥାଏ ଏବଂ ସେତେବେଳକୁ ତାର କାମ ଚାଲିଥାଏ । ସୁଶୀଳା କଲିକତାରୁ କେବେ ଫେରିଲା ମୁଁ ଜାଣି ନ ଥିଲି । ତାକୁ ଏବଂ ପଞ୍ଜାବୀ ଠିକାଦାରକୁ ଏକାଠି ଦେଖି ମୁଁ ଟିକିଏ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ପଞ୍ଜାବୀକୁ ସ୍କୁଲରେ ଆସିବାର କାରଣ ପଚାରିଲି । ସେ ମୋତେ ଓଡ଼ିଆରେ ଲେଖାହୋଇଥିବା ଖଣ୍ଡିଏ କାଗଜ ବଢ଼ାଇଦେଇ କହିଲା ଯେ, ସୁଶୀଳା ତାକୁ କାଗଜ ଖଣ୍ଡିକ ଦେଇ କାନ୍ଦି କାନ୍ଦି କଣ କହୁଛି ସେ ବୁଝିପାରୁନାହିଁ । ତେଣୁ ସୁଶୀଳାଠୁ ପଚାରି ବୁଝି ତାକୁ ବୁଝାଇଦିଅନ୍ତୁ । କାଗଜରେ ପୂର୍ବ ବାକି ଏବଂ ସାତ ଦିନର ମଜୁରି ଲେଖା ହୋଇଥାଏ କିନ୍ତୁ ମୋଟ କିଛି ଲେଖା ହୋଇ ନଥିଲା । ମିଶାଇ ଦେଖିଲି କୋଡ଼ିଏ ଟଙ୍କା ହେଉଛି । କିନ୍ତୁ ତା ତଳେ ଲେଖା ହୋଇଥାଏ, "ସନ୍ଧ୍ୟାରେ ଆସିଲେ ପଚିଶ ଟଙ୍କା ନେଇଯିବ ।" ମୁଁ କିଛି ଠିକ୍ ବୁଝିପାରିଲି ନାହିଁ । ସୁଶୀଳାକୁ ପଚାରିଲି "ଏ ଚିଠି ତୁମକୁ କିଏ ଦେଇଛି ? ତୁମେ କଣ ମଜୁରି କାମ କରୁଛ ?"

ସୁଶୀଳା କହିଲା, "ଠିକାଦାରର ଗୋଟିଏ ମୁନ୍‌ସି ଅଛି—କପିଳ । ବଡ଼ ବଦମାସ୍ । ହିସାବ କିତାବ ର ଗୋଳମାଳ କରେ ଆଉ ସିମିନ୍ତି ଅଭଦ୍ର, କଥା ଲେଖେ ।"

ମୁଁ ପୁଣି ପଚାରିଲି, "ତୁମେ ତ କଲିକତାରେ ବୋଧହୁଏ ମାମୁଁ ମାଇଁଙ୍କ ସହିତ ସୁଖରେ ଥିଲ । ସେଠୁ କେବେ ଫେରି ଆସିଲ ଏବଂ ଏଠି ଆସି ମଜୁରି କାହିଁକି କରୁଛ ?"

ସୁଶୀଳା କହିଲା, "କଲିକତା କଥା କହିଲେ ବହୁତ ସମୟ ଲାଗିବ । ଠିକାଦାରକୁ କହି ମୋର ମଜୁରି ଟଙ୍କା ଆଦାୟ କରି ଦିଅନ୍ତୁ । ଆଉ ସେଇ ମୁନ୍‌ସି ଯଦି ରହେ, ମୁଁ କାମ କରିବି ନାହିଁ ।" କହି ସାରି କାନ୍ଦି ପକାଇଲା ।

Digitized by srujanika@gmail.com

ଠିକାଦାର ଅନ୍ଦାଜ କରି ବୁଝିଲା ଯେ ସେ ମଜୁରି ଟଙ୍କା ପାଇ ନ ଥିବାରୁ କାନ୍ଦୁଛି । ତେଣୁ ପକେଟରୁ ପଚଶ ଟଙ୍କା ବାହାର କରି ମୋତେ ଦେଲା, ତାକୁ ଦେଇ ଦେବାକୁ । ମୁଁ ତାକୁ ଦେଇଦେଲି ।

ସୁଶୀଳା ଟଙ୍କା ହାତରେ ଧରି ସେମିତି କାନ୍ଦୁଥାଏ । କହିଲି "ଫେର୍ କାହିଁକି କାନ୍ଦୁଛ ? ଟଙ୍କା ତ ପାଇଲ ।"

ସୁଶୀଳା କହିଲା, "ସେ ମୁନ୍‌ସି ଥିଲେ ମୁଁ ଆଉ କାମ କରିବି ନାହିଁ ।"

ଠିକାଦାର ତା ମୁହଁକୁ ଏବଂ ମୋ ମୁହଁକୁ ଅନାଉଥାଏ । ମୁଁ ତାକୁ ସୁଶୀଳା କହିବା କଥା ବୁଝାଇଦେଲି । ଠିକାଦାର ଘଟଣାଟା କଣ ସୁଶୀଳାଠାରୁ ଭଲ ଭାବରେ ବୁଝି ତାକୁ ଠିକ୍‌ଏ ବୁଝାଇଦେବାକୁ କହିଲା । ସୁଶୀଳାକୁ ପଚାରିଲି, "ମୁନ୍‌ସି କଣ କଲା—ଠିକ୍‌ଏ ଘଟଣାଟା ଭଲ ଭାବରେ କହ—ଠିକାଦାର ଜାଣିବାକୁ ଚାହୁଁଛନ୍ତି ।"

ସୁଶୀଳା କହିଲା, "ମୋର କାମ କରିବାର ପ୍ରାୟ ଚାରି ପାଞ୍ଚ ସପ୍ତାହ ହୋଇଗଲାଣି । ପ୍ରତି ସପ୍ତାହ ଶେଷରେ ମଜୁରି ଦିଆହୁଏ । ମୁନ୍‌ସି ମୋତେ ଆରମ୍ଭରୁ ହଇରାଣ କରୁଛି । ମୋତେ ସବାଶେଷରେ ମଜୁରି ନେବାପାଇଁ ଡାକେ । ମଜୁରି ପୂରା ଦିଏ ନାହିଁ । ବାକି ରଖିଦିଏ, ଆଉ କାଲି ସନ୍ଧ୍ୟାରେ ଆସିବୁ ବୋଲି କହେ । ନାନାପ୍ରକାର ଇଙ୍ଗିତ କରେ । କାହିଁକି ସନ୍ଧ୍ୟା ପୂର୍ବରୁ ଆସିଲୁ—କାଲିକି ଆସିବୁ ବୋଲି ଫେରାଇ ଦିଏ । ବାକିଥିବା ମଜୁରି ମଧ୍ୟ ଠିକ୍‌ଭାବରେ ହିସାବ କରୁନାହିଁ । ସେଇ ମୁନ୍‌ସି ରହିଲେ ମୁଁ ଆଉ କାମକୁ ଆସିବି ନାହିଁ—ଭୋକରେ ପଛେ ଘରେ ମରୁଥିବି ।"

ଶ୍ୟାମବାବୁ କହିଲେ, "ଆଚ୍ଛା ବଜାତ୍ ମୁନ୍‌ସି । ତା ଠିକାଦାରକୁ ସବୁ ବୁଝାଇଦେଲେ ?

ସତ୍ୟଯାତ୍ରୀ କହିଲେ, "ହଁ, ସବୁ ବୁଝାଇଦେଲି । ଶୁଣିସାରି ଠିକାଦାର ବଡ଼ ଦୁଃଖିତ ହେଲା ଏବଂ କହିଲା ଯେ ସେ ମୁନ୍‌ସିକୁ ଆଉ

Digitized by srujanika@gmail.com

କଦାପି ରଖିବ ନାହିଁ । ବଦ୍‌ମାସଟା । କିଛିକ୍ଷଣ ଚୁପ୍ ରହି ମୋତେ କହିଲା ମୁନ୍‌ସିର ଘରେ ମଜୁରିଆମାନେ କୋଡ଼ି କାଙ୍କି ଆଦି ସାମାନ ରଖନ୍ତି—ସେ ସୁବିଧା ସକାଶେ ତାକୁ ମୁନ୍‌ସି ରଖାହୋଇଛି । ତା ଛଡ଼ା ସେ ବି କେବେ କେବେ ଆସିଲେ ସେଠି ବିଶ୍ରାମ ନିଏ—ଆବଶ୍ୟକ ହେଲେ ଦିନେ ଦୁଇଦିନ ରହି ବି ଯାଏ । ଘରଟିଏ ଆଉ କାହାର ଯଦି ମିଳନ୍ତା ତା'ହେଲେ ସେ ସାଙ୍ଗେ ସାଙ୍ଗେ ମୁନ୍‌ସିକୁ ବରଖାସ୍ତ କରିଦିଅନ୍ତା । ସୁଶୀଳା ଉଣା ଅଧିକେ କଥାଟା ବୁଝିପାରିଲା ଏବଂ ପଚାରିଲା "ଘରଟିଏ ମିଳୁଛି କି ?"

"ମୁଁ କହିଲି ହଁ । ତାହେଲେ ସାଙ୍ଗେ ସାଙ୍ଗେ ମୁନ୍‌ସିକୁ ବରଖାସ୍ତ କରିଦେବେ ।"

ସୁଶୀଳା କହିଲା, "ଆମର ଘରେ ତିନିଟା କୋଠରି ଅଛି । ମୁଁ ଆଉ ମୋର ଆଈବୁଢ଼ୀ ଦି ଜଣ ରହୁଛୁ । ଗୋଟିଏ କୋଠରିରେ ଆମର ଚଳିଯିବ । ବାକି ଦୁଇଟି କୋଠରି ଗୁଡ଼ିକରିଟି ଅଳ୍ପ ମରାମତି କରିଦେଲେ ସେ ନେଇପାରନ୍ତି । ଅବଶ୍ୟ ଆମ ଗାଁଟି ମୁନ୍‌ସିର ଗାଁଠାରୁ ପ୍ରାୟ ମାଇଲିଏ ଦୂର ।"

ଠିକାଦାରକୁ ଏ କଥା ବୁଝାଇଦେଲା ପରେ ସେ କହିଲା, "ସୁଶୀଳାକୁ ଠିକଏ ପଚାରନ୍ତୁ, ସେ ମଜୁରିଆମାନଙ୍କର ହାଜିର ରଖିପାରିବ କି ଏବଂ କୋଡ଼ି, କାଙ୍କି, ଘର ବନ୍ଦୋବସ୍ତ ଆଦି ଜିନିଷଗୁଡ଼ାକର ରଖାରଖି ଜମା ନେଇପାରିବ କି ?"

ସୁଶୀଳାକୁ ସେ କଥା ପଚାରିଲି । ସେ "ହଁ" ଭରିଲା । ଠିକାଦାରକୁ ସେ କଥା ଜଣାଇଦେଲି । ଠିକାଦାର ଆନନ୍ଦ ପ୍ରକାଶକରି କହିଲା ଯେ, ତା ହେଲେ ସବୁ ଠିକ୍ ହୋଇଗଲା । ସେ ଘର ଗୁଡ଼ିକ ମରାମତି କରିଦେବ । ଦୁଇଟି କୋଠରି ନେବ । ସୁଶୀଳା ହାଜିର ଆଦି ରଖିବ ଜିନିଷଗୁଡ଼ିକର ଜମାରଖିବ । ତାକୁ ମାସିକ ୩୦/୩୫ ଟଙ୍କା ଦରମା ମିଳିବ । ସେ ଆଉ ମାଟି ବୋହିବା ପାଇଁ ମଜୁରି ଖଟିବା ଦରକାର ନାହିଁ । ତାପରେ ମୋତେ ପଚାରିଲା, ପ୍ରତିସପ୍ତାହ ଶେଷରେ ମଜୁରି ମୁଁ ହିସାବକରି ବାଣ୍ଟିଦେଇ ପାରିବି କି । ମୁଁ ମଧ୍ୟ ସେଥିରେ ରାଜି ହୋଇଗଲି । ପରଦିନ

Digitized by srujanika@gmail.com

ଠିକ୍ ସେହିପରି ବ୍ୟବସ୍ଥା କରିଦେଇ ସେ ମୁନ୍‌ସିଙ୍କୁ ବରଖାସ୍ତ କରିଦେଲି ଏବଂ ତାର ଘର ଟାଟାନଗରକୁ ଚାଲିଗଲି ।

ବ୍ୟବସ୍ଥା ଅନୁସାରେ କାମ ଚାଲିଥାଏ । ପ୍ରାୟ ଦୁଇମାସ ସେପରି କଟିଗଲା । ତାପରେ କଲିକତାରୁ ସୁଶୀଳା ପାଖକୁ ଗୋଟିଏ ଚିଠି ଆସିଲା ତା ମାମୁଁ ପାଖରୁ । ସେଥିରେ ଲେଖା ହୋଇଥିଲା, ସୁଶୀଳା କଲିକତା ଯିବା ଆବଶ୍ୟକ । ମଜୁମଦାରବାବୁ ତା କାମରେ ଭାରି ଖୁସି । ତାକୁ ବେଶି ଦରମା ଦେବେ । ପୁଣି ବାହାଘର ପାଇଁ ମଧ୍ୟ ବ୍ୟବସ୍ଥା କରିବେ । ଏକ ସପ୍ତାହ ମଧ୍ୟରେ ତା ମାମୁଁ ଆସି ତାକୁ ନେଇଯିବ ବୋଲି ଲେଖାଥିଲା ।

ସୁଶୀଳା ଚିଠିଟା ପଢ଼ିସାରି କହିଲା "ସେ ଯିବ ନାହିଁ ।" ମୁଁ ତାକୁ କହିଲି "ମାମୁଁ, ମାଇଁଙ୍କ ସାଙ୍ଗରେ କଲିକତାରେ ରହିବ—କେତେ ସୁଖରେ ରହିବ ? ଯିବ ନାହିଁ କାହିଁକି ।" ସୁଶୀଳା କହିଲା "ମଜୁମଦାରର ପିଲାମାନେ ବଡ଼ ଖରାପ । ତା ସାଙ୍ଗପିଲାମାନେ ମଧ୍ୟ ବହୁତ ଆସନ୍ତି । ସେମାନେ ଭାରି ଉତ୍ପାତ, ବଡ଼ ହଇରାଣ କରନ୍ତି । ବହୁତ କାମ କରାନ୍ତି । ସେ ଆଉ କଲିକତା ଯିବନାହିଁ । ସେଥି ଚିଠିଲେଖି ପଠାଇଦେଲା । ସେଥିରେ ଲେଖିଲା ଯେ, ସେ ଗାଁରେ ତା ଆଈ ସାଙ୍ଗରେ ରହୁଛି । ଏଠି ବେଶ୍ ସୁଖରେ ଅଛି । କଲିକତା ତାକୁ ଭଲ ଲାଗେନାହିଁ । ତେଣୁ ସେ ଆସିବ ନାହିଁ ।"

ତାପରେ ପୁଣି କେତେ ମାସ କଟିଗଲା । ଠିକାଦାର କେବେ କେବେ କାମ ଦେଖିବା ପାଇଁ ଗାଁକୁ ଆସେ । ଆସିଲେ ସେଇଠି ସୁଶୀଳା ଘରର ଗୋଟିଏ କୋଠରୀରେ ରହେ । ସୁଶୀଳା ତା ପାଇଁ ରୋଷାଇ କରିଦିଏ । ମୋତେ ଡାକ ପଠାଏ, କାମ ହାଜରୀ ବହିଦେଖେ । ହିସାବ କିତାବ ଦେଖେ । ଟଙ୍କା ପଇସା ଦେଇଯାଏ । ମୋତେ ମଧ୍ୟ ମାସକୁ ପଚଶ ଟଙ୍କା କରି ଦିଏ । ଠିକାଦାର କେବେ କେବେ ଆସି ରହୁଥିବାରୁ ସୁଶୀଳା ଘରଦ୍ୱାର ବରାବର ସଫାସୁତରା କରି ରଖିଥାଏ । ଠିକାଦାର ତାକୁ ମାସିକ ଦରମା ବାହାରେ ଶାଢ଼ୀ, ବ୍ଲାଉଜ୍ କପଡ଼ା ମଧ୍ୟ ଯୋଡ଼ାଏ ଦି ଯୋଡ଼ା ଆନ ଆଣି ଦେଇଥିଲା । ଆସିଲାବେଳକୁ ଅଟା, ଚିନି ଘିଅ

Digitized by srujanika@gmail.com

ଆଦ୍ ମଧ ବହୁ ଜନଷ ନେଇଆସେ । ସୁଶୀଳା ସବୁ ଠିକ୍ ହେପାଜତକର ରଖିଥାଏ । ଠିକାଦାରର ଯେପରି କିଛି କଷ୍ଟ ନ ହେବ ସେଥିପାଇଁ ଯତ୍ନ ନଏ । ଇମିତି ପ୍ରାୟ ଦୁଇମାସ କେତେ ବିତଗଲ୍ ପରେ ଦନେ ପୁଣି ତା ମାମୁଁ ପାଖରୁ ଚିଠି ଆସିଲ୍ । ସେଥିରେ ଲେଖାଥିଲ୍, ସୁଶୀଳା ନ ଆସିବାରୁ ମଜୁମଦାର ବାବୁ ତା ଉପରେ ଭାରି ଖପା । ସେ ଯିମିତି ହେଲେ ଆସିବାକୁ ପଡ଼ିବ—ନଚେତ୍ ତା ଚାକିରିରେ ବାଧା ଆସିପାରେ ।

ସୁଶୀଳା ପୁଣି ଚିଠି ଲେଖିଦେଲ୍ କଲିକତା ଆସିବ ନାହିଁ ବୋଲି । ଇତିମଧ୍ୟରେ ଠିକାଦାର ଆଉ କେତେଗୁଡ଼ାଏ ଘର ତିଆରି କାମ ପାଇଲ୍ ଗାଁ ପାଖରେ । ତେଣୁ ତାକୁ ବହୁବାର ଗାଁକୁ ଅସିବାକୁ ପଡ଼ିଲ୍ । ଅନେକ ଦିନ ରାତିରେ ମଧ୍ୟ ରହିଯିବାକୁ ପଡ଼େ । ଗାଁ ଲୋକଙ୍କ ସାଙ୍ଗରେ ସେ ବେଶ୍ ମିଳିମିଶି ରହିଜାଣେ । ଗାଁ ଲୋକଙ୍କ ସାଙ୍ଗରେ ଦରଖଣ୍ଡିଆ କଥା ବି କହିବା ପାଇଁ ଶିଖିଗଲ୍ । ତାର ବ୍ୟବହାରରେ ଗାଁ ଲୋକେ ପ୍ରାୟ ସମସ୍ତେ ଖୁସି । ସୁଶୀଳା ମଧ୍ୟ ଏକପ୍ରକାର ଆକୃଷ୍ଟ ହୋଇଯାଇଥାଏ । ସେ ତାର କେତେ ଉପକାର କରିଛି । ତାକୁ ବାହାରେ ଯାଇ ଖଟିରେ କେତେ କାମ କରିବାକୁ ପଡ଼ୁଥିଲ୍ । ଏବେ ଘରେ ତାକୁ କାମ ପୂରିଯାଉଛି । ଖାଇବା ପିଇବାର ଅସୁବିଧା କିଛି ନାହିଁ । ଠିକାଦାର କେବଳ ତା ପାଇଁ ଶାଢ଼ୀପାଢ଼ୀ ଆଣିଦିଏ ତା ନୁହେଁ; ତା ଆଈବୁଢ଼ୀ ପାଇଁ ମଧ୍ୟ ଆଣିଦିଏ । କଲିକତା ଯିବା ପାଇଁ ଚିଠି ଆସିଲେ, ତା ଆଈବୁଢ଼ୀ ନିଜେ କହେ, "ମୁଁ କଣ ଏଠି ଏକୁଟିଆ ମରିବି । ଚିଠି ଲେଖିଦେ କଲିକତା ଆସିବି ନାହିଁ ବୋଲି ।"

ସବୁ ଦିନ କିନ୍ତୁ ସମାନ ଯାଏନାହିଁ । ପୂର୍ବ ମୁନ୍‌ସି ସୁବିଧା ଖୋଜୁଥାଏ ଦାଉ ସାଧିବା ପାଇଁ । ସେ କୌଣସି ପ୍ରକାରେ ସୁଶୀଳାର ମାମୁଁର ଠିକଣା ପାଇଗଲ୍ । ତା ପାଖକୁ ସୁଶୀଳାର ଚାଲିଚଳଣ ସମ୍ପର୍କରେ ଅତିରଞ୍ଜିତ କରି ଏକ ଚିଠି ଲେଖିଲ୍ । ତାର ଫଳ ହେଲ୍ ଏଇଯେ ଯେ, ହଠାତ୍ ଦିନେ ସୁଶୀଳାର ମାମୁଁ ଆସି ପହଞ୍ଚିଲ୍ ଗାଁରେ ତାକୁ କଲିକତା ନେଇଯିବା ପାଇଁ । ସେ ଦିନ ଠିକାଦାର ଗାଁରେ ନ ଥାଏ । ସୁଶୀଳା ମୋ ପାଖକୁ ଖବର ପଠାଇଲ୍ । ମୁଁ ଆସି ପହଞ୍ଚିଲ୍‌ବେଳକୁ ଦେଖିଲି ସୁଶୀଳା କାନ୍ଦୁଛି । ତାର ମାମୁଁ ବୋଧହୁଏ ମୁନ୍‌ସିର ଚିଠି କଥା ନେଇ ତାକୁ ଗାଳି

Digitized by srujanika@gmail.com

ଫଜର କରୁଥିଲେ । ଯାହାହେଉ ମୁଁ ସୁଶୀଳାକୁ ପଚାରିଲି, 'କଣ ହେଲା ।' ସୁଶୀଳା କିଛି କହିବା ପୂର୍ବରୁ ତାର ମାମୁଁ ମୋତେ ପଚାରିଲା, 'ଆପଣ କିଏ ।' ମୋର ପରିଚୟ ଦେବା ପରେ ସେ ମୋତେ ମଧ୍ୟ କଡ଼ା ଭାଷାରେ ଗାଳି ଦେବାକୁ ଆରମ୍ଭ କଲା । ବୋଧହୁଏ ମୁନ୍‌ସିର ଚିଠିରେ ମୋ ବିଷୟ ମଧ୍ୟ ଲେଖାଥିଲା । ମୁଁ ପ୍ରତିବାଦ କରି ସୁଶୀଳାର ମାମୁଁଙ୍କୁ କହିଲି, "ଦେଖନ୍ତୁ, ଆପଣ ରାଗିବାର କିମ୍ବା ଗାଳିଦେବାର କୌଣସି କାରଣ ନାହିଁ । ବୋଧହୁଏ ମୁନ୍‌ସିର ଚିଠିରୁ କଣ ସବୁ ପଢ଼ି ଆପଣ ଏପରି ବିଗିଡ଼ି ଯାଇଛନ୍ତି । ମୁନ୍‌ସି ଭଲଲୋକ ନୁହେଁ । ସେ ସୁଶୀଳାକୁ ପଥଭ୍ରଷ୍ଟ କରିବାକୁ ଚେଷ୍ଟା କରୁଥିଲା । ଠିକାଦାର ସବୁ କଥା ମୋଠାରୁ ଜାଣି ପାରିବା ପରେ ସୁଶୀଳାକୁ କେବଳ ତା କବଳରୁ ରକ୍ଷାକରିଛି ତା ନୁହେଁ, ପେଟ ପୋଷିବାର ବ୍ୟବସ୍ଥା ମଧ୍ୟ କରିଦେଇଛି । ତାକୁ କୃତଜ୍ଞତା ଜଣାଇବା ପରିବର୍ତ୍ତେ ଆପଣ ଯେ ଗାଳି ଦେଉଛନ୍ତି, ଏହା ହିଁ ଦୁଃଖର ବିଷୟ । ସୁଶୀଳାର ଆଈବୁଡ଼ୀକୁ ପଚାରନ୍ତୁ ।" ସୁଶୀଳାର ମାମୁଁ ମୋତେ ଆଉ କିଛି କହିବାକୁ ନ ଦେଇ କହିଲା, "ହେଉ, ଯାହା ବି ହେଉ ମୁଁ ସୁଶୀଳାକୁ ସାଙ୍ଗରେ ନେଇଯିବି । ତାର ଆଈବୁଡ଼ୀ ଏଠି ଘର ଜଗିଥାଉ ।"

ମୁଁ କହିଲି, "ହଉ ନେବେ ଯଦି ସାଙ୍ଗରେ ନେଇଯିବେ । ଠିକାଦାର ଟିକିଏ ଆସି ଯାଇଥିଲେ ଭଲ ହୋଇଥାନ୍ତା । କାରଣ ସେ ସୁଶୀଳାକୁ ଗୋଟିଏ କାମରେ ଦରମା ଦେଇ ରଖିଛି । ହୁଏତ ଆଜି ସନ୍ଧ୍ୟା ବା କାଲି ଆସି ଯାଇପାରେ ।"

ସୁଶୀଳାର ମାମୁଁ କିଛିକ୍ଷଣ ଚୁପ୍ ରହି କଣ ଭାବିଲା । ବୋଧହୁଏ ଭାବିଥିବ, ଠିକାଦାର ଆସିଲେ ମନା କରିପାରେ । ତେଣୁ ଶୀଘ୍ର ବାହାରି-ଯିବା ଭଲ । ସେ ମୋତେ କହିଲା, "ନା, ମୁଁ ଅପେକ୍ଷାକରି ପାରିବି ନାହିଁ । ଠିକାଦାର ଆସିଲେ ଆପଣ ତାକୁ କହିଦେବେ । ମୁଁ ଏଇ ବାହାରିଲି ।"

ସୁଶୀଳା ଯିବ ନାହିଁ ବୋଲି ପ୍ରତିବାଦ କରୁଥାଏ । କିନ୍ତୁ ତାର ମାମୁଁ ତାକୁ ଟାଣିନେଇଗଲା । ସୁଶୀଳାର ଆଈବୁଡ଼ୀ ତଟସ୍ଥ ହୋଇ ଅନାଇ ରହିଥାଏ । ସେମାନେ ଚାଲିଗଲେ । କିଛିକ୍ଷଣ ଆଈବୁଡ଼ୀକୁ ସାନ୍ତ୍ୱନା ଦେଇ ମୁଁ ମଧ୍ୟ ଘରକୁ ଫେରି ଆସିଲି ।

Digitized by srujanika@gmail.com

ଠିକାଦାର ଦୁଇଦିନପରେ ଆସିଲା । ମୋ ଠାରୁ ସବୁ କଥା ଶୁଣି ବଡ଼ ଦୁଃଖିତ ହେଲା । କହିଲା ତାକୁ ଆଉ ସେ ଘରେ ରହିବା ପାଇଁ ଭଲ ଲାଗିବ ନାହିଁ । ମୁଁ କହିଲି ସେ ଘର ଛାଡ଼ିଦେଲେ ଆଉ ତ ପ୍ରାୟ କେହି ରହିବେ ନାହିଁ ଘର ଦେଖାରଖା ପାଇଁ । ସୁଶୀଳାର ସେଇ ଘରଟି ଏକ ବଡ଼ ସମ୍ପତ୍ତି । ତାର ବାପ, ମା କେହି ନାହାନ୍ତି । ମାମୁଁ, ମାଇଁଙ୍କର ମତିଗତି ଏପରି । ଘରବାଡ଼ି ସବୁ ନଷ୍ଟ ହୋଇଗଲେ ତାର ଭବିଷ୍ୟତ କଣ ହେବ । ଠିକାଦାର ଏକ ଦୀର୍ଘ ନିଃଶ୍ୱାସ ଟାଣି କହିଲା, "ହଉ, ସୁଶୀଳା ପାଇଁ ଯାହା କରିବାକୁ ପଡ଼ିବ ସେ କରିଦେବ । ତାପାଇଁ ଘରଟି ଆହୁରି ଭଲ ଭାବରେ ତିଆରି କରିଦେବ—ଜମିବାଡ଼ିର ହେପାଜତ୍ ମଧ୍ୟ ନେବ ।"

ସତକୁ ସତ ତା ପରେ ଠିକାଦାର ଟଙ୍କା ଖର୍ଚ୍ଚ କରି ଘରଟି ନୂଆ ନକ୍ସା କରି ତିଆରିକଲା । ନିଜର ଅଫିସ ମଧ୍ୟ ସେଇଠି କଲା । ମଜୁରିଆ ରଖି ଜମିବାଡ଼ିରେ କୃଷିବାସ ମଧ୍ୟ କଲା ସବୁ ସୁବିଧା ହେତୁ ଆଉ ବୁଢ଼ୀର କିଛି ବି କଷ୍ଟ ହେଲା ନାହିଁ । ସେ ତାଙ୍କର ଜଣେ ପରି ଚଳୁଥାଏ । ତାକୁ ମନେ ହେଉଥାଏ ଭଗବାନ ଯେପରି ଗୋଟିଏକେଉଁ ଦେବତାକୁ ପଠାଇ ଦେଇଛନ୍ତି ।

ଠିକାଦାରର କାମଦାମ ସବୁ ଖୁବ୍ ଜୋରରେ ବଢ଼ି ଚାଲିଥାଏ । ସେ ଅନେକ ସମୟରେ ଆସି ସେଇ ଘରେ ରହେ । ହେଲେ ଦିନେ ଦୁଇ ଦିନରୁ ବେଶି ରହିପାରେ ନାହିଁ । ତାକୁ ଯେପରି ମନେହୁଏ କଣ ଗୋଟିଏ କେଉଁଠି ହଜିଯାଇଛି । ଖୋଜିବା ପାଇଁ ଯିବାକୁ ପଡ଼ିବ । ଫେରି ଆସେ — ବୋଧହୁଏ ହଜିଲା ଧନ ଫେରି ଆସିଥିବ, ମନରେ ଏଇଯା ଭାବେ । ଯେତେବେଳେ ଦେଖେ ନା, ଆସିନାହିଁ, ମୁହଁ ଶୁଖିଯାଏ—ସେ ଫେରି ବାହାରିଯାଏ । ମୁଁ ତାର ଏଇ ରକମ ଯିବା ଆସିବା ଆଉ ମନର ଭାବ ଦେଖି ଦିନେ ତାକୁ ଭରସି ପଚାରିବାରୁ ସେ ମୋତେ ଏଇ କଥା କହିଲା, ମୁଁ ମନେ ମନେ ଭାବିଲି, ପ୍ରେମ, ସମ୍ବେଦନାର କି ଏକ ଜଳନ୍ତ ନିଦର୍ଶନ ମୋ ଆଖି ଆଗରେ ମୁଁ ଦେଖିବାକୁ ପାଉଛି । ନିଶ୍ଚୟ ସୁଶୀଳାର କୋମଳତା ଆଉ ସରଳ, ସ୍ୱଚ୍ଛ ବ୍ୟବହାର ପଥର ଦେହରୁ ମଧ୍ୟ କପରି ଝର ଫୁଟାଇ ଦେଉଛି । ଠିକାଦାର ପଞ୍ଜାବୀ, ଲୋକ ସାଧାରଣତଃ, ଦୁର୍ଦ୍ଧର୍ଷ । ଏପରି

Digitized by srujanika@gmail.com

ପରସ୍ଥିତିରେ ହୁଏତ ଆଉ କିଛୁ ଉପରେ ଉପରେ ଗୁଡ଼ଏ ସଂପତ୍ତି ମିଳି ଗଲ୍ ବୋଲି ଖୁସି ହୋଇ କଣ ନାହିଁ କଣ କରି ପକାଉଥାନ୍ତା । କିନ୍ତୁ ବିଗୃହ ବରଫ ଖଣ୍ଡ ମିରବରେ ତରଳିଗଲ୍ ପରି କମିତି ପ୍ରତିଦିନ ଭ୍ରବାନ୍ତିଶଯ୍ୟରେ ଦ୍ରବୀଭୂତ ହୋଇ ପଡ଼ୁଛି । ସୁଶୀଳା ଫେରି ଆସିଥିବ ବୋଲି ଆଶାରେ ସେ କେତେ ଭଲ ଶାଢ଼ୀ, କନା ଆଦି କେତେ ଜିନିଷ ଆଣି ତା କୋଠରୀରେ ଗଦା କରି ଥୋଇଲ୍ଣି !

ଏମିତି କେତେ ଦିନ କଟିଗଲ୍ । ଦିନେ ହଠାତ୍ ଗୋଟିଏ ଚିଠି ପାଇଲି ସୁଶୀଳା ପାଖରୁ । ସେଥିରେ ଲେଖିଥାଏ ଯେ ସେ କଲିକତାରେ ବଡ଼ ଦୁଃଖରେ ଦିନ କଟାଉଛି । ମାମୁଁ ମାଇଁଙ୍କ ବ୍ୟବହାର ମୋଟେ ଭଲ ନୁହେଁ । ସେମାନେ ତାକୁ ଏକ ପ୍ରକାର ମଜୁମଦାର ପାଖରେ ବିକି ଦେଇଛନ୍ତି । ମଜୁମଦାରର ସ୍ତ୍ରୀ ମରି ଯାଇଛନ୍ତି । ପିଲ୍ମାନେ ଅବଶ୍ୟ ଏବେ ନାହାନ୍ତି—କିଏ କେଉଁଠି ପଢ଼ୁଛନ୍ତି । କେବେ କେବେ ଆସନ୍ତି । ମଜମଦାର ବାବୁ ଏକୁଟିଆ ଏବଂ ଅନ୍ୟାନ୍ୟ ଗୃହକରବାକର ଅଛନ୍ତି । ମଜୁମଦାର ବାବୁଙ୍କର ବହୁତ ସାଙ୍ଗସାଥି । ସେମାନେ ବହୁତ ଆସନ୍ତି । ବହୁତ ସମୟ ରହନ୍ତି । ମଦ ପିଅନ୍ତି—ନାନା ପ୍ରକାର ରଙ୍ଗଢଙ୍ଗ କରନ୍ତି । ମଜୁମଦାରବାବୁ ନ ଶୋଇବା ପର୍ଯ୍ୟନ୍ତ ତାକୁ ଅପେକ୍ଷା କରିବାକୁ ପଡେ । ଡେରି ହେବୁ ମାମୁ ମାଇଁଙ୍କ ଘରକୁ ଫେରି ହୁଏ ନାହିଁ ବୋଲି ତାକୁ ମଜୁମଦାର ନିଜ ଘରେ ଗୋଟିଏ କୋଠରୀ ଦେଇଛନ୍ତି । ମାମୁଁ ମାଇଁ ଯେଉଁ ଘରେ ରହନ୍ତି ତାହା ବଡ଼ ନୁହେଁ । ତାଛଡ଼ା ମାମୁଁ ମାଇଁଙ୍କର ଯେଉଁ ବ୍ୟବହାର ସେଥିରେ ସେ ଅଲଗା ରହିବା ଦ୍ୱାରା ଅବଶ୍ୟ ନାନା ଯନ୍ତ୍ରଣାରୁ ବଞ୍ଚିଯାଉଛି । କିନ୍ତୁ ମଜୁମଦାର ଘରଟା ମଧ୍ୟ ତାକୁ ଭଲ ଲ୍ଗୁନାହିଁ । ଜେଲଖାନାରେ ରହିଲ୍ ପରି ଲ୍ଗୁଛି । କଲିକତା ସହରଟା ତାକୁ ଆଦୌ ଭଲ ଲ୍ଗୁନାହିଁ । ଗାଁର ସେଇ ଛୋଟ ଘରଟି, ଆଈ ବୁଢ଼ୀ ଆଉ ଜମିବାଡ଼ି, ସବୁବେଳେ ତାର ମନେ ପଡ଼ୁଛନ୍ତି । ଠିକାଦାର ଆସିଲେ ଘୋଷେଇବାସ କରିଦେବାରେ ସେ ଯେଉଁ ଆନନ୍ଦ ପାଏ, ଏଇଠି ବରାବର ତାର ମନେ ପଡୁଛି । ବିଶେଷତଃ ମଜୁମଦାର ମଦ ଖାଇ ଦିନେ ଦିନେ ଯେଉଁ ଢଙ୍ଗ କରେ ସେତେବେଳେ ସେ ଠିକାଦାର କଥା ମନେ ପକାଏ । କେତେ ସୁନ୍ଦର ଲୋକ ସେ । ତା ପାଇଁ କେତେ କଷ୍ଟ ସେ ନ ଉଠାଇଛି । ଏମିତି

Digitized by srujanika@gmail.com

ଗୁଡ଼ାଏ କଥା ଲେଖି ପରିଶେଷରେ ସେ ଲେଖିଥିଲା ଯେ ସେ ଶୀଘ୍ର କଲିକତାରୁ ଫେରି ଆସିବାକୁ ଚାହୁଁଛି । ମୁଁ ତାକୁ କଲିକତାରୁ ନେଇ ଆସିବା ପାଇଁ ନେହୁରା ହୋଇ ସେ ମୋତେ ଅନୁରୋଧ କରିଥିଲା । ଚିଠି ପାଇବାର ଦୁଇଦିନ ପରେ କଲିକତା ଯିବାପାଇଁ ମନିଅର୍ଡର ଯୋଗେ ପଚିଶ ଟଙ୍କା ମଧ୍ୟ ପଠାଇ ଦେଇଥିଲା । ମୁଁ ତା ପାଖକୁ ମଜୁମଦାର ଘର ଠିକଣାରେ ଅମୁକ ଦିନ ଆସିବି ବୋଲି ଉତ୍ତର ଲେଖି ପଠାଇଦେଲି ।

ସୂଚନା ଦେଇଥିବା ଅନୁସାରେ ମୁଁ କଲିକତାରେ ପହଞ୍ଚିଲି । ମଜୁମଦାର ନ ଥିବା ସମୟରେ ସୁଶୀଳା ସହିତ ମୋର ଦେଖାହେଲା । ସେଇଠି ଠିକ ହେଲା ଯେ ମୁଁ ଗୋଟିଏ ଗ୍ରେଟ ହୋଟେଲରେ ରହିବି । ସୁଶୀଳା ମଜୁମଦାରକୁ ଛୁଟି ମାଗି ତା ମାମୁଁ ଘରକୁ ଯିବ । ସେଇଠୁ ଆଉ ମଜୁମଦାର ଘରକୁ ନ ଫେରି ଦୁହେଁ ଗାଁକୁ ଫେରି ଆସିବୁ ।

ସେଇ ଅନୁସାରେ ମୁଁ ତା ମାମୁଁ ଘର ପାଖ ଏକ ଗ୍ରେଟ ହୋଟେଲରେ ରହିଲି । କିନ୍ତୁ ମୋର କଲିକତା ଆସିବା ତା ମାମୁଁ ମାଇଁ କେହି ଜାଣନ୍ତି ନାହିଁ । ପରଦିନ ସକାଳେ ସୁଶୀଳା ମଜୁମଦାରଠାରୁ ଦିନଟିଏ ଛୁଟି ମାଗି ତା ମାମୁଁ ଘରକୁ ଆସିଲା । ସନ୍ଧ୍ୟାରେ ସେ ମଜୁମଦାର ଘରକୁ ଫେରି ଯାଉଛି ବୋଲି ବାହାରି ମୋ ହୋଟେଲ ପାଖକୁ ଆସିଲା । ମୁଁ ତାକୁ ଦେଖି ରାସ୍ତାକୁ ଆସିଲି ଓ ଦୁହେଁ ଗୋଟିଏ ଟ୍ୟାକ୍ସିରେ ରେଲ୍ଷ୍ଟେସନକୁ ଆସିଲୁ । ସେଇଠୁ ଗାଡ଼ିଧରି ଗାଁକୁ ଫେରିଆସିଲୁ । ବାଟରୁ ଗୋଟିଏ ଷ୍ଟେସନରୁ ସୁଶୀଳା ତା ମାମୁଁ ଏବଂ ମଜୁମଦାର ପାଖକୁ ଚିଠି ଲେଖି ଜଣାଇ ଦେଲା ଯେ ସେ ଗାଁକୁ ଯାଉଛି—ଆଉ କଲିକତା ଫେରିବନାହିଁ । ଗାଁରେ ସୁଶୀଳା ଜେଲଖାନାରୁ ମୁକୁଳିଲା ପରି ଅନୁଭବ କରୁଥାଏ । ତା ଆଈ ବୁଢ଼ୀର ଆନନ୍ଦର ସୀମା ନ ଥାଏ । ଠିକାଦାର ମଧ୍ୟ ଖବର ପାଇ ଗାଁକୁ ଆସିଲା । ସୁଶୀଳା ସେ ଦିନ କେତେ ରକମ ଜିନିଷ ରନ୍ଧା ରନ୍ଧି କରି ଖାଇବାକୁ ଦେଲା । ମୋତେ ବି ଖାଇବା ପାଇଁ ଡାକିଥିଲା । ମଜୁମଦାର ଘରେ ଥାଇ ସେ ବହୁତ ପ୍ରକାର ରନ୍ଧଣା ଶିଖିଥିଲା । ସେ ଦିନ ରନ୍ଧାଜିନିଷରୁ ତା ଜାଣି ପାରିଲୁ ।

କଲିକତାରୁ ଫେରିବା ବେଳେ ବାଟରେ ସୁଶୀଳା ତାର କଲିକତା ଜୀବନ ସମ୍ପର୍କରେ ମୋତେ କେତେ କଥା କହିଥିଲା । ସେସବୁ ଫେରି ତା

Digitized by srujanika@gmail.com

ଆଈ ବୁଢ଼ୀ ଆଉ ଠିକାଦାରକୁ କହି ଶୁଣାଉଥାଏ । ଘର ପ୍ରାୟ ନଅଟା ପର୍ଯ୍ୟନ୍ତ ରହି ମୁଁ ଫେରି ଆସିଲି । ସୁଶୀଳା ତାର ଆଈ ଆଉ ଠିକାଦାରକୁ ତଥାପି କେତେ କଥା କହି ଶୁଣାଉଥାଏ ।

ଏମିତି ପ୍ରାୟ ତିନି ଚାରିଦିନ କଟିଗଲା । ଠିକାଦାର ତାର ଅନ୍ୟ କାମ ଦେଖିବା ପାଇଁ ଚାଲିଗଲା । ଗଲାବେଳେ କହିଲା ପ୍ରାୟ ସାତ ଦିନ ପରେ ଫେରିବ । ଗାଡ଼ିରେ ଠିକାଦାର ତା ଡ୍ରାଇଭର ବ୍ୟତୀତ ଆଉ ଜଣେ ଚାକର ମଧ୍ୟ ସାଙ୍ଗରେ ନିଏ । ଏଥର ସେ ଚାକରକୁ ଗାଁରେ ଛାଡ଼ିଗଲା । ସୁଶୀଳାର ଆଉ ପ୍ରାୟ କିଛି କାମ ନାହିଁ । ଘର କଥା ବୁଝେ ଘର ସଜାଇବା, ଘରେ ଥିବା ଆଲମାରି ଜିନିଷ ପତ୍ର ଠିକ୍ ଭାବରେ ରଖିବା ଇତ୍ୟାଦି ହେଉଛି ତାର ଏକମାତ୍ର କାମ । ହେଲେ ସେ ଅଳସୁଆ ହୋଇ ବସି ରହେ ନାହିଁ । କଲିକତାରେ ଥିବାବେଳେ ଅନେକ ସିଲାଇ କାମ ଶିଖିଥାଏ । ଘରେବସି ନାନା ପ୍ରକାର ସିଲାଇ କରେ । କେତୋଟି ରୁମାଲରେ ଫୁଲ ଅଙ୍କନ କରି ସିଲାଇ କରୁଥାଏ । ଠିକାଦାର ଯିବାର ପ୍ରାୟ ଦୁଇଦିନ ଯାଇଛି ହଠାତ୍ ଗୋଟିଏ ଚିଠି ଆସି ପହଁଚିଲା । ମନେମନେ ଭାବିଲା ଠିକାଦାର ପାଖରୁ ଆସିଥିବ । ସେ ତ ଇଂରାଜୀରେ କି ହିନ୍ଦିରେ ଲେଖିଥିବ କି କଣ ଏଇଥିପାଇଁ ମନେ ମନେ ଭାବି ମୋତେ ଡାକି ପଠାଇଲା । ମୁଁ ଆସିଲି ବେଳକୁ ଦେଖିଲି ସେ କାନ୍ଦୁଛି । ତାକୁ ପଚାରିଲି, "କାହିଁକି କାନ୍ଦୁଛ, କଥା କଣ ?" ସେ କାନ୍ଦି କାନ୍ଦି ସ୍ୱରରେ କହିଲା, "ଏମାନେ ଆଉ ମତେ ଶାନ୍ତିରେ ରହିବାକୁ ଦେବେ ନାହିଁ । ମୁଁ ପଚାରିଲି, "କାହିଁକି, କଣହେଲା ?" ସେ ଚିଠିଟି ମୋ ହାତକୁ ବଢ଼ାଇ ଦେଇ କହିଲା, "ମୁଁ ଭାବିଥିଲି ଠିକାଦାର ପାଖରୁ ଆସିଥିବ । ଇଂରାଜୀରେ କି ହିନ୍ଦିରେ ଲେଖାଥିବ । ସେଇଥି ପାଇଁ ତୁମକୁ ଡାକିବା ପାଇଁ ପଠାଇଲି । ପରେ କିନ୍ତୁ ଖୋଲିବା ବେଳକୁ ଦେଖୁଛି କଲିକତାର ଚିଠି । ଓଡ଼ିଆରେ ଲେଖିଛନ୍ତି ।" କଣ ଲେଖିଛନ୍ତି ବୋଲି ପଚାରିବାରୁ ମେତେ କହିଲା "ପଢ଼ିକରି ଦେଖନ୍ତୁ ।"

ଚିଠି ପଢ଼ି ଦେଖିଲି ତାକୁ ନାନାପ୍ରକାର ଭର୍ତ୍ସନା କରି ଲେଖା-ଯାଇଛି ଏବଂ କାଳ ବିଳମ୍ବ ନ କରି ସଙ୍ଗେ ସଙ୍ଗେ କଲିକତା ଫେରିବା ସକାଶେ କୁହାଯାଇଛି । ଚିଠି ପଢ଼ି ସାରି କହିଲି, 'ହଉ, ଏଥିରେ ବହୁତ

Digitized by srujanika@gmail.com

ହେବାର କଣ ଅଛି ! ଯିବାର ଯଦି ଇଚ୍ଛା ନାହିଁ, ଯିବ ନାହିଁ । କାନ୍ଦିବା ଦରକାର କଣ ।"

ସୁଶୀଳା ଆଖି ପୋଛି କହିଲା, "ମୁଁ ତ ଠିକ୍ କରିଛି-ଆଉ କଦାପି ଯିବି ନାହିଁ । କିନ୍ତୁ ମାମୁଁ ମାଇଁ କଣ ମୋତେ ଛାଡ଼ିବେ । ଦେଖିବ-ସେ ଫେର୍ ଅଳ୍ପ ଦିନ ଭିତରେ ଏଠି ଆସି ପହଞ୍ଚିବେ ।"

ମୁଁ କହିଲି—'ହଉ, ଆସିଲେ ଆସିବେ । —ପୁଣି ସେଇ ବାଟେ ଫେରିଯିବେ । ତୁମେ ଯିବ ନାହିଁ ।"

ସୁଶୀଳା କହିଲା,' "ମୁଁ ତ ଯିବି ନାହିଁ । କିନ୍ତୁ ସେମାନେ ଏଠି କମ୍ କାଣ୍ଡ କରିବେ ! ମୋତେ କଣ ସହଜରେ ଛାଡ଼ିବେ । ସେମାନେ ଯେ ମୋ ପାଇଁ କେତେ ଉପକୃତ ହେଉଥିଲେ । ମୋତେ ସେମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ବଳି ପଡ଼ିବାକୁ ହେଉଥିଲା ।"

ମୁଁ କହିଲି, "ସବୁଦିନ ତ ଆଉ ସିମିତି ଚଳିବ ନାହିଁ । ତୁମକୁ ନିଜ ଭବିଷ୍ୟତ ଗଢ଼ିବାକୁ ପଡ଼ିବ । ତୁମେ ଏଥର ସ୍ପଷ୍ଟ କହିଦେବ ଯେ ଆଉ କଲିକତା ଯାଇ ପାରିବ ନାହିଁ । ଏଇଠି ଗାଁରେ ରହି ନିଜ ଭବିଷ୍ୟତ ଗଢ଼ିବ ।"

ସୁଶୀଳା ଆଖିରୁ ପାଣି ଝରାଇ ପୁଣି କହିଲା, "ଠିକ୍ କଥା ମୁଁ ତାହାହିଁ କରିବ । କିନ୍ତୁ ମୋର ଭବିଷ୍ୟତ କଣ ?, କିପରି ଗଢ଼ିବ, କିଏ ମୋର ସାଥୀ ? ମାମୁଁ, ମାଇଁ—ଯେ ମୋତେ ଏ ଭବିଷ୍ୟତ ଜୀବନ ପାଇଁ ସାହାଯ୍ୟ କରନ୍ତେ—ସେ ତ ମୋ ଉପରେ ଅତ୍ୟାଚାର କରୁଛନ୍ତି । ସେମାନଙ୍କ ହାତରୁ ମୋତେ ରକ୍ଷା କରିବ କିଏ ?"

ମୁଁ ତା କଥାର ମର୍ମ ବୁଝିପାରିଲି । କିନ୍ତୁ କିଛି ଉତ୍ତର ଦେବାର ସୁବିଧା ନ ଥିଲା । କେବଳ ବିବ୍ରତ ନ ହେବା ପାଇଁ ଆଶ୍ୱାସନା ଦେଇ ଫେରି ଆସିଲି ।

ଦୁଇ ଦିନ ପରେ ପୁଣି ଗୋଟିଏ ଚିଠି ଆସିଲା, ସୁଶୀଳାର ମାଇଁଙ୍କ ପାଖରୁ । ସେଥିରେ ଲେଖାଥିଲା ଯେ ସୁଶୀଳା ଯଦି ଶୀଘ୍ର କଲିକତା ଫେରି

Digitized by srujanika@gmail.com

ନ ଆସେ ହୁଏତ ମାମୁଁଙ୍କର ଚାକରୀ ଚାଲିଯିବ । କୁନାର ପଢ଼ାପଢ଼ି ପାଇଁ ମାସିକ ଯେଉଁ ସାହାଯ୍ୟ ମିଳୁଥିଲା ସେ ବି ବନ୍ଦ ହୋଇଯିବ । ଶେଷ ଆଡ଼କୁ ଲେଖାଥିଲା ଯେ ସୁଶୀଳା ଯଦି ଶୀଘ୍ର ନ ଫେରେ ହୁଏତ ତାର ମାମୁଁ ନିଜେ ଗାଁକୁ ଆସି ତାକୁ ନେଇଯିବେ । ତେଣୁ କଥା ଏତେ ଦୂରକୁ ଯିବା ପୂର୍ବରୁ ସୁଶୀଳା ନିଜେ ଫେରି ଆସିବା ଭଲ ହେବ ।

ଚିଠି ପଢ଼ି ସୁଶୀଳା ଗମ୍ଭୀର ଭାବରେ ବସିଥାଏ । ଆଖିରୁ ଲୁହ ଝରି ପଡ଼ୁଥାଏ । ମୁଁ 'କାହିଁକି କାନ୍ଦୁଛୁ' ବୋଲି ପଚାରିବାରୁ ଚିଠିଟି ମୋ ହାତକୁ ବଢ଼ାଇଦେଲା ମୁଁ ପଢ଼ିସାରି ମନେ ମନେ ଭାବିଲି, 'ସୁଶୀଳା ସେ ଦିନ ସତ କହୁଥିଲା । ମୁଁ ସୁଶୀଳାକୁ ପଚାରିଲି, "ଏବେ କଣ ଭାବୁଛ ?" ସୁଶୀଳା କହିଲା 'ଯାହା ବି ହେଉ ମୁଁ ଯାଇପାରିବି ନାହିଁ ଏଇ କଥା ଲେଖି ପଠାଇଦେବି ।"

"ହଁ ସେଇଆ କର" ବୋଲି କହି ମୁଁ ପଳାଇ ଆସିଲି । ମନେ ମନେ ଭାବିଲି ଠିକାଦାରକୁ ଆସିବା ପାଇଁ ଖବର ଦେଇଦେବା ଉଚିତ । ପରଦିନ ଖଣ୍ଡିଏ ଚିଠି ଠିକାଦାର ପାଖକୁ ଲେଖି ପକେଟରେ ପୁରାଇ ସୁଶୀଳାର ଘରକୁ ଆସିଲି । ସୁଶୀଳା ଚିଠି ଲେଖି ସାରିଥିଲା । ମୁଁ ପହୁଞ୍ଚିବା ପରେ ଚିଠିଟି ମୋ ହାତକୁ ବଢ଼ାଇ ଦେଇ ଡାକଘରେ ପକାଇଦେବା ପାଇଁ କହିଲା । ମୁଁ ତାକୁ କହିଲି, "ଚିଠିଟି ପଢ଼ି ପାରିବି କି ?" ସୁଶୀଳା କହିଲା, "ହଁ ପଢ଼ିପାର । କିଛି ଆପତ୍ତି ନାହିଁ ।" ସୁଶୀଳା ନେହୁରା ହୋଇ ତା ମାଇଁ ପାଖକୁ ଲେଖିଥାଏ, "ମୋତେ ଆଉ କଲିକତା ଯିବାକୁ କହନାହିଁ କଲିକତା ମୋ ପାଇଁ ଏକ ଯମଭୁବନ । ମୁଁ କୌଣସି ମତେ କଲିକତା ଆସିପାରିବି ନାହିଁ । ମାମୁଁଙ୍କର ଯଦି ଚାକରୀ ଚାଲିଯାଏ, ସେ ବରଂ ଆସି ଗାଁରେ ମୋର ଯେଉଁ ଜମିବାଡ଼ି ଅଛି ତାହା ନେଇ ଯାଆନ୍ତୁ ଏବଂ ଖର୍ଚ୍ଚ ତୁଲାନ୍ତୁ । ମୁଁ ଆଉ କୌଣସି ମତେ କଲିକତା ଯାଇପାରିବିନାହିଁ ।" ସୁଶୀଳାର ବିଚାରଧାରା ଦେଖି ମନେ ମନେ ଆଶ୍ଚର୍ଯ୍ୟ ହେଲି । କାହାକୁ କିଛି ନ ପଚାରି ଜମିବାଡ଼ି ତା ମାମୁଁକୁ ଦେଇଦେବାପାଇଁ ଲେଖିଛି । ତାକୁ କଲିକତା କେତେ ବାଧି ନ ଥିବ ! ତାକୁ କିଛି କହିବା ଉଚିତ ମନେ କଲିନାହିଁ । ହଉ ଚିଠି ପକାଇ ଦେବି ବୋଲି କହି ଚାଲିଆସିଲି । ଡାକ-

Digitized by srujanika@gmail.com

ଘରକୁ ଆସି ସୁଶୀଲାର ଚିଠି ତା ମାଇଁ ପାଖକୁ ଏବଂ ମୋ ଚିଠି ଠିକାଦାର ପାଖକୁ ପଠାଇ ଦେଲି ।

ଦୁଇଦିନ ପରେ ଚିଠି ପାଇଲା କ୍ଷଣି ଠିକାଦାର ଚାଲି ଆସିଲା ଗାଁକୁ । ସୁଶୀଲା ତାକୁ ଦେଖି କାନ୍ଦିପକାଇଲା । ଠିକାଦାର ଆଉ ଆବେଗ ସମ୍ଭାଳି ପାରିଲା ନାହିଁ । କାନ୍ଦିବାକୁ ମନା କରି ଆଖି ଦିଓଟି ପୋଛି ଦେଲା ଏବଂ କଣ ହେଲା ବୋଲି ପଚାରିଲା । ସୁଶୀଲା କିଛି କହି ନ ପାରି ଘରଭିତରକୁ କାନ୍ଦି କାନ୍ଦି ହୋଇ ଚାଲିଗଲା । ଠିକାଦାର ଲେଉଟି ଚାହିଁଲା ଏବଂ ମୋତେ ସୁଶୀଲାର କାନ୍ଦିବାର କାରଣ ପଚାରିଲା ।

ମୁଁ ତାକୁ ସବୁ କଥା କହିଦେଲି । କଲିକତାରୁ ଯେଉଁ ସବୁ ଚିଠି ଆସିଥିଲା, ସୁଶୀଲା ଯେଉଁ ଚିଠି ଲେଖିଥିଲା ସବୁ କଥା ତାକୁ କହିଲି । ଠିକାଦାର ସବୁ ଶୁଣି ଦୁଃଖିତ ହୋଇ କହିଲା "କାହିଁକି ବିଚାରୀକୁ ଏପରି, ଜବରଦସ୍ତି କରୁଛନ୍ତି । ତାର ଯଦି କଲିକତା ଯିବାର ଇଚ୍ଛା ନାହିଁ ତାକୁ ଜବରଦସ୍ତି ନେବାପାଇଁ ଚେଷ୍ଟା କରିବାଟା ବଡ଼ ଅନ୍ୟାୟ ।"

ମୁଁ ଠିକାଦାରକୁ କହିଲି, "ସୁଶୀଲାତ କୌଣସି ମତେ ଯିବାକୁ ଚାହୁଁ ନାହିଁ । କିନ୍ତୁ କିଏ ତାକୁ ସେମାନଙ୍କ ଜବରଦସ୍ତିରୁ ରକ୍ଷା କରିବ—ଏଇଯା ଭାବି ଭାବି ସେ ବଡ଼ ବିବ୍ରତ । କିଏ ତାକୁ ସାହାଯ୍ୟ କରିବ —କିଏ ତାର ଭବିଷ୍ୟତ ସାଥୀ—ଏଇ କଥା ସବୁବେଳେ ତା ମନ ଭିତରେ ଖେଳୁଛି ଏବଂ ସେଇଥିପାଇଁ ଆପଣଙ୍କୁ ଦେଖିଲାକ୍ଷଣି ସେ କାନ୍ଦି ପକାଇଲା ।"

ଠିକାଦାର ଦୃଢରେ ମତେ କହିଲା ଯେ ସେ ସୁଶୀଲାକୁ ସବୁପ୍ରକାର ସାହାଯ୍ୟ କରିବାକୁ ପ୍ରସ୍ତୁତ, କିନ୍ତୁ ସୁଶୀଲା ନ କହିଲେ ସେ କଣ କରିବ ?

ମୁଁ କହିଲି, "ତାକୁ ବୋଧହୁଏ ଲାଜ ମାଡ଼ୁଛି । ଭରସା କରି କହିପାରୁ ନାହିଁ । ମୁଁ ଭାବୁଛି ଆଜି କେତେବେଳେ ବି ହେଉ ସମସ୍ତେ ବସି ଏ ବିଷୟରେ କିଛି ଉପାୟ ସ୍ଥିର କରିବା ।" ଏତିକ କଥା ହୋଇ-

Digitized by srujanika@gmail.com

ସାର ମୁଁ ଘରକୁ ଫେରି ଆସୁଥାଏ । ଅଳ୍ପଦୂର ଆସିବା ପରେ ଦେଖିଲି ଡାକପିଅନ ଆସୁଛି ସାଇକେଲରେ । ମୁଁ ତାକୁ ଠିଆ କରି ପଚାରିଲି, "ମୋର କଣ୍ଟ ଚିଠି ଆସିଛି କି ?" ସେ ନାହିଁ କଲା । ତାପରେ ପଚାରିଲି "ସୁଶୀଳାର କୌଣସି ଚିଠି ଅଛି କି ?" ସେ କହିଲା, ହଁ, "ସେ ଚିଠିଟି ଦେବା ପାଇଁ ପରା ମୁଁ ଯାଉଛି ।" "ହଉ ଯାଅ" କହି ମୁଁ ଟିକଏ ଠିଆ ହୋଇ ରହିଲି । ଭାବିଲି କଲିକତାରୁ ପୁଣି କଣ୍ଟ କଡ଼ା ଚିଠି ଆସିଥିବ କି ? ଫେରି ଯାଇ ବୁଝି ଆସିବା ଭଲ । ନଇଲେ ତ ଫେର୍ ଡ଼ାକ ପଠାଇବ ।

ସୁଶୀଳା ଘରକୁ ଚାଲି ଚାଲି ଆସି ପହଁଚିବା ବେଳକୁ ଡାକପିଅନ ଚାଲି ଯାଇଥାଏ । ସୁଶୀଳା ଚିଠିଟି ପଢ଼ି ସାରି ପୁଣି କାନ୍ଦ କାନ୍ଦ ଠିକାଦାର ପାଖରେ ଠିଆ ହୋଇଥାଏ । ଚିଠିଟି ଠିକାଦାର ହାତରେ ଦେଇ ସକେଇ ସକେଇ କହୁଥାଏ, "ମୋ ନାଁରେ ମୋକଦ୍ଦମା କରିବ ବୋଲି ଧମକ ଦେଇଛି । ମୋତେ ବଞ୍ଚାଅ ।"

ଠିକାଦାର ମୋ ହାତକୁ ଚିଠିଟି ବଢ଼ାଇଦେଇ କହିଲା, "ମୋତେ ବୁଝାଇଦିଅ ତ ।" ମୁଁ ଚିଠିଟି ପଢ଼ି ସାରି ସ୍ତମ୍ଭିତ ହୋଇଗଲି । ସୁଶୀଳାର ମାମୁଁ ଲେଖିଛି, "ତୁ ନ ଫେରିଲେ ମଜୁମଦାର ମୋତେ ହଇରାଣ କରିଦେବ । ଖାଲି ସେତିକ ନୁହେଁ ତୋ ନାଆଁରେ ବି ମୋକଦ୍ଦମା କରି ପୋଲିସ ଦ୍ୱାରା ବନ୍ଧାଇ ଆଣିବ । ସେ କହୁଛି ତୁ ତାଙ୍କ ଘରର ବହୁତ ଜିନିଷ ଚୋରାଇ ନେଇଆସିଛୁ । ଏ ସବୁ ବୁଝି ତୁ ୨।୩ ଦିନ ମଧ୍ୟରେ ଶୀଘ୍ର ଫେରିଆସ । ଏ ଚିଠି ଭିତରେ ୫୦ଟଙ୍କା ପଠାଇଛି ଆସିବା ଖର୍ଚ୍ଚ ପାଇଁ ।"

ଠିକାଦାରକୁ ବୁଝାଇ ଦେବାପରେ ସେ କହିଲା, "କୈସା ଝୁଟା ବାତ୍ ଲିଖା ହେଂ । ସୁଶୀଲା ଚୋରିକିଆ । ୟେ ସବ୍ ଇସ୍‌କ ମାମୁଁ ଔର ଓ ମଜୁମଦାରକା ଫନ୍ଦିଫନ୍ଦ ହେଁ ।"

ସୁଶୀଳା ହଠାତ୍ ଆବେଗରେ ଭୂଇଁରେ ଠିକାଦାର ଗୋଡ଼ତଳେ ପଡ଼ି କହିଲା, "ମତେ ବଞ୍ଚାଅ । ମୁଇଁ ତୁମର-ତୁମେ ଯାହାକର । ଠିକାଦାର ତାହା ବୁଝି ପାରିଲା, ସୁଶୀଳାକୁ ତଳୁ ଉଠାଇ ଆଖିରୁ ପାଣି ପୋଛିଦେଇ

Digitized by srujanika@gmail.com

କହିଲା, "ଘବଗ୍ରାଓ ମତ୍ର । ମୈଁ ତୁମ୍ହାର କମ୍ପା ଲେତା ହୁଁ । କୋଇ ତୁମ୍ହାର କୁଛକର ନହିଁ ସକେଗା ।" ସୁଶୀଳା ଆଶ୍ୱସ୍ତ ହେଲା, ତାପରେ ଘର ଭିତରକୁ ଚାଲିଗଲା । ଠିକାଦାର ଓ ମୁଁ ଦୁହେଁ କଥା ହେଲୁ । ଆମେ ଏଇ ସିଦ୍ଧାନ୍ତରେ ପହୁଞ୍ଚିଲୁ ଯେ ସୁଶୀଳା ଆଉ ଗାଁରେ ଅଧିକ ସମୟ ରହିବା ଉଚିତ ନୁହେଁ । ଟାଟାନଗରରେ ଠିକାଦାରର ଘର ଅଛି । ସେ ତାକୁ ସେଠିକି ନେଇଯିବ । ତା ମନ ସ୍ଥିର ହେବା ପରେ ପୁଣି ଯାହା କରିବାର କଥା ଦେଖାଯିବ ।

ଠିକାଦାର ସହିତ ମୋର ଏତେ ପରିଚୟ ଥିଲେ ମଧ୍ୟ ସେ ବିବାହିତ କି ନା ମୁଁ ଜାଣି ନ ଥିଲି । ତାକୁ ବିନମ୍ର ଭାବରେ ପଚାରି ବୁଝିଲି ଯେ ସେ ଅବିବାହିତ । ମୁଁ ତାକୁ ପୁଣି ଅତି ସନ୍ତର୍ପଣରେ ପଚାରିଲି ଯେ ସୁଶୀଳା ତ ବେଶ୍ ସୁନ୍ଦରୀ ଏବଂ ବର୍ତ୍ତମାନ ବିବାହ ଯୋଗ୍ୟା ମଧ୍ୟ । ତାକୁ ବାହା ହେବାରେ କିଛି ଆପତ୍ତି ଅଛି କି ?—କାରଣ ବାହା ନ ହେବା ପର୍ଯ୍ୟନ୍ତ ମାମୁଁ ମାଇଁଙ୍କର ଏ ପ୍ରକାର ଅତ୍ୟାଚାର ଚାଲିଥିବ ।

ଠିକାଦାର କହିଲା—ତାହାର ଆପତ୍ତି ନାହିଁ । କିନ୍ତୁ ସୁଶୀଳା ତ ସେପରି କିଛି କହି ନାହିଁ । ମୁଁ ତାକୁ ବୁଝାଇ ଦେଲି ଯେ ସୁଶୀଳା ଗୋଡ଼ ତଳେ ପଡ଼ି ନିଜକୁ ସମର୍ପଣ କରିଦେଇଛି । ଏବେ ସେ ଜବାବ ଦେବା କଥା । ଠିକାଦାର ମନ ଆନନ୍ଦରେ ଫୁଲି ଉଠିଲା ପରି ଜଣାଗଲା । କାରଣ ସେ ମନ ଭିତରେ ଏ ଆଶା ରଖିଥିଲେ ମଧ୍ୟ ସୁଶୀଳାର ଇଚ୍ଛା ବିରୁଦ୍ଧରେ କିଛି କହିବା ପାଇଁ ଚାହୁଁ ନ ଥିଲା । ତାହେଲେ ସୁଶୀଳାଠାରୁ ଭଲଭାବରେ ବୁଝି ଆସି ନିଶ୍ଚିତ ଭାବରେ ତାକୁ ସେ ବିଷୟରେ କହିବା ପାଇଁ ମୋତେ ନିର୍ଦ୍ଦେଶ ଦେଲା । ମୁଁ ସୁଶୀଳା ସହିତ କଥା ହୋଇ ଫେରି ଆସି ଠିକାଦାରଙ୍କୁ ସୁଶୀଳାର ସମ୍ମତି ଜଣାଇଦେଲି ଏବଂ ସେ ତା ପ୍ରତି କେତେ କୃତଜ୍ଞତା ଅନୁଭବ କରୁଛି ତା ମଧ୍ୟ ଜଣାଇ ଦେଲି । ସେତେବେଳକୁ ରାତି ହୋଇଯାଇଥିଲା । ତଥାପି ଠିକାଦାର ଓ ମୁଁ ଦୁହେଁ ବସି କଣ କରାଯିବ ସେ ବିଷୟ ବିଚାର କଲୁ । ଦୁଇ ଚାରିଦିନ ଭିତରେ ହୁଏତ ସୁଶୀଳାର ମାମୁଁ ନିଜେ ଆସି ଗଣ୍ଡଗୋଳ ସୃଷ୍ଟି କରିପାରେ—ସୁଶୀଳାକୁ ଜବରଦସ୍ତି ନେବାପାଇଁ ଚେଷ୍ଟା କରିପାରେ ଏବଂ ତା ଯଦି ହୁଏ ଗାଁରେ ଅଯଥା ଏକ ଉତ୍ତେଜନା ସୃଷ୍ଟି ହୋଇପାରେ—ଏସବୁ ବିଷୟରେ ଆଲୋଚନା କଲୁ ।

Digitized by srujanika@gmail.com

ଠିକାଦାର କହିଲା ସେ ସୁଶୀଳା ଓ ତାର ଆଈ ଦୁହିଁଙ୍କୁ ଟାଟାନଗର ନେଇଯିବ । ଅବସ୍ଥା ସୁସ୍ପଷ୍ଟ ହୋଇଗଲା ପରେ ସୁଶୀଳା ଯଦି ଚାହିଁବ ଗାଁକୁ ଫେରିବ—ନଚେତ୍ ଟାଟାନଗରରେ ରହିବ । ତେବେ ହଠାତ୍ ଯାଇ ଟାଟାନଗରରେ ପହଞ୍ଚିଲେ ହୁଏତ ସୁନ୍ଦର ହେବନାହିଁ । ଘରେ ତା ବାପା ମା କି କଣ ବୁଝିବେ କେଜାଣି—ଏକଥା କହି ଠିକାଦାର କହିଲା ସେ ସକାଳୁ କାର୍‌ରେ ଟାଟାନଗର ଚାଲିଯିବ ଏବଂ ଘରେ ସବୁ କଥାବାର୍ତ୍ତା ଓ ଠିକ୍‌ଠାକ୍ କରି ତା ପରଦିନ ଆସି ସୁଶୀଳା ଓ ତାର ଆଈକୁ ନେଇଯିବ । ମୁଁ ବି ଏଥିରେ ସହମତ ହେଲି । ତାପରେ ସୁଶୀଳାକୁ ଡାକି ଏ କଥା ବୁଝାଇ ଦେଲି । ସୁଶୀଳା ମଧ୍ୟ 'ହଁ' ଭରିଲା କିନ୍ତୁ କହିଲା "ମୋତେ ଡେରି କରିବ ନାହିଁ । ମୋ ମନରେ ନାନା ଆଶଙ୍କା ହେଉଛି ।" ଠିକାଦାର ମୋତେ ଡେରି ହେବ ନାହିଁ ବୋଲି ତାକୁ ଆଶ୍ୱାସନା ଦେଲା । ତା'ପରେ ମୁଁ ଦୁହିଁଙ୍କୁ ସେଇଠି ଅନ୍ଧାରରେ ଛାଡ଼ି ଚାଲି ଆସିଲି ।

ପରଦିନ ପ୍ରାୟ ୧୦ ଟା ବେଳକୁ ଆସି ବୁଝିଲି ଯେ ଠିକାଦାର ଭୋର ଛଅଟାରୁ ଉଠି ତା ମୋଟର ଗାଡ଼ିରେ ଚାଲି ଯାଇଛି । କାଲିକି ହୁଏତ ଦିନ ବାରଟା ପାଖାପାଖି ଫେରିଆସିବ । ତଥାପି ମନେହେଲା ଯେପରି ସୁଶୀଳା ତା ଫେରିବା ବାଟକୁ ଏବେଠୁ ଅନାଇଛି । ଏ କି ଭୀଷଣ ବିପଦ । ସୁଶୀଳା ଚିତ୍କାର କରି ଉଠିଲା । କହିଲା, ମୁଁ ଏବେ କଣ କରିବି । ଏ ଯେ ମାମୁଁ ମାଇଁ ଛୁଆପିଲା ଆସୁଛନ୍ତି । ବାଟ ପ୍ରାୟ ଏକ ଫର୍ଲାଙ୍ଗ ଦୂରରେ ଥାଆନ୍ତି, ସେମାନେ ହୁଏତ ଆମକୁ ଦେଖି ନ ଥିବେ । ଦୁହେଁ କବାଟ ଉହାଡ଼କୁ ଚାଲିଆସିଲୁ । ମୁଁ କହିଲି "ସୁଶୀଳା କଣ କରିବାକୁ ହେବ ଏଠି କଥା ହେବାର ସମୟ ନାହିଁ—ଚାଲ କୁଆଡେ ଟିକିଏ ଦୂରକୁ ଚାଲି ଯିବା । କଣ କରିଯିବ ବିଚାର କରି ସାରିଲା ପରେ ତୁ ଘରକୁ ଫେରିବୁ ।" ସୁଶୀଳା ବିଳମ୍ବ ନ କରି କହିଲା, 'ଚାଲ' । ଆମେ ଦୁହେଁ ଏକ ପ୍ରକାର ଦଉଡ଼ି ଦଉଡ଼ି ଜଙ୍ଗଲ ଭିତରକୁ ଚାଲିଗଲୁ । ସେଇଠି ଗଛ ଉହାଡ଼ରେ ବସି ନାନା ପ୍ରକାର ଦୁଃସମ୍ଭାବନା ବିଷୟରେ କଥାବାର୍ତ୍ତା ହେଲୁ ।

ପରିଶେଷରେ ଠିକ୍ ହେଲା ଯେ ମାମୁଁ ମାଇଁ ପରିବାର ଯେତେବେଳେ ଆସିଛନ୍ତି ହୁଏତ ଦୁଇ ଚାରିଦିନ ରହିବା ପାଇଁ ପ୍ରସ୍ତୁତ ହୋଇ ଆସିଥିବେ । ତାହେଲେ ଚିନ୍ତା କରିବାର କିଛିନାହିଁ—କାରଣ ଠିକାଦାର

Digitized by srujanika@gmail.com

ନିଶ୍ଚୟ ଫେରି ଆସିବ ଏବଂ ମୁଁ ତା ସାଙ୍ଗରେ ଅଲଗା ଭାବରେ କଥାବାର୍ତ୍ତା ହୋଇ କେମିତି ଝାଟାନଗରକୁ ପଳାଇବେ ତାର ବ୍ୟବସ୍ଥା କରାଯିବ ।

ବିଶେଷତଃ ଏ କଥା ଠିକ୍ ହେଲା ଯେ ସେମାନେ ଯଦି ସଙ୍ଗେ ସଙ୍ଗେ କାଲି ଫେରନ୍ତା ଟ୍ରେନରେ ଯିବାପାଇଁ ପ୍ରସ୍ତାବ କରନ୍ତି ତାହେଲେ ସୁଶୀଳା ତାଙ୍କୁ ଦୁଇ ତିନିଦିନ ରହିବାପାଇଁ ଜିଦ୍‌ କରିବ—ନିହାତି ଯଦି ନ ମାନନ୍ତି ଟ୍ରେନରେ ତାଙ୍କ ସାଙ୍ଗରେ ଯିବ—ଏବଂ ମୁଁ ଅନ୍ୟ କୌଣସି ଉପାୟରେ ଝାଟାନଗର ଆଜି ଚାଲିଯାଇ ଠିକାଦାରକୁ ଖବର ଦେବି ଏବଂ ସେ ଷ୍ଟେସନକୁ ଆସିବ । ତାକୁ ନେଇଯିବ । କଲିକତା ଯିବାପାଇଁ ମାତ୍ର ଗୋଟିଏ ପାସେଞ୍ଜର ଗାଡ଼ି, ସେ ଗାଁ ଷ୍ଟେସନରେ ରହେ—ତେଣୁ ଆଉ ଅନ୍ୟ କୌଣସି ପ୍ରକାର ଯିବାର ବ୍ୟବସ୍ଥା ହେବାର କୌଣସି ପ୍ରଶ୍ନ ନାହିଁ । ସୁଶୀଳା ଏ ସବୁ ପ୍ରସ୍ତାବରେ ରାଜି ହେଲେ ମଧ୍ୟ ମନରେ ତାର ଆଶଙ୍କା ରହିଥାଏ । ସେ କହିଲା, "ଯଦି ଝାଟାନଗରରେ ତାକୁ ଓହ୍ଲାଇ ନେବାପାଇଁ ଠିକାଦାର ଆସି ନ ଥାଏ ସେ ଆଉ ଜୀବନ ରଖିବ ନାହିଁ । ଝାଟାନଗରରୁ ଆଗକୁ ଯିବା ବାଟରେ କେଉଁଠି ହେଲେ ଗାଡ଼ିରୁ ଡେଇଁ ପଡ଼ି ପ୍ରାଣ ହରାଇ ଦେବ । ମୁଁ ତାକୁ ସେପରି ଆଶଙ୍କା ନ କରିବା ପାଇଁ ଉପଦେଶ ଦେଇ ଚାଲି ଆସିଲି । ସୁଶୀଳା ତା ଘର ଆଡ଼କୁ ଫେରିଲା ।

ମୁଁ ଘରେ ପହଞ୍ଚି ତରବରରେ ମୁଠାଏ ଖାଇ ଦେଇ ଷ୍ଟେସନକୁ ଚାଲିଆସିଲି । କଲିକତା ଯିବା ଗାଡ଼ି ଦିନ ୧୨ଟା ୨୫ ମିନିଟରେ ପହଞ୍ଚିବା କଥା । ଆଉ ଅଧଘଣ୍ଟା ସମୟ ଥାଏ । ଗାଡ଼ି ଆସିଲା । ସେଥିରେ ବସିଲି । ବାଟଯାକ ମନରେ ଭାବୁଥାଏ ସୁଶୀଳାକୁ ତା ମାମୁଁ ମାଇଁ ମାରପିଟି ପକାଇଥିବେ କି ? ଯେଉଁ ଯୋଜନା ହୋଇଛି ସୁଶୀଳା ପାଖରୁ ତା ଜାଣି ପକାଇଥିବେ କି ? ଇମିତି ଭାବ ଭାବ ରାତି ପ୍ରାୟ ୯ଟା ବେଳକୁ ଝାଟାନଗରରେ ପହଞ୍ଚିଲି । ଠିକାଦାର ଘରକୁ ଯାଇ ତାକୁ ସବୁ କଥା କହିଲି ।

ତା ପରେ ବହୁତ ସମୟ ଧରି ନାନାପ୍ରକାର ଆଲୋଚନା କଲୁ । ମୋଟର ଗାଡ଼ିରେ ରାତାରାତି ଯାଇ ସକାଳୁ ସୁଶୀଳାକୁ ନେଇ ଆସିବା କଥା ମଧ୍ୟ ବିଚାର ହେଲା । କିନ୍ତୁ ସେଥିରେ ବିପଦ ରହିବ ଯଦି

Digitized by srujanika@gmail.com

କୌଣସି କାରଣରୁ ଫେରଫାର୍ ହୋଇଯାଏ ତାହାହେଲେ ଆଉ ଦେଖା ହୋଇ ପାରିବ ନାହିଁ ।

ପରିଶେଷରେ ଠିକ୍ ହେଲା ଯେ ମୁଁ ଗୁଡାଗୁଡ ଆଉ ଗୋଟିଏ ମୋଟର ଗାଡ଼ିରେ ଆସି ଟାଟାନଗରର ପ୍ରାୟ ଚାରି ପାଞ୍ଚଟି ଷ୍ଟେସନ ଆଗରୁ ଗୋଟିଏ ଷ୍ଟେସନରେ ରହିବ ଏବଂ ଯଦି ଦେଖିବ ଯେ ସୁଶୀଳାକୁ ତା ମାମୁଁ ମାଇଁ ନେଇ ଯାଉଥାନ୍ତି ତାହେଲେ ସେଇ ଗାଡ଼ିରେ କୌଣସି ମତେ ଚଢି ସୁଶୀଳାକୁ ଖବର ଦେବ ଯେ ଠିକାଦାର ନିଶ୍ଚିପ୍ତ ତାକୁ ଟାଟାନଗରରେ ଓହ୍ଲାଇ ନେବ । ଟାଟାନଗର ବଡ଼ଷ୍ଟେସନ—ଗାଡ଼ି ଅନେକ ସମୟ ରହେ । ତେଣୁ ସେଇଠି ଓହ୍ଲାଇ ନେବା ସୁବିଧା ହେବ ।

ସେଇ ଅନୁସାରେ କାର୍ଯ୍ୟ ହେଲା । ମୁଁ ଖାଇସାରି ଆଉ ଗୋଟିଏ ଗାଡ଼ିରେ ଆସି ଚକ୍ରଧରପୁରରେ ଅପେକ୍ଷାକରି ରହିଲି । ମୁଁ ଏବଂ ଡ୍ରାଇଭର ପ୍ଲାଟଫର୍ମରେ ଥାଉ । ଗାଡ଼ି ଆସିଲା, ଦେଖିଲି ଗୋଟିଏ ସେକେଣ୍ଡ କ୍ଲାସ ଡବାରେ ସୁଶୀଳା ତା ମାମୁଁ ମାଇଁ ଆଉ ଛୁଆପିଲାଙ୍କ ସହିତ ବସିଥାଏ । ମୋତେ ଦେଖି ଡବା ଭିତରୁ ମୁହଁକାଢ଼ି ସେ କଥା ହେବାକୁ ଚାହିଁଲା । ମୁଁ ତାକୁ ଚୁପ୍ ହେବାକୁ ସଙ୍କେତ ଦେଇ କହିଲି, "ସବୁ ଠିକ୍ଅଛି, ଟାଟାନଗରରେ ଓହ୍ଲାଇବାର ବ୍ୟବସ୍ଥା ହୋଇଛି । ଠିକାଦାର ଜଗିଥିବ ଚିନ୍ତିତ ହେବାର କାରଣ ନାହିଁ । ମୁଁ ବି ଏଇ ପାଖ ଡବାରେ ବସି ଏଇ ଗାଡ଼ିରେ ଆସୁଛି ।" ଏତିକି କହି ପାଖ ଡବାକୁ ଚାଲିଆସିଲି । ଡ୍ରାଇଭର ହାତରେ ଆମର ଆସିବାର ଖବର ଦେଇ ତାକୁ କହିଲି ତୁମେ ସିଧା ଯାଇ ଶୀଘ୍ର ଟାଟାନଗରରେ ଏ ଗାଡ଼ି ପହଞ୍ଚିବା ପୂର୍ବରୁ ପହଞ୍ଚିବାର ଚେଷ୍ଟା କରିବ ଏବଂ ଠିକାଦାରକୁ ଆମର ଏ ଗାଡ଼ିରେ ଯାଉଥିବାର ଖବର ଦେବ ।

ଡ୍ରାଇଭର ହଁ କହି ଚାଲିଗଲା । କିଛିକ୍ଷଣ ପରେ ଗାଡ଼ି ଚାଲିଲା । ମୁଁ ଗୋଟିଏ କାଗଜ ମୋ ପକେଟରୁ ବାହାରକରି ସେଥିରେ ଲେଖିଲି, 'ସୁଶୀଳା, ତୁମ ମାମୁଁ ମାଇଁ ତୁମକୁ ହୁଏତ ବହୁତ ଗାଳି ଗୁଲଜ କରିଥିବେ —ହଇରାଣ କରିଥିବେ—ଜାଣିବାକୁ ବହୁତ ଇଚ୍ଛା ହେଉଛି । କିନ୍ତୁ

Digitized by srujanika@gmail.com

କଥାବାର୍ତ୍ତା ହେବାର ଉପାୟ ନାହିଁ । ମୋତେ ତୁମର ମାମୁଁ ଦେଖିଲେ ହୁଏତ ସତର୍କ ହୋଇଯିବେ । ତେଣୁ ମୁଁ ଏଥିପାଇଁ ଚେଷ୍ଟା କରୁନାହିଁ । ଟାଟାନଗର ପହଞ୍ଚିବାର ଗୋଟିଏ ଷ୍ଟେସନ ଆଗରୁ ମୁଁ ତୁମ ଡବାକୁ ଆସିବି । ତୁମେ ଚଟପଟ୍ ଟାଟାନଗରରେ ଓହ୍ଲାଇଯିବା ପାଇଁ ପ୍ରସ୍ତୁତ ହୋଇଥିବ । ମୁଁ ସେଇଠି ଓହ୍ଲାଉନାହିଁ—ଠିକାଦାରଙ୍କୁ କହିଛି ଆଗକୁ ଚାଲିଯିବି ମୋ ଗାଁକୁ ଏବଂ ଦିନେ ଦୁଇ ଦିନ ପରେ ଟାଟାନଗରକୁ ଆସି ପୁଣି ତୁମ ସାଙ୍ଗରେ ଭେଟ ହେବ ।” କାଗଜଟିରେ ଲେଖିସାରି ମୋଡ଼ିମାଡ଼ି ହାତରେ ଧରିଲି । ପର ଷ୍ଟେସନରେ ଚଟାଚଟ ଯାଇ ସୁଶୀଳା ହାତକୁ ବଢ଼ାଇଦେଲି ଏବଂ ମୋର ଡବାକୁ ଫେରି ଆସିଲି । ମନେ ମନେ ଭାବିଲି ଟିକିଏ ବେଶ ବଦଳାଇ ଦେଇ ସେ ଡବାରେ ବସିଲେ କମିତି ହୁଅନ୍ତା । ଗାଧୁଆ ଘର ଭିତରକୁ ପଶି ଜାମିଜ ବଦଳାଇ ଦେଲି । ଧୋତି ପରିବର୍ତ୍ତେ ଗୋଟିଏ ପେଣ୍ଟୁଲୁନ ପିନ୍ଧିଲି । ମୁଣ୍ଡରେ ଗୋଟିଏ ପଗଡ଼ିଟିଏ ବାନ୍ଧିଲି । ଦର୍ପଣରେ ଦେଖିଲି ମୋ ଚେହେରା ବେଶ୍ ବଦଳି ଯାଇଛି । ପଗଡ଼ିଟି ମୁଣ୍ଡରୁ କାଢ଼ିଲେ ଯାଇ ମୋତେ ଚିହ୍ନି ହେଉଛି । ପୁଣି ପଗଡ଼ିଟି ମୁଣ୍ଡରେ ଭିଡ଼ିଲି ।

ଗାଡ଼ି ଅନ୍ୟ ଷ୍ଟେସନରେ ଯେପରି ପହଞ୍ଚିଲା ମୁଁ ଏଇ ଡବାକୁ ଚାଲିଆସିଲି । ଏଇଠି ବସିଲି । ସୁଶୀଳା ମଧ୍ୟ ମୋତେ ଚିହ୍ନି ପାରୁ ନ ଥାଏ । ପଗଡ଼ିଟି ଅଳ୍ପ କାଢ଼ି ତା ଆଡ଼କୁ ଚାହିଁବାରୁ ସେ ଚିହ୍ନି ପାରିଲା । ତା ଓଠରେ ଟିକିଏ ଆଶା ଓ ଆନନ୍ଦର ହସ ଫୁଟିଲା । ମୁଁ ଚୁପ୍ ହେବାକୁ ସଙ୍କେତ ଦେଇ ପୁଣି ପଗଡ଼ିଟି ମୁଣ୍ଡରେ ଭିଡ଼ିଦେଲି । ସୁଶୀଳା ଗାଧୁଆ କୋଠରୀକୁ ଯାଇ ଭଲ ଶାଢ଼ୀଟିଏ ପିନ୍ଧି ବାହାରିଲା । ତାପରେ ତ ଟାଟାନଗର, ତୁମେ ସବୁ ଦେଖିଛ, ଜାଣିଛ ।

ଶ୍ୟାମବାବୁ ଗୋଟିଏ ଦୀର୍ଘ ନିଶ୍ୱାସ ପକାଇ କହିଲେ, 'ହୁଁ' ଏତେ ବଡ଼ କାହାଣୀ ।

Digitized by srujanika@gmail.com

ଏବେ ମୋ ଓହ୍ଲାଇବା ଷ୍ଟେସନ ପହଞ୍ଚିବ । ବହୁତ ରାତି ହେଲାଣି । ଆପଣ ଶୋଇ ପଡ଼ନ୍ତୁ କହି ଯାତ୍ରୀ ତାଙ୍କୁ ଜାଗା ଛାଡ଼ିଦେଲେ । ଗାଡ଼ି ଆସି ଷ୍ଟେସନରେ ପହଞ୍ଚିଲା । ସେ ଯାତ୍ରୀ ଶ୍ୟାମବାବୁଙ୍କ ଠାରୁ ବିଦାୟ ନେଇ ଓହ୍ଲାଇ ଗଲେ ।

ଶାମବାବୁ ଗୋଡ଼ ହାତ ଲମ୍ବାଇ ଆଖିବୁଜି ଶୋଇ ପଡ଼ିବାକୁ ଚେଷ୍ଟାକଲେ ।

Digitized by srujanika@gmail.com

ରବୀନ୍ଦ୍ରନାଥ କ୍ଷୁଦ୍ରଗଳ୍ପର ସ୍ୱରୂପନେଇ ମନ୍ତବ୍ୟ ଦେଇଛନ୍ତି :

ଛୋଟ ପ୍ରାଣ ଛୋଟ ବ୍ୟଥା ଛୋଟ ଛୋଟ ଦୁଃଖ କଥା
ନିତାନ୍ତ ହିଁ ସହଜ ସରଳ
ଛୋଟ ଛୋଟ ଦୁଃଖରାଶି ପ୍ରତ୍ୟହ ଯେ ଯାଏ ଭାସି
ତାର ଦୁଇ ଚାରି ଅଶ୍ରୁଜଳ,
ନାହିଁ ବର୍ଣ୍ଣନାର ଛଟା ଘଟଣାର ଘନଘଟା
ନାହିଁ ତତ୍ତ୍ୱ ନାହିଁ ଉପଦେଶ
ଅନ୍ତରେ ଅତୃପ୍ତି ରହେ ସାଙ୍ଗ ନେଇ ମନେହୁଏ
ଶେଷହୋଇ ହେଲାନାହିଁ ଶେଷ ।

ଏହି ଉକ୍ତି ଶ୍ରୀ ହରିହର ପଟେଲଙ୍କ କ୍ଷୁଦ୍ରଗଳ୍ପସମୂହ ଉପରେ ନିର୍ଭରସହ ପ୍ରୟୋଗ କରାଯାଇପାରେ । ଦୈନନ୍ଦିନ ପ୍ରବହମାନ ଜୀବନର କେତୋଟି ମାନବ ସଂଘର୍ଷ ସମ୍ବଳିତ ଘଟଣା ନେଇ କଥାକାର କ୍ଷୁଦ୍ରଗଳ୍ପର ପ୍ରାଣପ୍ରତିଷ୍ଠା କରିଛନ୍ତି । ଏହି ଘଟଣା ହୁଏତ ବାହ୍ୟ ବା ଆର୍ନ୍ତ୍ୟ ହୋଇପାରେ । ବାସ୍ତବତାର ପୃଷ୍ଠଭୂମି ଉପରେ ଯଦି କଥାବସ୍ତୁର ପ୍ରତିଷ୍ଠା କରାଯାଏ ତାହା ଜୀବନଧର୍ମୀ ହୋଇଉଠେ । ଶ୍ରୀ ପଟେଲ୍ ପଶ୍ଚିମ ଓଡ଼ିଶାର ଆଦିମ ଜୀବନ ସହିତ ସଭ୍ୟତାର ତୀବ୍ର ସଂଘର୍ଷ ଭୂମିକା ଉପରେ ତାଙ୍କର କ୍ଷୁଦ୍ରଗଳ୍ପ ଏଠାରେ ଆଧାରିତ କରିଛନ୍ତି । ଶିଳ୍ପ ପ୍ରସାର ପଶ୍ଚିମ-ଜଗତର ଧର୍ମ, ଔଦାର୍ଯ୍ୟ ଓ ବ୍ୟକ୍ତି ସ୍ୱାଧୀନତା ସହିତ ସଂଘର୍ଷରେ ।

ଆଦିମ ସଂସ୍କୃତିର ପରାଜୟ ହୋଇଛି ଏବଂ ଦେଖାଦେଇଛି ଏକ-ପ୍ରକାର ଟ୍ରାଜେଡ଼ି, ଯାହାକି ନିୟତି ନିୟନ୍ତ୍ରିତ—ଠିକ୍ ଯିମିତି ଥୋମାସ୍ ହାର୍ଡ଼ିଙ୍କ ଉପନ୍ୟାସ ସମୂହରେ ଏହା ବାରମ୍ବାର ଅବଧାରିତ । ଏହି

Digitized by srujanika@gmail.com

ଅବଶ୍ୟମ୍ଭାବିତା ପାଇଁ ସନାତନ ଆର୍ଯ୍ୟ ସଂସ୍କୃତିର ନୈତିକ ପ୍ରଭାବ ଅନସ୍ୱୀକାର୍ଯ୍ୟ ।

ଶ୍ରୀ ପଟେଲଙ୍କ କ୍ଷୁଦ୍ରଗଳ୍ପ ସମୂହର ସମାହିତ ଦ୍ୱନ୍ଦ୍ୱ ଆଜିକାର ପଶ୍ଚିମାଞ୍ଚଳ ଓଡ଼ିଆର, ଏ ସୀମାନ୍ତର ସଂସ୍କୃତି ଉପରେ ସାହିତ୍ୟ ନାହିଁ । ଲୋକଗାଥା, ନୃତ୍ୟ ଓ ବିଶ୍ୱାସ ବାହ୍ୟ ପ୍ରଭାବ ଗୃପ ଫଳରେ କଣ୍ଠଗତ ପ୍ରାଣ ପ୍ରାପ୍ତ । ଲେଖକ ନିଜେ ଏ ଅଞ୍ଚଳର ଅଧିବାସୀ ଏବଂ ପ୍ରତ୍ୟକ୍ଷ ଅନୁଭୂତି ଲବ୍‌ଧ ଜ୍ଞାନ ନେଇ ତାଙ୍କର ନାୟକନାୟିକାମାନଙ୍କୁ ଏଇ ଆବର୍ତ୍ତନ ମଧ୍ୟରେ ସଂଜୀବିତ କରିଅଛନ୍ତି—ସେ ଜୀବନ ଅବଶ୍ୟ ଜୀବନ୍ତ ମରଣ ।

ଶେଲିଙ୍କ କବିତା ଉପରେ ମନ୍ତବ୍ୟ :

Our sweetest songs are those that tell of saddest thought. ଏହି କ୍ଷୁଦ୍ର ଗଳ୍ପ ସଂକଳନ ଉପରେ ମଧ୍ୟ ସର୍ବାନ୍ତକରଣରେ ପ୍ରୟୋଗ କରାଯାଇପାରେ ।

ବିନୋଦଚନ୍ଦ୍ର ନାୟକ

Digitized by srujanika@gmail.com

ସୁନ୍ଦରଗଡ଼ ଜିଲ୍ଲାର ଉଜ୍ଜ୍ୱଳପୁର ଗ୍ରାମରେ ସେପ୍ଟେମ୍ବର ୧୯୨୪ ଖ୍ରୀଷ୍ଟାବ୍ଦରେ ଲେଖକଙ୍କର ଜନ୍ମ । ଭବାନୀ-ଶଙ୍କର ହାଇସ୍କୁଲରୁ ମେଟ୍ରିକ ପରୀକ୍ଷା ଦେବାପରେ ସେ ରେଭେନ୍ସା କଲେଜରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ୧୯୪୨ର 'ଭାରତଛାଡ଼' ଆନ୍ଦୋଳନ ଏବଂ ଭାରତର ସ୍ୱାଧୀନତା ପ୍ରାପ୍ତି ସମୟ ମଧ୍ୟରେ ତାଙ୍କର ଉଚ୍ଚଶିକ୍ଷାର ସମାପ୍ତି ହୋଇଥିଲା ଏବଂ ଛାତ୍ର ଜୀବନରୁ ସେ ରାଜନୀତି ଭିତରକୁ ଟାଣି ହୋଇ ଯାଇଥିଲେ । ସେ ୧୯୪୭ରେ ବି. ଏ. ପାସ୍ କଲା ପରେ ଏମ୍. ଏ. ଏବଂ ଆଇନ ଶ୍ରେଣୀରେ ଯୋଗ ଦେଇଥିଲେ ଏବଂ ୧୯୪୮ରେ ଆଇନ୍ ପାସ୍ କରିବା ପରେ ସୁନ୍ଦରଗଡ଼ରେ ଓକିଲାତି ଆରମ୍ଭ କରିଥିଲେ । ଏମ୍ ଏ. ପରୀକ୍ଷା ଦେବାର ଆଉ ଅବକାଶ ନ ଥିଲା ।

ଓକିଲାତି ଆରମ୍ଭର ଅଳ୍ପ ସମୟ ପରେ ସେ ପୁଣି ରାଜନୀତିରେ ଓତପ୍ରୋତ ଭାବରେ ଜଡ଼ିତହୋଇ ପଡ଼ିଲେ ଏବଂ 'ଗଣତନ୍ତ୍ର ପରିଷଦ'ର ପ୍ରତିଷ୍ଠାତା ସଭ୍ୟମାନଙ୍କ ମଧ୍ୟରୁ ସେ ଜଣେ । ୧୯୫୮ରୁ ୧୯୬୧ ପର୍ଯ୍ୟନ୍ତ ସେ ରାଜ୍ୟସଭାରେ ସଭ୍ୟ ଥିଲେ । ୧୯୬୧ରେ ନିର୍ବାଚିତ ହୋଇ ଓଡ଼ିଶା ବିଧାନ ସଭାକୁ ଆସିଲେ । ୧୯୬୭ରେ ନିର୍ବାଚିତ ହେବାପରେ ଓଡ଼ିଶାର ମନ୍ତ୍ରୀ-ମଣ୍ଡଳରେ ମଧ୍ୟ ଶିଳ୍ପମନ୍ତ୍ରୀ ରୂପେ ସ୍ଥାନ ପାଇଥିଲେ । ରାଜନୀତିରେ ସଂଶ୍ଳିଷ୍ଟ ଥିଲେ ମଧ୍ୟ ସାହିତ୍ୟ ସାଧନା ପ୍ରତି ତାଙ୍କର ସବୁବେଳେ ଅନୁରାଗ ରହିଛି । ତାଙ୍କର ପ୍ରକାଶିତ ପୁସ୍ତକମାନ ହେଉଛି—'ଗୁଞ୍ଜରଣ' (କବିତା) ଏବଂ 'ଶେଠଜୀଙ୍କର ଗାନ୍ଧି ଜୟନ୍ତୀ' (କ୍ଷୁଦ୍ରଗଳ୍ପ) । ଏ ସମସ୍ତ ବ୍ୟତୀତ ତାଙ୍କର ରାଜନୀତିକ ଏବଂ ସାହିତ୍ୟ ସମାଲୋଚନା ମୂଳକ ଅନେକ ଲେଖା ମଧ୍ୟ ପତ୍ର-ପତ୍ରିକାମାନଙ୍କରେ ଅନେକଥର ପ୍ରକାଶିତ ହୋଇଛି ।

Digitized by srujanika@gmail.com